

**ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ; ଭାରତ ବିଜୟୀ**

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-89 ◆MONDAY ◆22 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୯ ◆ସୋମବାର ◆୨୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପୁରୁଣା ଭିସାଧାରୀଙ୍କୁ ଆଶ୍ୱସ୍ତି

# ଏଚ୍-୧ବି ଭିସା ଲାଗି 'ୱାନ୍ ଟାଇମ୍' ଦେୟ

■ **ୱାସିଂଟନ, ୨୧।୯ (ଏଜେନ୍ସି):** ଆମେରିକାର ଏଚ୍-୧ବି ଭିସା ଫି' ବୃଦ୍ଧିକୁ ନେଇ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ସ୍ୱଷ୍ଟୀକରଣ ଦିଆଯାଇଛି। ହ୍ୱାଇଟ ହାଉସ୍‌ର ପ୍ରେସ୍ ସଚିବ କ୍ୟାରୋଲିନ ଲେଭିଟ ରବିବାର ଟ୍ୱିଟ କରି କହିଛନ୍ତି ଯେ ଏହି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନାହିଁ। ଆବେଦନ କରିବା ସମୟରେ ଥରଟେ ପାଇଁ 'ୱାନ ଟାଇମ୍' ଏହି ଦେୟ ଦେବାକୁ ହେବ। ଲଟେରିରେ ଦିଆଯାଉଥିବା ଭିସା ଉପରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ପୁରୁଣା ଭିସା ଧାରକ, ନବୀକରଣ ଏବଂ ଆଜି ପୂର୍ବରୁ ଭିସା ଆବେଦନ କରିଥିବା ଲୋକଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଚ୍-୧ବି ଭିସା ଧାରକ ଦେଶରୁ ନିର୍ଦ୍ୱନ୍ଦ୍ୱରେ ଦେଶ ବାହାରକୁ ଯାଇ ଫେରିପାରିବେ।




ଗତକାଲି ଆମରିକା ରାଷ୍ଟ୍ରପତି ଏଚ-୧ବି ଭିସା ଆବେଦନ ଦେୟକୁ ବଢ଼ାଇ ୮୮ ଲକ୍ଷ ଟଙ୍କା କରିଦେଇଥିଲେ। ଏହାପରେ ମେଟା, ମାଇକ୍ରୋସଫ୍ଟ, ଆମାଜନ ଭଳି ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଦେୟ କାର୍ଯ୍ୟକାରୀ ହେବା ଯୋଗୁଁ ଇମିଗ୍ରେସନ ଆଟର୍ଣ୍ଣି ଏବଂ କମ୍ପାନୀଗୁଡ଼ିକ ଏଚ-୧ବି ଭିସା ଧାରକ ଏବଂ ତାଙ୍କ ପରିବାରକୁ ୨୪ ଘଣ୍ଟା ଭିତରେ ଆମେରିକା ଫେରିବାକୁ କହିଥିଲେ। ଏହି ସମୟ ଭିତରେ ନ ଫେରିଲେ ଫସିଯିବାର ଆଶଙ୍କା ରହିଥିଲା। କିନ୍ତୁ ଏବେ ଆମେରିକା ପକ୍ଷରୁ ଏହି ଭିସାକୁ ନେଇ ଆଭିମୁଖ୍ୟ ସ୍ୱଷ୍ଟ କରିଦିଆଯାଉଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ କମ୍ପାନୀଗୁଡ଼ିକ ଭୟଭୀତ ହୋଇଯାଇଥିଲେ। ଏଚ୍-୧ବି ଧାରକଙ୍କୁ ଏବେ ନ ଡାକି ପରେ ଆମେରିକା ଆସିବାକୁ କହିଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ ବୋଲି କମ୍ପାନୀଗୁଡ଼ିକ ଭାବି ନେଇଥିଲେ। ଏଭଳି ନିର୍ଦ୍ଦେଶକୁ ଦେଖି ଦୀପାବଳି ଏବଂ ପୂଜା ପାଇଁ ଭାରତ ଆସିବାକୁ ଚାହୁଁଥିବା ଲୋକେ ନିଜ ଟିକଟ ବାତିଲ କରିଦେଇଥିଲେ। ୱାସିଂଟନ, ନ୍ୟୁୟର୍କ ଭଳି ପ୍ରମୁଖ ବିମାନବନ୍ଦର ଅନେକ ଲୋକ ଟିକଟ ବାତିଲ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଫେରିବା ଲାଗି ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା। ଏହାର ସୁଯୋଗ ନେଇ ଅନେକ ଏୟାରଲାଇନ୍ସ ବିମାନ ଭଡ଼ା ବଢ଼ାଇଦେଇଥିଲେ।

# ଆଜିଠାରୁ ନୂଆ ଜିଏସ୍‌ଟି ହାର

## କମିବ ଗାଡ଼ି, ଏସି, ଘିଅ, ଚିନି, ପନୀର, ପାସ୍ତା ମୂଲ୍ୟ

■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ସୋମବାରଠାରୁ ସାରାଦେଶରେ ଲାଗୁ ହେବାକୁ ଯାଉଛି ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ୪ଟି ସ୍ଲାବ୍ ବଦଳରେ ସଂଶୋଧିତ ଜିଏସ୍‌ଟି ବ୍ୟବସ୍ଥାକୁ କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮% ରେ ସୀମିତ ରଖାଯାଇଛି। ଏହା ଅଧୀନରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ରଖାଯାଇଛି। ଫଳରେ ଆସନ୍ତାକାଲି ଠାରୁ ପନିର, ଘିଅ, ସାବୁନ, ସାମ୍ପୁ ଠାରୁ ଆରମ୍ଭ କରି ସିମେଣ୍ଟ, ଏସି ଏବଂ ଛୋଟ କାର ଶସ୍ତା ହେବ। ଜୀବନ ଓ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଟିକସ ଉଚ୍ଛେଦ କରାଯାଇଛି। ଅର୍ଥାତ ଏଭଳି ବୀମା ପାଇଁ ଆଉ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ। ଅପରପକ୍ଷରେ

### ବଢ଼ିବ ପାନମସଲା, ସିଗାରେଟ, ଦାମୀ ମଦ, କୋଇଲା

ସିଗାରେଟ୍, ପାନମସଲା, ତମାଖୁ, କାର୍ବୋନେଟେଡ ପାନୀୟ, ବଡ଼ ଏସ୍‌ୟୁଭି, ଜାହାଜ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ବିମାନ କ୍ରୟ ଉପରେ ୪୦% ଟିକସ ଲାଗିବ।

ଏହାସହିତ ୩୩ଟି ଜୀବନ ରକ୍ଷାକାକରୀ ଔଷଧ ଉପରେ କୌଣସି ଟିକସ ଲାଗିବ ନାହିଁ। ବିଶେଷକରି କର୍କଟ ଏବଂ ମାରାତ୍ମକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ଏଥିରେ ସାମିଲ ରହିଛି। ଛୋଟ ଓ ମଧ୍ୟମ ଆକାରର କାର, ମୋଟରସାଇକେଲ ଉପରେ ଏବେ ୨୮% ବଦଳରେ ୧୮% ଟିକସ ଲାଗୁ ହେବ। ଅଟୋ ଯନ୍ତ୍ରାଂଶ ଏବଂ ତିନି ଚକିଆ ଯାନ ଉପରେ ଟିକସ ମଧ୍ୟ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ପୁରୁଣା ଏମ୍‌ଆର୍‌ପି ଉଲ୍ଲେଖ ଥିଲେ ବି ଏହି ବର୍ଗର ସାମଗ୍ରୀ ନୂତନ ମୂଲ୍ୟରେ ଉପଲବ୍ଧ ହେବ। ଔଷଧ ଉତ୍ପାଦନ ଏବଂ ▶ପୃଷ୍ଠା-୭

## ଜିଏସ୍‌ଟି ବଚତ୍ ଉତ୍ସବ: ମୋଦୀ



■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ଆସନ୍ତାକାଲି ଠାରୁ ଜିଏସ୍‌ଟିର ସଂଶୋଧିତ ହାର ଲାଗୁ ହେବାକୁ ଯାଉଥିବା ବେଳେ ଏହାକୁ 'ଜିଏସ୍‌ଟି ବଚତ' ଉତ୍ସବ ବୋଲି ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଠାରୁ ନବରାତ୍ରୀ ଆରମ୍ଭ ହେଉଥିବା ବେଳେ ଜିଏସ୍‌ଟିର ନୂଆ ହାର ମଧ୍ୟ କାଲି ଠାରୁ ଲାଗୁ ହେବାକୁ ଯାଉଛି। ଏହା ଦେଶବାସୀଙ୍କ ପାଇଁ ଦୋହରା ଉତ୍ସବ। ନୂଆ ଜିଏସ୍‌ଟି ହାର ଯୋଗୁଁ ୯୯ ପ୍ରତିଶତ ସାମଗ୍ରୀ ଶସ୍ତା ହେବ ଏବଂ ଏହା ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଆଶ୍ୱସ୍ତି ଆଣିବ। ଚଳିତ ଆର୍ଥିକ ବର୍ଷ ଠାରୁ ▶ପୃଷ୍ଠା-୭

## ଭିସା ପରେ ଆଉ ଏକ ବଡ଼ ଝଟ୍‌କା ଦେବେ ଟ୍ରମ୍ପ୍

# ଭାରତରୁ ଚିଙ୍ଗୁଡ଼ି ଆମଦାନୀ ବନ୍ଦ କରିବ ଆମେରିକା



**୧୬୦୦ କୋଟିର କ୍ଷତି ସହିବ ଓଡ଼ିଶା**

**ପ୍ରଭାବିତ ହେବେ ୧୫ ଲକ୍ଷ ଲୋକ**

■ **ୱାଶିଂଟନ୍, ୨୧।୯ (ଏଜେନ୍ସି):** ଏଚ୍-୧ବି ଭିସା ପରେ ଭାରତକୁ ଆଉ ଏକ ବଡ଼ ଧକ୍କା ଦେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଚିଙ୍ଗୁଡ଼ି ଆମଦାନୀ ଉପରେ କଟକଣା ଲଗାଇବେ ବୋଲି ସୂଚନା ମିଳିଛି। ଫଳରେ ଚିଙ୍ଗୁଡ଼ି ଶିଳ୍ପ ସହ ଜଡ଼ିତ ଦେଶର ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହେବେ। ଅନୁରୂପ ଭାବରେ ଆମେରିକାର ଏହି ନିଷ୍ପତ୍ତି ଯୋଗୁଁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ହେବ ଓ ଓଡ଼ିଶାରୁ ଆମେରିକାକୁ ବାର୍ଷିକ ରପ୍ତାନୀ ହେଉଥିବା ୧୬୦୦ କୋଟିର ଚିଙ୍ଗୁଡ଼ି କାରବାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଦେଶର ଚିଙ୍ଗୁଡ଼ି (ସମୁଦ୍ରିକ ଖାଦ୍ୟ) ରପ୍ତାନି ଶିଳ୍ପ ସଙ୍କଟରେ ପଡ଼ିଛି। ଏହି ଶିଳ୍ପ ସହିତ ଜଡିତ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଏହି ସମସ୍ୟା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୨୦୨୪-୨୫ ମସିହାରେ ଓଡ଼ିଶା ୪,୭୦୦ କୋଟି ▶ପୃଷ୍ଠା-୭

# ୨୪ ଘଣ୍ଟାରେ ଲଘୁଚାପ

**ପଛେପଛେ ଆଉ ଗୋଟିଏ**

**ମାସ ଶେଷ ଯାଏ ବର୍ଷା ସମ୍ଭାବନା**

■ **ଭୁବନେଶ୍ୱର, ୨୧।୯ (ସମିସ):** ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ବେଳେ କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ▶ପୃଷ୍ଠା-୭

# ବିଷ ବି ଭେଜାଲ !



**କୀଟକୁ କାଟୁ କରୁନି କୀଟନାଶକ**

■ **ଭୁବନେଶ୍ୱର, ୨୧।୯ (ସମିସ):** ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେଉଛି। ଚାଷ କାର୍ଯ୍ୟ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ଚାଷ ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ବଢ଼ି ଆସୁଥିବା ଧାନ ଗଛରେ ପତ୍ରପୋଡ଼ା ଓ ପତ୍ରମୋଡ଼ା ରୋଗ ଚାଷୀକୂଳର ମୁଣ୍ଡ ବିନ୍ଧା ବଢ଼ାଇ ଦେଇଛି। ଏହି ରୋଗ ଧାନ ଗଛକୁ ସଂପୂର୍ଣ୍ଣ ମାରି ଦେଉଛି। ଗୋଟିଏ ଗୋଟିଏ ସିଆର୍‌ରେ ଏକାଧିକ ଗଛ ନଷ୍ଟ ହେଉଥିବାରୁ ବିଲର ୭୦ ପ୍ରତିଶତ ଗଛ ନଷ୍ଟ ହୋଇଯାଉଛି। ଏଥିପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କାମ କରୁ ନ ଥିବା ଓ କୀଟନାଶକ ବିଷଗୁଡ଼ିକ ଭେଜାଲ ହେଉଥିବାରୁ ଏହା କାମ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୂଷିତ ପାଣି ଓ ଅପମିଶ୍ରିତ କ୍ଷୀର ନଜର୍‌କୁ ଆସିଥିଲା, ମାତ୍ର ଏବେ ବିଷ ବି ଭେଜାଲ୍ ▶ପୃଷ୍ଠା-୭

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ !

**ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି: ମନମୋହନ**

■ **ଭୁବନେଶ୍ୱର/ସମ୍ବଲପୁର, ୨୧।୯ (ସମିସ):** ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନାହିଁ। ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି ହେବ; ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର କରାଯିବ। ସମ୍ବଲପୁରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ଶ୍ରୀ ସାମଲଙ୍କ ଏହି ଘୋଷଣା ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ନିର୍ବାଚନରେ ପରାଜିତ ହୋଇଥିବା ଓ ଟିକଟରୁ ବଞ୍ଚିତ ହୋଇଥିବା ନେତାଙ୍କ ମନରେ ଆଶାର କିରଣ ସଞ୍ଚାର କରିଛି। ପୂଜା ଭେଟି ସ୍ୱରୂପ ନିଗମ ଓ ବୋର୍ଡରେ କିଛି ଦଳୀୟ ନେତାଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାର ୧୫ ମାସ ପୂରି ଏବେ ୧୬ ମାସ ଚାଲିଛି। ମାତ୍ର ସରକାରରେ ଖାଲିଥିବା ୬ଟି ମନ୍ତ୍ରୀପଦ ସହ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀରେ ଖାଲି ପଦଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ନିର୍ବାଚନ ସମୟରେ ଦଳୀୟ ଟିକଟରୁ ବଞ୍ଚିତ ହୋଇଥିବା ଓ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା ଥଇଥାନ ଅପେକ୍ଷାରେ ରହିଛନ୍ତି। ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକରେ ▶ପୃଷ୍ଠା-୭

## ଏମ୍‌ଇଡି ଯୋଗ୍ୟତା ନଥାଇ ଅଧ୍ୟାପକ ନିଯୁକ୍ତି

# ବନ୍ଦ ହେବ ରାଜ୍ୟର ସବୁ ବିଇଡି କଲେଜ!

■ **ଭୁବନେଶ୍ୱର, ୨୧।୯ (ସମିସ):** ରାଜ୍ୟରେ ମାତ୍ର ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ) ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହେଉନାହିଁ। ପ୍ରତିବର୍ଷ ରାଜ୍ୟରୁ ହଜାର ହଜାର ପିଲା ବାହାର ରାଜ୍ୟରେ ବିଇଡି ପଢୁଛନ୍ତି। ଓଡ଼ିଶାରେ ଥିବା ହାତଗଣତି କଲେଜରେ ମଧ୍ୟ ଯୋଗ୍ୟ ଅଧ୍ୟାପକ ନାହାନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଗତ ଯୋଗ୍ୟତା




**କୋରାପୁଟ ଡିଏଭି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର**

**ଏନ୍‌ସିଟିଇ ସ୍କାନର୍‌ରେ ପ୍ରାୟ ୨୧୪ରୁ ଅଧିକ ଅଯୋଗ୍ୟ**

ନ ଥାଇ ମଧ୍ୟ ନିଯୁକ୍ତି ପାଇଛନ୍ତି। ଅଧ୍ୟାପକ ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବା ବେଳେ ସ୍ନାତକତ୍ତୋର ସହିତ ଏମ୍‌ଇଡି ବଦଳରେ ବିଇଡି କରିଥିବା ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ତଞ୍ଚକତାକୁ ଧରିଛି ଏସ୍‌ସିଟିଇ। ରାଜ୍ୟର ୮ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିବାକୁ ସୁପାରିସ କରିଛି। ଅନ୍ୟପକ୍ଷରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୭


pfrda | UPS Unified Pension Scheme | nps national pension system | #Zaruri Hai

**ଆପଣଙ୍କ ପେନସନ୍‌କୁ ଏକ ପ୍ରତିଶ୍ରୁତିରେ ପରିଣତ କରନ୍ତୁ**

NPS ରୁ UPS କୁ ଥରଟିଏ ପରିବର୍ତ୍ତନ
ଯାହା ଆପଣଙ୍କ ପେନସନ୍ ଯାତ୍ରାକୁ ସଶକ୍ତ କରେ




**ଏକୀକୃତ ପେନସନ୍ ଯୋଜନା (UPS)**
ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଏକ ନିଶ୍ଚିତ ପେନସନ୍ ଯୋଜନା

ନିଶ୍ଚିତ ପେଆଉଟ୍ ପାଆନ୍ତୁ। ୩୦ ସେପ୍ଟେମ୍ବର ୨୦୨୫ ମଧ୍ୟରେ UPS ବାଛନ୍ତୁ। ଏହି ସୁଯୋଗ ଦ୍ୱିତୀୟ ଥର ଆସିବ ନାହିଁ !

Form A2 କୁ https://www.npscra.nsdl.co.in/ups.php ରୁ ଡାଉନଲୋଡ୍ କରନ୍ତୁ ଏବଂ ଆପଣଙ୍କ DDO କୁ ଦାଖଲ କରନ୍ତୁ କିମ୍ବା ଅନଲାଇନ୍ ଆବେଦନ କରନ୍ତୁ।

୫୯ ବୟସ ପୂର୍ବରୁ ଯେ କୌଣସି ସମୟରେ UPS ରୁ NPS କୁ ପୁଣି ବଦଳିବାର ଏକମାତ୍ର ସୁଯୋଗ ଉପଲବ୍ଧ

ଅଧିକ ସୂଚନା ପାଇଁ www.pfrda.org.in ଦେଖନ୍ତୁ କିମ୍ବା UPS Help Desk (Toll-free): 18005712930ରେ କଲ୍ କରନ୍ତୁ

@PFRDAOfficial | @PFRDAOfficial | @pfrdaofficial | /company/pfrda/ | @pfrdaofficial

## ବିପର୍ଯ୍ୟୟ ପ୍ରବଣ ଦେବଭୂମି: ୧୦ ବର୍ଷରେ ନେଲାଣି ୩୮୦୦ ଜୀବନ

ଡେରାଡୁନ, ୨୧।୯ (ଏଜେନ୍ସି): ଦେବଭୂମି ଉତ୍ତରାଖଣ୍ଡ ଏବେ ଦୈବୀ ଦୁର୍ବିପାକ ପ୍ରବଣ ରାଜ୍ୟ ପାଲଟି ଯାଇଛି । ଏହି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗତ ୧୦ ବର୍ଷ ହେଲା ଏହା ରାଜ୍ୟବାସୀଙ୍କ ପାଇଁ ଅଭିଶାପ ପାଲଟିଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ତଥ୍ୟ ଅନୁଯାୟୀ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ୨୭,୧୯୭ ଘଟଣା ଘଟିଛି । ଏହା ୩ ଜହାର ୮୩୯ ଲୋକଙ୍କ ଜୀବନ ନେଲାଣି । ଏଥି।ରେ ୬ ହଜାର ୨୦୭ରୁ ଅଧିକ ଲୋକ ଆହତ ହୋଇଛନ୍ତି । ୩୧୨ ଜଣ ଏବେ ବି ନିଖୋଜ ରହିଛନ୍ତି ।

ରିପୋର୍ଟ ଅନୁଯାୟୀ ବାଦଲ ଫଟା ବର୍ଷା ଏବଂ ଅଚାନକ ବନ୍ୟାର ସର୍ବାଧିକ ୧୪,୨୩୭ଟି ମାମଲା ସାମ୍ନାକୁ ଆସିଥିଲା । ୫,୮୩୦ଟି ଭୂସ୍ଖଳନ ମଧ୍ୟ ହୋଇଥିଲା । ପାହାଡି ରାଜ୍ୟର ଭୌଗୋଳିକ ପରିସ୍ଥିତି ଏବଂ ପରିବର୍ତ୍ତିତ ଜଳବାୟୁ ଏହି ବିପର୍ଯ୍ୟୟକୁ ଅଧିକ ଗମ୍ଭୀର କରିଦେଇଛି । ୨୦୧୫ରେ ୨୨୪ ପ୍ରାକୃତି ବିପର୍ଯ୍ୟୟ ଜନିତ ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୧୮ରେ ଏହା ୫,୦୫୬ରେ ପହଞ୍ଚି ଯାଇଥିଲା । ଚଳିତ ବର୍ଷ ବାଦଲ ଫଟା ବର୍ଷା ଏବଂ ବନ୍ୟା ୩,୭୦୬ ଘଟଣା ରେକର୍ଡ କରାଯାଇଛି । ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି । ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୧୯୯ଟି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟଣାରେ ୨୬୦ ଜଣଙ୍କ ଜୀବନ ଗଲାଣି । ୫୬୬ ଜଣ ମଧ୍ୟ ଆହତ ହୋଇଥିବା ବେଳେ ୯୬ ଜଣ ନିଖୋଜ ଅଛନ୍ତି ।

## କରୋନା ଭାଇରସ ସମ୍ପର୍କରେ ସୂଚନା ଦେଇଥିବା ଚୀନ୍ ସାମ୍ବାଦିକାଙ୍କୁ ଆଉ ୪ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଚୀନ୍‌ରୁ ଯେଉଁ କରୋନା ଭାଇରସ ସାରା ବିଶ୍ୱର ପରିବ୍ୟାପ୍ତ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା, ସେହି ଚୀନ୍‌ରେ ପ୍ରଥମଥର ପାଇଁ ଏହି ଭାଇରସ ନେଇ ସୂଚନା ଦେଇଥିବା ସାମ୍ବାଦିକା ଝାଙ୍ଗ୍ ଜେନ୍‌ଙ୍କୁ ପୁଣିଥରେ ଆଉ ୪ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଛି । କରୋନା ଭାଇରସ ସଂକ୍ରମଣ କରାଇବାର ଅଭିଯୋଗକୁ ଚୀନ୍ ନିଜ ମୁଣ୍ଡକୁ ନେବାକୁ ଚାହୁଁ ନଥିଲା । ଖାସ୍ ଏହି କାରଣ ପାଇଁ ଚୀନ ସାରା ବିଶ୍ୱକୁ ମିଛ କହି ବିଭ୍ରାନ୍ତ କରୁଥିଲା । କିନ୍ତୁ ୪୨ ବର୍ଷୀୟା ଝାଙ୍ଗ ସାରା ବିଶ୍ୱକୁ ଚୀନରେ ସଂକ୍ରମିତ ହୋଇଥିବା ଏହି ଭାଇରସ ସମ୍ପର୍କରେ ଅବଗତ କରାଇଥିଲେ । କେବଳ ସେତିକି ନୁହଁ ଫଟୋ ଓ ଭିଡିଓ ସେୟାର କରି ଚୀନ୍‌ର ମୁଖା ଖୋଲି ଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ ଚୀନ୍ ତାଙ୍କୁ ପ୍ରଥମେ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲା । ଏବେ ପୁଣି ତାଙ୍କୁ ଆଉ ୪ ବର୍ଷ ଅର୍ଥାତ ମୋଟ୍ ଉପରେ ଝାଙ୍ଗଙ୍କୁ ୮ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି । ତାଙ୍କୁ ପ୍ରଥମେ ୨୦୨୦ ଡିସେମ୍ବର ୪ ବର୍ଷ ଜେଲ୍ ହୋଇଥିଲା । ସେ ଅନଶନ ଆରମ୍ଭ କରିଥିଲେ ଓ ତାଙ୍କୁ ଜବରଦସ୍ତି ଖାଦ୍ୟ ଖୁଆଯିବା ସହ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ତେବେ ତାଙ୍କୁ ୨୦୨୪ରେ ଛାଡି ଦିଆଯାଇଥିଲା । କିନ୍ତୁ ୩ ମାସ ପରେ ତାଙ୍କୁ ପୁଣି ଗିରଫ କରାଯାଇ ସାଙ୍ଘାଇର ଡିଟେନସନ ସେଣ୍ଟରରେ ରଖାଯାଇଥିଲା । ଚୀନ୍‌ରେ କମ୍ୟୁନିଷ୍ଟ ଶାସନରେ ଗଣମାଧ୍ୟମର ସ୍ୱାଧୀନତା ପ୍ରାୟ ନାହିଁ କହିଲେ ଚଳେ । ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ୨୦୨୫ରେ ଚୀନ୍ ୧୮୦ ଦେଶ ମଧ୍ୟରୁ ୧୭୮ ତମ ସ୍ଥାନରେ ରହିଛି । ଚୀନ୍‌ରେ ଏବେ ୧୨୪ ଜଣ ସାମ୍ବାଦିକ ଜେଲ୍‌ରେ ଅଛନ୍ତି ।

## ଓଲିଙ୍କ ଗିରଫ ଦାବି କଲେ ଜେନ-ଜେଡ୍ ଗ୍ରୁପ୍

କାଠମାଣ୍ଡୁ,୨୧।୯ (ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରିବାକୁ ପାଇଁ ଦାବି ହୋଇଛି । ଦେଶରେ ହିଂସାତ୍ମକ ଆନ୍ଦୋଳନ ମାଧ୍ୟମରେ ସରକାର ପରିବର୍ତ୍ତନ କରିଥିବା ଜେନ୍ -ଜେଡ୍ ଗ୍ରୁପ୍ ନୂଆ କରି ଏହି ଦାବି କରିଛି । ସେପ୍ଟେମ୍ବର ୮ରେ ଅନୁଷ୍ଠିତ ସରକାର ବିରୋଧୀ ଆନ୍ଦୋଳନ ଅବସରରେ ସୁଟ୍ ଆଉଟ ନିର୍ଦ୍ଦେଶ ଦେବା କାରଣରୁ ୧୯ ଜଣ ବିକ୍ଷୋଭକାରୀ ମୃତ୍ୟୁବରଣ କରିଥିଲେ । ଏଥିପାଇଁ ଓଲିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ୍ କରାଯାଉ ବୋଲି ଜେନ୍- ଜେଡ୍ ଗ୍ରୁପ୍‌ର ଅନ୍ୟତମ ଉପଦେଷ୍ଟା ଡ. ନିକୋଲାସ ବୁଶାଲ ଦାବି କରିଛନ୍ତି । ନୟା ବାଣେଶ୍ୱରରେ ହୋଇଥିବା ଗୁଳିକାଣ୍ଡ ପାଇଁ ଓଲି, ଲେଖକ ଓ କାଠମାଣ୍ଡୁ ମୁଖ୍ୟ ଜିଲ୍ଲା ଅଧିକାରୀ ଛବି ରିଜାଲ ହିଁ ଦାୟୀ । ତେଣୁ ଏମାନଙ୍କୁ ତୁରନ୍ତ ଗିରଫ କରିବାକୁ ବୁଶାଲ ଦାବି କରିଛନ୍ତି । ପୁଣି ୧୯୯୦ ପରେ ସବୁ ହାଇପ୍ରୋଫାଇଲ ନେତା ଓ ଅଧିକାରୀମାନେ ଅର୍ଜନ କରିଥିବା ସମ୍ପତ୍ତି ନେଇ ଦଦନ୍ତ କରିବା ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି ।

## ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ

ମାନିଲା, ୨୧।୯ (ଏଜେନ୍ସି): ନେପାଳ ପରେ ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି । ରାଜନେତା, ଅମଲା ଏବଂ ବ୍ୟବସାୟୀଙ୍କ ବିରୋଧରେ ହଜାର ହଜାର ଲୋକ ରବିବାର ରାଜଧାନୀ ରାସ୍ତାକୁ ଓହ୍ଲାଇଛନ୍ତି । ଦୁର୍ନୀତିରେ ସମ୍ପୃକ୍ତ ଥିବା ନେତାଙ୍କଠାରୁ ଅଧିକାରୀଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଛନ୍ତି । ବନ୍ୟା ଏବଂ ଝଡ଼ ତୋଫାନ ପ୍ରବଣ ଏହି ଗରିବ ରାଷ୍ଟ୍ରରେ ବନ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ କରାଯାଇଥିବା ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି । ତେବେ ହିଂସାକୁ ରୋକିବା ପାଇଁ ପୁଲିସ ଫୋର୍ସ ଏବଂ ସୈନ୍ୟବାହିନୀକୁ ସଜାଗ ରଖାଯାଇଛି । ଐତିହାସିକ ମାନିଲା ପାର୍କରେ ଏବଂ ମୁଖ୍ୟ ଇଡିଏସଏ ରାଜପଥ ପାର୍ଶ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାର ସୁରକ୍ଷାରେ ହଜାର ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ଆମେରିକା ଏବଂ ଅଷ୍ଟ୍ରେଲିଆ ଦୂତାବାସ ନିଜ ନାଗରିକମାନଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛନ୍ତି ପ୍ରତିବାଦରୁ ଦୂରେଇ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି । ଆଜି ଆନ୍ଦୋଳନକାରୀ ମାନିଲାରୁ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ବହୁତ ହେଇଗଲା ଦୁର୍ନୀତିଗ୍ରସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କର ବୋଲି କହିଥିଲେ ।

## ପ୍ରେମିକଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ମହିଳା

ସାହାରନପୁର, ୨୧।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ପ୍ରେମିକଙ୍କ ହତ୍ୟାର ଗୋଟିଏ ଦିନ ପରେ ୧୮ ବର୍ଷୀୟା ମହିଳା ଅଙ୍କିତା ବିଷପାନ କରି ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି । ଚିଲିକାନା ଅଞ୍ଚଳରେ ରହୁଥିବା ଅଙ୍କିତା ଶନିବାର ତାଙ୍କ ଘରେ ମୃତ ଅବସ୍ଥାରେ ମିଳିଥିଲେ । ପାଖରେ ଏକ କୀଟନାଶକ ପ୍ୟାକେଟକୁ ଠାବ କରାଯାଇଛି ବୋଲି ଏଏସ୍‌ପି ସାଗର ଜୈନ କହିଛନ୍ତି । ଶୁକ୍ରବାର ତାଙ୍କ ୨୨ ବର୍ଷୀୟ ପ୍ରେମିକ ମାହିଲଙ୍କୁ ହତ୍ୟା କରାଯାଇଥିଲା । ମୃତକଙ୍କ ପରିବାର ଅଙ୍କିତାଙ୍କ ପରିବାର ଲୋକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି । ପୁଲିସ ଅଙ୍କିତାଙ୍କ ଦୁଇ ନାବାଳକ ଭାଇଙ୍କୁ ଅଟକ ରଖିଛି । ଅଙ୍କିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି ।

# ଆଫଗାନିସ୍ତାନକୁ ଧମକ ଦେଲେ ଟ୍ରମ୍ପ

## ବଗରାମ୍ ଏୟାରବେସ୍ ଫେରାଅ; ନଚେତ ଭୟଙ୍କର ପରିଣତି

ୱାସିଂଟନ, ୨୧।୯ (ଏଜେନ୍ସି):

ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ କ୍ଷୁଦ୍ର ଦେଶକୁ ନିଶାଣ କରିଛନ୍ତି । ନିଜର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ବିଶ୍ୱକୁ ଅଶାନ୍ତ ରଖିଥିବା ଟ୍ରମ୍ପ ଆଫଗାନିସ୍ତାନର ତାଲିବାନ ସରକାରକୁ ଧମକ ଦେଇଛନ୍ତି । ବଗରାମ ଏୟାରବେସ ବା ବାୟୁସେନା ଘାଟି ଆମେରିକାକୁ ନ ଫେରାଇଲେ ଭୟଙ୍କର ପରିଣତି ଭୋଗିବ ବୋଲି କହିଛନ୍ତି । ଚୀନ୍‌କୁ କାଉଣ୍ଟର କରିବାକୁ ଯାଇ ଟ୍ରମ୍ପ ଆଫଗାନିସ୍ତାନକୁ ଏଭଳି ଧମକ ଦେଇଛନ୍ତି । ଏହି ଏୟାରବେସ୍ କବ୍‌ଜା ପାଇଁ ସେନା ପଠାଇବେ କି ବୋଲି ପଚରାଯିବାରୁ ଟ୍ରମ୍ପ ସିଧାସଳଖ ଭାବେ ଏହାର ଉତ୍ତର ଦେଇ ନ ଥିଲେ । ଏ ବିଷୟରେ ଆଲୋଚନା କରିହେବନି । ଏୟାରବେସ ଶୀଘ୍ର ମିଳୁ ବୋଲି ଆମେ ଚାହୁଁଛୁ । ଯଦି ଆଫଗାନିସ୍ତାନ ଭଲ ଭାବେ ଫେରାଇବ ନାହିଁ ତେବେ ମୁଁ କ'ଣ କରିବି ତାହା ଦେଖିବେ ।

ଏହାପୂର୍ବରୁ ଟ୍ରମ୍ପ ଗୁରୁବାର ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସେ କହିଥିଲେ ଯେ ଆମେ ବଗରାମ ଏୟାରବେସ୍‌କୁ ପୁନଃ ଦଖଲ ପାଇଁ ପ୍ରୟାସ କରୁଛୁ । କାରଣ ସେହି ସ୍ଥାନରୁ ଘଣ୍ଟାଏ ଦୂରରେ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି । ଅନ୍ୟପକ୍ଷରେ ତାଲିବାନ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇଛି । ନିଜ ଅଞ୍ଚଳରେ କେବେ ବି ଆମେରିକା ସୈନିକଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି ବୋଲି କୁହାଯାଇଛି । ଆଫଗାନ ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଦୁଇ ଦେଶ ପରସ୍ପର ସହ ଭଲ ସମ୍ପର୍କ ରଖିବା ଉଚିତ । ଦୋହା ଆଲୋଚନା ଏବଂ ଚୁକ୍ତିରେ ସାମରିକ ଉପସ୍ଥିତିକୁ ଖାରଜ କରିଦିଆଯାଇଥିଲା । କିନ୍ତୁ ବାଣିଜ୍ୟ ଏବଂ ଅନ୍ୟ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲା ରହିଛି ।



ବଗରାମରେ ଚୀନ୍ ନିର୍ମାଣ କରୁଛି ପରମାଣୁ ଅସ୍ତ୍ର

ଆମେରିକା ସେନାଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି: କାବୁଲ

ସେହିପରି ଚୀନ୍ ମଧ୍ୟ ଟ୍ରମ୍ପଙ୍କ ଧମକକୁ ବିରୋଧ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଏହି ଅଞ୍ଚଳରେ ଉତ୍ତେଜନାକୁ ଉସୁକାଉଥିବା ଯେକୌଣସି କାର୍ଯ୍ୟକୁ ସମର୍ଥନ କରାଯିବନି । ଆଫଗାନିସ୍ତାନର ସ୍ୱାଧୀନତା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଚୀନ୍ ସମ୍ମାନ ଦେଉଛି । ଆଫଗାନିସ୍ତାନର ଭବିଷ୍ୟତ ଆଫଗାନ ଲୋକଙ୍କ ହାତରେ ରହିବା ଉଚିତ । ସୂଚନା ଅନୁଯାୟୀ ସରକାର ପ୍ରତିଷ୍ଠା ପରେ ତାଲିବାନ ଚୀନ୍ ସରକାରଙ୍କ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା । ତମ୍ବା ଖଣି ଏବଂ ତୈଳ ଭଣ୍ଡାର ପୁଣି ଆରମ୍ଭ କରିବା ପାଇଁ ଚୀନ୍ ଆଫଗାନିସ୍ତାନରେ ବିପୁଳ ନିବେଶ କରିଛି ।

ସୂଚନାଯୋଗ୍ୟ ଯେ ୨୦୨୧ରେ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପରେ ଆମେରିକା ଠିକଣାକୁ ତାଲିବାନ କବ୍‌ଜା କରି ନେଇଥିଲା । କାବୁଲରେ ଆମେରିକା ସମର୍ଥିତ ସରକାରର ପତନ ଘଟାଇଥିଲା । ୧୯୫୦ରେ ସୋଭିଏତ ସଂଘ ଏବଂ ଆମେରିକା ସହାୟତାରେ ବଗରାମ ଏୟାରବେସ୍ ନିର୍ମାଣ କରାଯାଇଥିଲା । ରାଜଧାନୀ କାବୁଲରୁ ୪୦ କିମି ଉତ୍ତରରେ ଅବରାମ ଏୟାରବେସ ଅବସ୍ଥିତ । ଏହା ଆମରିକାର ସବୁଠାରୁ ବଡ଼ ସାମରିକ ଘାଟି ଥିଲା । ୨୦୦୧ ରେ ହୋଇଥିବା ୯/୧୧ ଆକ୍ରମଣ ପରେ ଆମେରିକା ଏହାକୁ ବ୍ୟବହାର କରିବା ଆରମ୍ଭ କରିଥିଲା । ଏହି ବାୟୁସେନା ଘାଟିରେ ବର୍ଗର କିଙ୍ଗ ଏବଂ ପିଜା ହଟ୍ ଭଳି ରେସ୍ତୁରାଁ, ଇଲେକ୍ଟ୍ରୋନିକ୍ସ ଏବଂ ଆଫଗାନ କାର୍ପେଟ ବିକ୍ରୟ କରୁଥିବା ଦୋକାନ ଏବଂ ଏକ ବଡ଼ ଜେଲ୍ ବି ଥିଲା ।

୨୦୨୧ରେ ବାଇଡେନ ପ୍ରଶାସନ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର କରିଥିଲେ । ପରେ ତାଲିବାନ ବଗରାମ ବାୟୁସେନା ଘାଟି ଏବଂ ସରକାରଙ୍କୁ ବିତାଡ଼ିତ କରି ନିଜେ ଶାସନ କରିଥିଲା । ଟ୍ରମ୍ପ୍ କ୍ରମାଗତ ଭାବେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଚାଲିଛନ୍ତି । ସେ କେବେ ବି ବଗରାମ ଛାଡିବେ ନାହିଁ ବୋଲି କହିଛନ୍ତି । ଗତ ମାର୍ଚ୍ଚରେ ଏହି ସେନା ଘାଟିକୁ ରଖିବାକୁ ଚାହାନ୍ତି ବୋଲି ଟ୍ରମ୍ପ କହିଥିଲେ । ଚୀନ୍ ଉପରେ ନଜର ରଖିବା ଏବଂ ଆଫଗାନିସ୍ତାନର ଖଣିଜ ସମ୍ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହାର ଉଦ୍ଦେଶ୍ୟ । ଏହା ପୂର୍ବରୁ ଟ୍ରମ୍ପ ପାନାମା କେନାଲ ଏବଂ ଗ୍ରୀନଲାଣ୍ଡ ଭଳି କ୍ଷେତ୍ରକୁ କବ୍‌ଜା କରିବାକୁ କହିଥିଲେ । କାନାଡ଼ାକୁ ମଧ୍ୟ ଆମେରିକୀୟ ରାଜ୍ୟ କରିବାର ଇଚ୍ଛା ପ୍ରକଟ କରିଥିଲେ । ଏବେ ବଗରାମ ଉପକ।ରେ ସେ ଆଖି ପକାଇଛନ୍ତି ।

## ସୁରକ୍ଷା ଲାଗି କରତାରପୁର କରିଡର ଏବେ ଖୋଲିବ ନାହିଁ

ଅମୃତସର, ୨୧।୯ (ଏଜେନ୍ସି): ପାକିସ୍ତାନର ନାରୋୱାଲ ଜିଲ୍ଲାରେ ଥିବା କରତାରପୁର ସାହିବ ଗୁରୁଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଯାଇଛି । କିନ୍ତୁ ଭାରତ ସରକାର ଏହି କରିଡର ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି । ଫଳରେ ପଞ୍ଜାବ କଂଗ୍ରେସ, ଆମ ଆଦମୀ ପାର୍ଟି ଓ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ବିରୋଧ କରିଛନ୍ତି । ସୁରକ୍ଷା ତଥା ନିରାପତ୍ତା କାରଣରୁ ଏହି କରିଡରକୁ ଖୋଲାଯିବ ନାହିଁ ବୋଲି କୁହାଯାଇଛି ।

ପାକିସ୍ତାନ ପଞ୍ଜାବରେ ନିକଟରେ ହୋଇଥିବା ଭୟଙ୍କର ବନ୍ୟା ଯୋଗୁ କରତାପୁର ଗୁରୁଦ୍ୱାର ପରିସରରେ ୧୧ ଫୁଟ ପର୍ଯ୍ୟନ୍ତ ପାଣି ଭରି ଯାଇଥିଲା ଓ ଏଥିପାଇଁ ଗୁରୁଦ୍ୱାରକୁ ବନ୍ଦ କରିବାକୁ ପଡିଥିଲା । ଏବେ ବନ୍ୟା ଚାଲିଯିବା ପରେ ମରାମତି ଓ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉଛି । କିନ୍ତୁ ଭାରତୀୟ ଶ୍ରଦ୍ଧାଳୁ ସେଠାକୁ ଯାଇପାରୁ ନାହାନ୍ତି । କାରଣ ଅପରେସନ ସିନ୍ଦୂର ସମୟରୁ କରତାରପୁର କରିଡରକୁ ବନ୍ଦ କରିବାକୁ ପଡିଛି । କିନ୍ତୁ ଯଦି ପାକିସ୍ତାନ ସହିତ ଭାରତ କ୍ରିକେଟ ମ୍ୟାଚ୍ ଖେଳିପାରୁଛି, ତେବେ କରିଡର କାହିଁକି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଜିପିସି ପ୍ରଶ୍ନ କରିଛି ।

## ପୁଣି ଟ୍ରମ୍ପଙ୍କ ଦାବି; ଭାରତ-ପାକ୍ ଯୁଦ୍ଧ ଅଟକାଇଛି

ନ୍ୟୁୟର୍କ, ୨୧।୯ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାର ମୋହକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛାଡ଼ି ପାରୁନାହାନ୍ତି । ଏହି ପୁରସ୍କାରକୁ ହାତେଇବା ପାଇଁ ସେ ପୁଣି ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବାର ଦାବିକୁ ଦୋହରାଇଛନ୍ତି । ବାଣିଜ୍ୟ କାରବାର ଆଳରେ ଏ ପର୍ଯ୍ୟନ୍ତ ୭ଟି ଯୁଦ୍ଧ ଅଟକାଇଲିଣି । ତେଣୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି ଟ୍ରମ୍ପ କହିଛନ୍ତି । 'ଆମେରିକାନ କର୍ଣ୍ଣରଷ୍ଟୋନ ଇନଷ୍ଟିଚ୍ୟୁଟ ଫାଉଣ୍ଡର୍ସ ଡିନର'ରେ ସାମିଲ ହୋଇ ଟ୍ରମ୍ପ ଶନିବାର ଏହି ଟିପ୍ପଣୀ ଦେଇଥିଲେ ।

**ମୁଁ ନୋବେଲ ପାଇବାକୁ ହକ୍‌ଦାର**

ଟ୍ରମ୍ପ କହିଥିଲେ ଯେ ବିଶ୍ୱସ୍ତରରେ ଆମେ ପୁଣି ଥରେ ଏପରି କାମ କରୁଛୁ, ଯେଉଁଥି ପାଇଁ ଆମେରିକାକୁ ସମ୍ମାନ ଦିଆଯାଉଛି । ପୂର୍ବରୁ କେବେ ଆମକୁ ଏପରି ସମ୍ମାନ ଦିଆଯାଇ ନାହିଁ । ଆମେ ଶାନ୍ତି ଚୁକ୍ତି କରି ଯୁଦ୍ଧ ବନ୍ଦ କରାଉଛୁ । ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, କୋସୋଭୋ-ସର୍ବିଆ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥିଓପିଆ, ରାୱାଣ୍ଡା-କଙ୍ଗୋ ଆଦି ଯୁଦ୍ଧ ବନ୍ଦ କରିଛୁ । ଭାରତ ଏବଂ ପାକିସ୍ତାନର ନେତାଙ୍କୁ ସମ୍ମାନ କରୁଛି । ଉଭୟ ଦେଶ ଆମ ସହ ବାଣିଜ୍ୟ କାରବାର କରିବାକୁ ଚାହୁଁଥିଲେ । ତେଣୁ ଏହାକୁ ପାଥେୟ କରି ଆମେ ଯୁଦ୍ଧ ବନ୍ଦ କରିଥିଲୁ । ଏ ପର୍ଯ୍ୟନ୍ତ ଟ୍ରମ୍ପ ୪୦ ଥର ଏହି ଯୁଦ୍ଧ ବନ୍ଦ ଦାବି କଲେଣି । ୬୦ ପ୍ରତିଶତ ଯୁଦ୍ଧ କେବଳ ବାଣିଜ୍ୟ ପାଇଁ ବନ୍ଦ ହୋଇଛି ବୋଲି ସେ କହିଥିଲେ ।

ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେଲେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ଟ୍ରମ୍ପଙ୍କୁ କୁହାଯାଇଥିଲା । ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ ବାକି ସାତୋଟି ଯୁଦ୍ଧ ବନ୍ଦ କରିବାକୁ ନେଇ କ'ଣ ମିଳିବ । ମୋତେ ପ୍ରତ୍ୟେକ ଯୁଦ୍ଧ ବନ୍ଦ ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ । କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କଲେ ନୋବେଲ ପାଇବାକୁ ଯୋଗ୍ୟ ହେବେ ବୋଲି ସେମାନେ କହିଥିଲେ । କାରଣ ଏହା ହେଉଛି ସବୁଠୁ ବଡ଼ ଯୁଦ୍ଧ ।

## ଏଲ୍‌ଓସିରେ ଭାରତ-ପାକ୍ ଗୁଳି ବିନିମୟ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପୁଣି ଥରେ ଉତ୍ତେଜନା ସୃଷ୍ଟି ହୋଇଛି । କୁପୱାଡା ଜିଲ୍ଲାର ନାଉଗାଁ ସେକ୍ଟରରେ ପାକିସ୍ତାନ ପୋଷ୍ଟରୁ ୪ ରାଉଣ୍ଡ ଗୁଳିବର୍ଷା କରାଯାଇଥିଲା । ଭାରତୀୟ ଯବାନମାନେ ମଧ୍ୟ ଏହାର କଡ଼ା ଜବାବ ଦେଇଛନ୍ତି । ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ । ଏବେ ସୀମା ଶାନ୍ତ ରହିଛି । ଏହି ଘଟଣାକୁ ଔପଚାରିକ ଭାବେ ଅସ୍ତ୍ର ବିରତିର ଉଲ୍ଲଂଘନ ବୋଲି କୁହାଯିବ ନାହିଁ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାଯାଇଛି । ସେନା ତରଫରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦିଆଯାଇନାହିଁ । ଉଲ୍ଲେଖଥାଉ କି, ଶୀତଋତୁ ଆସିବା ପୂର୍ବରୁ ପାକିସ୍ତାନ ସେନା ଗୁଳିବର୍ଷଣ କରି ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଅବଶ୍ୟ ଏ ନେଇ ଭାରତୀୟ ସେନା ଭଲଭାବେ ଅବଗତ ରହିଛି ।

## କେନ୍ଦ୍ରର ଭିଡ଼ ନିୟନ୍ତ୍ରଣ ଚିନ୍ତା

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଭିଡ଼ ନିୟନ୍ତ୍ରଣକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି । ଏହାକୁ ନେଇ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି । ବିକ୍ଷୋଭ ପ୍ରଦର୍ଶନ ଏବଂ ବଡ଼ ଆୟୋଜନଗୁଡିକ ପାଇଁ ଏଥିରେ ଧ୍ୟାନ ଦିଆଯାଇଛି । କୁମ୍ଭ ଭଳି ମେଳା, ଖେଳ ଷ୍ଟାଡିୟମ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ବାବାମାନଙ୍କ ପ୍ରବଚନ ଆଦି ମଧ୍ୟ ସାମିଲ ରହିଛି । ସାମ୍ପ୍ରଦାୟିକ ଦଙ୍ଗା, ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଏବଂ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଜନଆକ୍ରୋଶ ମଧ୍ୟ ଏହାର ପରିସରରେ ରହିଛି । ନୂଆ ପରିସ୍ଥିତିକୁ ଦେଖି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି । ସାମାଜିକ ଗଣମାଧ୍ୟମ ଯୁଗରେ ଖୁବଶୀଘ୍ର ଅପପ୍ରଚାର ବ୍ୟାପିଯାଉଛି । ଭିଡ଼ର ନୂଆ ମାନସିକତା ଉପରେ ଗବେଷଣା କରାଯାଇଛି । ଏହାକୁ ଆଧାର କରି 'କ୍ରାଉଡ କଣ୍ଟ୍ରୋଲ ଆଣ୍ଡ ମାସ୍ ଗ୍ୟାଦରିଂ ମ୍ୟାନେଜମେଣ୍ଟ' ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରୁ ସୃଷ୍ଟି ହୋଇଥିବା ଆକ୍ରୋଶ ଅଚାନକ ବିକ୍ଷୋଭରେ ବଦଳି ଯାଉଥିବା ଦେଖାଯାଉଛି । ଏଥିଯୋଗୁଁ ଭାରତର ତିନୋଟି ପଡୋଶୀ ଦେଶ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ସରକାର ଭୁଶୁଡି ଯାଇଛି । ଏହାକୁ ଦେଖି ଭାରତ ସରକାର ମାର୍ଗଦର୍ଶିକା ଆଣିଥିବା କୁହାଯାଉଛି । 'ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ' ଏହି ଏସଓପି ପ୍ରସ୍ତୁତ କରିଛି । ଏଥିରେ ଅରାଜକତା ସୃଷ୍ଟି କରୁଥିବା ସଭା ପରିଚାଳନାର ଉପାୟ ଦିଆଯାଇଛି । ସାମାଜିକ ଗଣମାଧ୍ୟମ ପରିଚାଳନା ଏବଂ ଏହାର ଜବାବୀ ଉପାୟ ବିଷୟକୁ ମଧ୍ୟ ଯୋଡ଼ା ଯାଇଛି । ଭିଡ଼ ନିୟନ୍ତ୍ରଣ ମଡ୍ୟୁଲାର ମନୋବିଜ୍ଞାନ, ସାମାଜିକ ଏବଂ ଲଜିଷ୍ଟିକ ଦିଗ ସାମିଲ ରହିଛି । ବେଆଇନ ଭାବେ ଗୋଟିଏ ସ୍ଥାନରେ ଏକାଠି ହେବା ଏବଂ ଆକ୍ରମକ ବିକ୍ଷୋଭ ପ୍ରଦର୍ଶନ ପାଇଁ ସୁରକ୍ଷାବାହିନୀ ମୁତୟନର ମଡେଲ ଦିଆଯାଇଛି । ଚାଷୀ ଏବଂ ଶ୍ରମିକଙ୍କ ରାଲି ନିମନ୍ତେ ଅଲଗା ବ୍ୟବସ୍ଥାର ପ୍ରସ୍ତାବ ରହିଛି ।

**ଗାଇଡଲାଇନ୍ସ ଜାରି**

# ନେତାଙ୍କୁ ବାସ୍ତୁ ଭୟ: ସଚିବାଳୟ ଛାଡ଼ିଲେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):

ଏବେ ରାଜନୀତିରେ ବାସ୍ତୁକୁ ନେଇ ଜୋରସୋର୍‌ରେ ଚର୍ଚ୍ଚା ଚାଲିଛି । ତେଲଙ୍ଗାନାର ସବୁଠାରୁ ଯୁବ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ (୫୫)ଙ୍କୁ ବାସ୍ତୁଦୋଷ ଭୟ ଘାରିଛି । ସେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ ରାଜ୍ୟ ସଚିବାଳୟରେ ଆଉ ବସୁ ନାହାନ୍ତି । ସେ ସଚିବାଳୟର ନୂଆ କୋଠା ଛାଡ଼ି ପଳାଇଛନ୍ତି । ବଞ୍ଜାରା ହିଲ୍ସ ସ୍ଥିତ ହାଇ ସିକ୍ୟୁରିଟି ବ୍ୟବସ୍ଥା ଥିବା ତେଲଙ୍ଗାନା ପୁଲିସର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ କାମ କରୁଛନ୍ତି । ସଚିବାଳୟର ନୂଆ କୋଠାରେ ବାସ୍ତୁଦୋଷ ରହିଛି ବୋଲି ସେ କହୁଛନ୍ତି । ରେଭନ୍ତଙ୍କ ସମ୍ବନ୍ଧିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬୫୦ କୋଟି ଟଙ୍କାରେ ପ୍ରସ୍ତୁତ ଏହି ୭ ମହଲା ବିଶିଷ୍ଟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ଭବ୍ୟ କାର୍ଯ୍ୟାଳୟ ରହିଛି । ମନ୍ତ୍ରୀ, ମୁଖ୍ୟ ସଚିବଙ୍କ ସମେତ ପ୍ରମୁଖ ଅମଲାତାନ୍ତ୍ରିକ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ମୁଖ୍ୟ କେ.ଚନ୍ଦ୍ରଶେଖର ରାଓଙ୍କ ସମୟରେ ଏହି କୋଠା ନିର୍ମାଣ ହୋଇଥିଲା । ସେ ୨୦୨୩ ଏପ୍ରିଲ ୩୦ରେ ଏହାକୁ ଉଦ୍‌ଘାଟନ କରିଥିଲେ । କିନ୍ତୁ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ହାରି ଯାଇଥିଲେ । ପରେ କଂ।।ଗ୍ରେସ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ।।ନେଇଥିଲେ ।

ପୁରୁଣା ସଚିବାଳୟ କୋଠାରେ ବାସ୍ତୁଦୋଷ ଥିବା ଭାବି କେସିଆର ନୂତନ ସଚିବାଳୟ ନିର୍ମାଣ କରିଥିଲେ । ଏଥିପାଇଁ ବାସ୍ତୁ ନୀତି ଅନୁସରଣ କରି କାର୍ଯ୍ୟାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ଭାବେ ଦୁଇ ଥରର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୨୪ ଥର ପୁରୁଣା ସଚିବାଳୟ ବୁଲିବାକୁ ଯାଇଥିଲେ । ସେ ତାଙ୍କର ଅଧିକାଂଶ କାର୍ଯ୍ୟ କ୍ୟାମ୍ପ ଅଫିସ ତଥା ବାସଭବନ ପ୍ରଗତି ଭବନରୁ କରୁଥିଲେ ।

**ପୁଲିସ କମାଣ୍ଡ ସେଣ୍ଟରରୁ କରୁଛନ୍ତି କାମ**

**୬୫୦ କୋଟିରେ ପ୍ରସ୍ତୁତ ହୋଇଥିଲା ନୂଆ କୋଠା**

କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋଠାର ମୁଖ୍ୟ ପ୍ରବେଶ ଦ୍ୱାର ପ୍ରଥମେ ପୂର୍ବ ଦିଗକୁ ମୁହଁ କରି ରହିଥିଲା । ପରେ ଏହାକୁ ବନ୍ଦ କରି ଦକ୍ଷିଣ-ପୂର୍ବକୁ ସ୍ଥାନାନ୍ତରିତ କରାଯାଇଥିଲା । କେସିଆର ପ୍ରଥମେ ପୂର୍ବ ଦିଗରୁ ପ୍ରବେଶ କରିଥିଲେ । କିନ୍ତୁ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସେ ପୂର୍ବ ପ୍ରବେଶ ଦ୍ୱାରକୁ ବନ୍ଦ କରିଦେଇଥିଲେ ।

ରେଭନ୍ତଙ୍କ ଘନିଷ୍ଠଙ୍କ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ନୂତନ କୋଠାରେ ବାରମ୍ବାର ଅଣ-ନିଶ୍ୱାସୀ ଅନୁଭବ କରିଥିଲେ । ପରେ ଯାଞ୍ଚରୁ ବାସ୍ତୁଦୋଷ ଥିବା ଜଣାପଡ଼ିଥିଲା । ଏହାକୁ ସୁଧାରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପୁଲିସ ନିୟନ୍ତ୍ରଣ କକ୍ଷରେ ରହିବାକୁ ପସନ୍ଦ କରିଥିଲେ । ସେ କେବଳ ସ୍ୱତନ୍ତ୍ର ପ୍ରତିନିଧି କିମ୍ବା ଅତିଥିଙ୍କୁ ଭେଟିବା ସମୟରେ ନୂତନ ସଚିବାଳୟକୁ ଯାଇଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଘନିଷ୍ଠଙ୍କ ଅନୁଯାୟୀ କେସିଆରଙ୍କ ଅନେକ ବିଶ୍ୱସ୍ତ କର୍ମଚାରୀ ସଚିବାଳୟରେ ରହିଛନ୍ତି । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ରେଭନ୍ତ ନୂତନ କୋଠାକୁ ଯିବା ପରେ ଅନେକ ବୈଠକ କରିଥିଲେ । କିନ୍ତୁ ଏହାର ସବୁ ସୂଚନା ବାହାରକୁ ବାହାରି ଯାଇଥିଲା । ବର୍ଷ ଆରମ୍ଭରେ ଫୋନ୍ ଟ୍ୟାପିଂ ଦୁର୍ନୀତି ରେଭନ୍ତଙ୍କ ସନ୍ଦେହକୁ ଆହୁରି ମଜବୁତ କରିଥିଲା । ଏହା ପରେ ରେଭନ୍ତ ଧୀରେ ଧୀରେ ପୋଲିସ କମାଣ୍ଡ ସେଣ୍ଟରକୁ ସ୍ଥାନାନ୍ତରିତ ହେବା ଆରମ୍ଭ କରିଥିଲେ ।



ନାମ ଗୋପନ ରଖି ଜଣେ ବିଆରଏସ ନେତା କହିଛନ୍ତି ଯେ କେସିଆର ନିଜର ରାଜନୈତିକ ଉତ୍ତରାଧିକାରୀ ତଥା ପୁଅ କେ.ଟି. ରାମା ରାଓଙ୍କ ପାଇଁ ନୂତନ କୋଠା ନିର୍ମାଣ କରିଥିଲେ । ଅଗ୍ନି ସୁରକ୍ଷା ମାନ ଖରାପ ଥିବା ଦର୍ଶାଇ ସେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ କରି ପୁରୁଣା ସଚିବାଳୟକୁ ଭାଙ୍ଗି ଦେଇଥିଲେ ।

କରୋନା ସମୟରେ ଏପରି କରାଯାଇଥିଲା । ସେତେବେଳେ ରାଜ୍ୟ ଭୟଙ୍କର ଆର୍ଥିକ ସଙ୍କଟରେ ଥିଲା । ତେଣୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପଦକ୍ଷେପକୁ ବିରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଅଯଥାରେ ଅର୍ଥ ବ୍ୟୟ କରୁଥିବା କହିଥିଲେ । ଅପବ୍ୟୟ ଖର୍ଚ୍ଚ ବୋଲି କହିଥିଲେ । ଏହା ସତ୍ତ୍ୱେ କେସିଆର ବିଆରଏସକୁ ଏକ ଜାତୀୟ ଶକ୍ତି ଭାବରେ ପୁନର୍ଗଠିତ କରିବାକୁ ଚାହିଁଥିଲେ ।

୨୦୨୩ ବିଧାନସଭା ନିର୍ବାଚନରେ ପରାଜୟ ପରେ କେସିଆର ବଞ୍ଜାରା ହିଲ୍ସରେ ଥିବା ଦଳୀୟ ମୁଖ୍ୟାଳୟ 'ତେଲଙ୍ଗାନା ଭବନ'ର ମୁଖ୍ୟ ପ୍ରବେଶ ଦ୍ୱାରର ଦିଗ ପରିବର୍ତ୍ତନ କରିଥିଲେ । ପୂର୍ବରୁ ତେଲଙ୍ଗାନା ଭବନର ମୁଖ୍ୟ ଦ୍ୱାର ଉତ୍ତର-ପଶ୍ଚିମ ଦିଗକୁ ଥିଲା । ମାତ୍ର ପରେ ଉତ୍ତର-ପୂର୍ବ ଦିଗରେ ଆଉ ଏକ ଦ୍ୱାର ଖୋଲାଯାଇଥିଲା । ଜଣେ ଦଳୀୟ ନେତା କହିଥିଲେ ଯେ କୋଠା ସାମ୍ନାରେ ଏକ ବିଧି ପୋଟୁ ତଥା ଟି-ଜଙ୍କସନ୍ ଅଛି । ଯେଉଁଠାରେ ତିନୋଟି ରାସ୍ତା ଗୋଟିଏ ସ୍ଥାନରେ ମିଶୁଛି । ବାସ୍ତୁ ଅନୁସାରେ ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ । ଏହାକୁ ଦୂର କରିବା ପାଇଁ ମୁଖ୍ୟ ଦ୍ୱାରର ଦିଗ ପରିବର୍ତ୍ତନ କରାଯାଇଥିଲା ।

## ମହାଳୟା ଅମାବାସ୍ୟା




ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼

# ବାଣ ଗୋଦାମରେ ବିସ୍ଫୋରଣ:୨ ମୃତ,୧୨ ଆହତ



ହରଭଙ୍ଗା,୨୧।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଜିଆଁକଟା ଗ୍ରାମରେ ରବିବାର ସକାଳେ ଭୟଙ୍କର ବାଣ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଭୟଙ୍କର ବିସ୍ଫୋରଣରେ ବିଦ୍ୟୁତ୍ ଖୁଣ୍ଟ ଠାରୁ ଆରମ୍ଭ କରି ଘର,ଅଟୋ,ବାଇକ୍ ଏପରିକି ବାଣଥିବା ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଭୟଙ୍କର ବିସ୍ଫୋରଣ ଶବ୍ଦରେ ଲୋକଙ୍କ ଛାତିଥରି ଉଠିଥିଲା। ଏଥିରେ ଲକ୍ଷ୍ମୀଧର ବେହେରା(୫୦)ଙ୍କ ସହ ଆଉ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହା ସହିତ ଭଗବାନ ବେହେରା, ଅନନ୍ତ ବେହେରା, ଶାନ୍ତି ବାଘ,ଶ୍ରୀମନ୍ତ ବାଘ,ଅମର ବେହେରା, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା ବେହେରା,ରେଖା ବେହେରାଙ୍କ ସମେତ ୧୨ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ଅନ୍ୟପଟେ ରମା ଭୋକ୍ତା ନାମକ ଜଣେ ମହିଳା ନିଖୋଜ ଥିବା କୁହାଯାଉଛି। ସେହିପରି ଗ୍ରାମରେ ସତ୍ୟନାରାୟଣ ନାୟକ ସମେତ ପାଖ ଆଖରେ ଥିବା ଅନେକ ଲୋକଙ୍କ ପକ୍କାଘର, ଆଜବେଷ୍ଟସ୍ ଘର ଭାଙ୍ଗିଥିବା ଜଣାପଡିଛି।

ସୂଚନା ଅନୁସାରେ ଜିଆଁକଟା ଗ୍ରାମର ମାଗିସାହୁ ନାମକ ବ୍ୟକ୍ତି ଏକ ସିଲଭର ଫ୍ୟାକ୍ଟ୍ରି କରି କଂସାବାସନ କରି ବହୁଦିନ ହେଲା ସେଠାରେ ବ୍ୟବସାୟ କରୁଥିଲେ। ସେ ୧୦/୧୨ଟି ଛୋଟ ଛୋଟ ଆଜବେଷ୍ଟସ ଛପର ଘରକୁ ଭଡ଼ା ରେ ଦେଇଥିଲେ। ସେହି ଘରେ ପ୍ଲାଷ୍ଟିକ୍ ବ୍ୟବସାୟ ଠାରୁ ଆରମ୍ଭ କରି ମୁଢ଼ି ବ୍ୟବସାୟ କରୁଥିବା ଲୋକଙ୍କ ସହିତ କିଛି ଶ୍ରମିକ ଶ୍ରେଣୀର ଲୋକେ ସେଠାରେ ଭଡ଼ାରେ ରହୁଥିଲେ। ରବିବାର ସକାଳେ ପ୍ରାୟତଃ ସମସ୍ତେ କାମଧନ୍ଦାରେ ବାହାରି ଯାଇଥିଲେ। ସକାଳ ପ୍ରାୟ୧୦.୩୦ ସମୟରେ ଉକ୍ତ ଘରୁ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା।ଏଥିରେ ଚାରିଆଡ ଧୂଆଁମୟ ହୋଇଯାଇଥିଲା। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ଏବଂ ଚାରିଛକ ବଜାରରେ ଏକ ଭୂମିକମ୍ପ ଭଳି କମ୍ପନ ସୃଷ୍ଟି ହେବା ସହିତ ଲୋକଙ୍କ ଦୋକାନ ଘର କାଚ ଭାଙ୍ଗିଯାଇଥିଲା। ଏପରିକି ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଗୁରୁତର ଅବସ୍ଥାରେ ଅନେକ ଚିକିତ୍ସାଧିନ ଥିବା ଜଣାପଡିଛି।

# ଆକାଶରୁ ଖସିଲା ବଜ୍ର: ୪ ମୃତ

## ଗଞ୍ଜାମରେ ମହିଳାଙ୍କ ସମେତ ୩ ମୃତ

ଖଲ୍ଲିକୋଟ/ଦିଗପହଣ୍ଡି,୨୧।୯(ସମିସ):ଖଲ୍ଲିକୋଟ, ଦିଗପହଣ୍ଡି, ବେଗୁନିଆପଡ଼ା ଥାନା ଅଞ୍ଚଳରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା ଭରସା ନୂଆପଲ୍ଲୀ ଗ୍ରାମର ଚନ୍ଦ୍ରମା ଗୌଡ଼, ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଓ ଦିଗପହଣ୍ଡିର ବିଶ୍ୱନାଥ ଗୌଡ଼। ଚନ୍ଦ୍ରମା ଗୌଡ଼ ବିଲରେ କାମ କରୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଚନ୍ଦ୍ରମାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଗାଈଗୋଠ ନେଇ ନିକଟସ୍ଥ ବିଲରେ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଛେଳି ଚରାଇବାକୁ ଯାଇଥିବା ବେଳେ କଇଠଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ପେଣ୍ଠାଗ୍ରାମର ବିଶ୍ୱନାଥ ଗୌଡ଼ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସମୁଦ୍ରରେ ବଜ୍ରପାତ; ବାପା ମୃତ

ମହାକାଳପଡ଼ା,୨୧।୯(ସମିସ): ମାଛ ଧରିବା କାଳ ହୋଇଛି। ମଝି ସମୁଦ୍ରରେ ବଜ୍ରପାତ ଯୋଗୁଁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ହୋଇଯାଇଛି। ମହାକାଳପଡ଼ା ବ୍ଲକ୍‌ରେ ଏଭଳି ଦୁଃଖଦ ଘଟଣା ଘଟିଛି। ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ତାଙ୍କ ପୁଅ ଗୁଲିଆ ପରିଡ଼ା ମାଛ ଧରିବାକୁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଶନିବାର ଅପରାହ୍ଣରେ ଘଡ଼ଘଡ଼ି ସହ ପ୍ରବଳ

**ପୁଅ ନିଖୋଜ**

ବର୍ଷା ହୋଇଥିବାବେଳେ ଡଙ୍ଗା ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଜୟ ପରିଡ଼ା ସେହି ଜାଲ ଡଙ୍ଗା ଉପରେ ଟଳି ପଡ଼ିଥିଲେ। ରବିବାର ସକାଳେ ଅନ୍ୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ଡଙ୍ଗା ଭାସୁଥିଲା ଓ ବିଜୟଙ୍କ ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେବା ସହିତ ଉଦ୍ଧାର କରିଥିଲେ। ବାପା ସାଙ୍ଗରେ ଯାଇଥିବା ପୁଅ ଗୁଲୁଆ ପରିଡ଼ା ନିଖୋଜଥିବା ଜଣାପଡ଼ିବା ପରେ ବନ ବିଭାଗ, ପୁଲିସ ଟିମ୍ ବୋଟ୍ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିବା ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ର କହିଛନ୍ତି।

## ୨୭ରେ ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା,୨୧।୯(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଝାରସୁଗୁଡ଼ା ଆସିବେ। ଝାରସୁଗୁଡ଼ାର ଅମଲିପାଲି ଠାରେ ଥିବା ରିଜର୍ଭ ପଡିଆରେ ଆୟୋଜିତ ହେବାକୁ ଥିବା ଯୁବ ସମାବେଶର ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଭାଷଣ ଦେବେ। ଏଥିପାଇଁ ଆଜି ଆନୁଷ୍ଠାନିକ ସୂଚନା ମିଳିବା ପରେ ଅମଲିପାଲି ପଡିଆ ସହ ଅନ୍ୟ ଦୁଇଟି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଉତ୍ତରାଞ୍ଚଳ ଆଇଜି, ଜିଲ୍ଲାପାଳ ଓ ଏସପି ପଡିଆକୁ ବୁଲି ଦେଖିଛନ୍ତି। ଏହାପରେ ଅମଲିପାଲି ପଡିଆରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ସନ୍ଧ୍ୟାରେ ସାମ୍ଭାବ୍ୟ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ଦେଖିବା ପାଇଁ ଝାରସୁଗୁଡ଼ା ପହଞ୍ଚିଛନ୍ତି। ଝାରସୁଗୁଡ଼ାରେ ଯୁବ ସମାବେଶ ଆୟୋଜନ ହେବ ଓ ରାଷ୍ଟ୍ରୀୟ ସ୍ତରରେ ଯୁବକଙ୍କ ମଙ୍ଗଳ ପାଇଁ କିଛି ଯୋଜନା ପ୍ରଧାନମନ୍ତ୍ରୀ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି।

**କିଲର୍ ଦୀପକ ଲାଗି ବଢୁଛି ଅଡୁଆ।**

# ଅପର୍ଣ୍ଣା ଦୁର୍ଘଟଣା ସାକ୍ଷୀଙ୍କୁ ଜେରା କରିବ ପୁଲିସ

ଭୁବନେଶ୍ୱର, ୨୧।୯ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡରେ ଗିରଫ ହୋଇଥିବା କିଲର ସ୍ୱାମୀ ଦୀପକର କଳା କାରନାମା ଧିରେ ଧିରେ ପଦାକୁ ଆସୁଛି। ଦୀପକ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ ପୁରୁଣା ଫାଇଲ୍ ଖୋଲି ତଦନ୍ତକୁ ଜୋରଦାର କରିଛି। ତଦନ୍ତକାରୀ ଅଧିକାରୀ ଡିଏସପି ଅଜୟ କୁମାର ଦାସ ଅପର୍ଣ୍ଣାଙ୍କ ବାପା, ମାଆ, ଦାଦା, ମାମୁଁ ପୁଅ ଭାଇ, ଦୁଇ ଭଉଣୀ ସେମାନଙ୍କ ସ୍ୱାମୀଙ୍କ ବୟାନ ରେକର୍ଡ କରିଛନ୍ତି। ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ଦିନ ଶୁଭମିତ୍ରାଙ୍କୁ ଡାକ୍ତରଖାନାରେ ଦେଖିଥିବା ମାମୁଁ ପୁଅ ଭାଇ ବୟାନ ଦେଇଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକଙ୍କ ପରେ ଦୁର୍ଘଟଣା ମାମଲାର ସାକ୍ଷୀମାନଙ୍କୁ ପୁନର୍ବାର ପଚରାଉଚରା କରାଯିବ ଓ ସାକ୍ଷୀ ଥିବା ୫ ବ୍ୟକ୍ତିଙ୍କୁ ନୋଟିସ୍ କରି ଡକାଯିବ ବୋଲି ପୁଲିସ କହିଛି। ସେମାନଙ୍କ ଠାରୁ ଘଟଣା ସମ୍ପର୍କରେ ପଚରାଉଚୁରା କରିବା ସହ ବୟାନ ରେକର୍ଡ କରାଯିବ। ଏହା ଭିତରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ମାମଲାର ତଦନ୍ତ କରୁଥିବା ତଦନ୍ତକାରୀ



**ଶୁଭମିତ୍ରା ହତ୍ୟାକାଣ୍ଡରେ ୨୫ ଜଣଙ୍କ ବୟାନ ରେକର୍ଡ**

ଅଧିକାରୀ ଓ ତତ୍କାଳୀନ ଖୁଣ୍ଟୁଣୀ ଥାନା ଅଧିକାରୀଙ୍କୁ ମଧ ପଚରାଉଚରା କରାଯାଇଛି।

ଦୀପକ ଅଭିଯୋଗରେ ଦର୍ଶାଇଥିବା ଟ୍ରକର ମାଲିକ ଓ ଚାଳକଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରିବ ବୋଲି ପୁଲିସ କହିଛି। ଘଟଣା ସହିତ ସଂପୃକ୍ତ ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରିବା ପରେ ସେସବୁକୁ ତର୍ଜମା କରାଯିବ। ପ୍ରାଥମିକ ତଦନ୍ତରୁ ପ୍ରମାଣ ମିଳିଲେ କିଲର୍ ସ୍ୱାମୀ ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣୀ ଥାନା ପୁଲିସ। ତାକୁ ରିମାଣ୍ଡରେ ନେଇ ପଚରାଉଚରା କରି ପ୍ରମାଣ ଗୋଟାଇବ। ସେପଟେ ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତ କରୁଥିବା କ୍ୟାପିଟାଲ ଥାନା ପୁଲିସ ମଧ ପ୍ରମାଣ ଗୋଟାଇବାରେ ଲାଗିଛି। ଗତକାଲି ଜେସିବି ଚାଳକ ଓ ମାଲିକଙ୍କ ପଚରାଉଚରା କରିଥିବା ବେଳେ ଶୁଭମିତ୍ରାଙ୍କ ବାପା, ମାଆ, ଭାଇଙ୍କର ମଧ ବୟାନ ରେକର୍ଡ ହୋଇଛି। ଶୁଭମିତ୍ରା ହତ୍ୟାକାଣ୍ଡରେ ଏପର୍ଯ୍ୟନ୍ତ ମୋଟ ୨୫ ଜଣଙ୍କ ବୟାନ ରେକର୍ଡ କରିସାରିଲାଣି ପୁଲିସ। ଏଥିସହିତ କଲ୍ ଡିଟେଲ ରିପୋର୍ଟ (ସିଡିଆର), ସିନ୍ ରିକ୍ରିଏସନକୁ ମଧ ପ୍ରମାଣ ଭାବରେ କୋର୍ଟରେ ଦାଖଲ କରାଯିବ। ତଦନ୍ତ ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶବ୍ ବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ପୁଲିସ ଅପେକ୍ଷା କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ପୁଲିସ କହିଛି।



## ନିର୍ମାଣାଧୀନ ୭ କୋଟି ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ

# ଧସିଗଲା ନିମ୍ନମାନର ଢଳେଇ

ଭଦ୍ରେଶ୍ୱର, ୨୧।୯ (ସମିସ)



ମାହାଙ୍ଗା ଗ୍ରାମ୍ୟଉନ୍ନୟନ ବିଭାଗରେ ତିନି ଯନ୍ତ୍ରୀଙ୍କ ତ୍ରିଶଙ୍କୁ ମେଣ୍ଟରେ ଚାଲିଛି ନିମ୍ନମାନର କାର୍ଯ୍ୟ। ଏଠି କନିଷ୍ଠଯନ୍ତ୍ରୀ ଦୁର୍ନୀତିକୁ ନୀତି କରିଥିବା ବେଳେ ଦୁର୍ନୀତିକୁ ଘଣ୍ଟ ଘୋଡାଉଛନ୍ତି ସହକାରୀ ନିର୍ବାହୀ ଯନ୍ତ୍ରୀ। ଅପରପକ୍ଷେ ବିଭାଗରେ ଘଟୁଥିବା ସମସ୍ତ ଦୁର୍ନୀତି ବିଷୟରେ ଅବଗତ ଥାଇ ମଧ୍ୟ ଚୁପ୍ ବସିଛନ୍ତି ଖୋଦ ଅଧୀକ୍ଷଣ ଯନ୍ତ୍ରୀ। ଯାହା ଫଳରେ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗରେ ସୀମା ଟପିବାରେ ଲାଗିଛି ଦୁର୍ନୀତି। ତେବେ ଦୁର୍ନୀତିର ତାଲିକା ଯେତେ ଲମ୍ବୁଥିଲେ ମଧ ବ୍ୟୟବହୁଳ ଶୁଭ ଶିଳାନ୍ୟାସ କରି ଏଠି ହାତଝାଡି ବସିପଡୁଛନ୍ତି ନେତା। ଯାହାର ଏପରି ଏକ ନଜିର୍ ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ହେଉଥିବା ଏକ ରାସ୍ତା ନିର୍ମାଣ କାର୍ଯ୍ୟରେ। ଯେଉଁଠି ଆରମ୍ଭରୁ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଜଳଜଳ ହୋଇ ଦେଖାଦେଇଛି। ଫଳରେ ନିର୍ମାଣଧୀନ ଢ଼ଳେଇରାସ୍ତା ୧୫ ଫୁଟରୁ ଉର୍ଦ୍ଧ୍ୱ ଫାଟି ଚଉବେଙ୍ଗଳା ହୋଇଯାଇଥିଲା ବେଳେ ଗୋଟିଏ ସ୍ଥାନରେ ହାଇୱା ଦବି ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି। ସୂଚନା ମୁତାବକ ମାହାଙ୍ଗା ବ୍ଲକ କୋଠପଦା ଗ୍ରାମ୍ୟଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି ବରଅଠାରୁ କୁଆଁପାଳ ରାସ୍ତା। ଯେଉଁ ରାସ୍ତାଟିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ଏହି ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୭ କୋଟିରୁ ଉର୍ଦ୍ଧ୍ୱ ବ୍ୟୟବରାଦ କରାଯାଇଛି। ତେବେ ସ୍ଥାନୀୟ ବିଧାୟକ ତା୨୧.୦୫.୨୦୨୫ରିଖରେ ଏହି ରାସ୍ତାକାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିବା ବେଳେ ଜନୈକ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ରାସ୍ତା କାର୍ଯ୍ୟରେ ମୋଟା ଅଙ୍କରେ ପିସି କାରବାର ହେତୁ ଆରମ୍ଭରୁ ଠିକାଦାର ଜଣକ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏପରିକି ଠିକାଦାର ଜଣକ ଉଭୟ ପାର୍ଶ୍ୱ ପ୍ରଶସ୍ତିକରଣରେ ବ୍ୟବହୃତ ଜିଏସ୍‌ପି ବଦଳରେ ଡଷ୍ଟ ପକାଇ କାମ ଚଳାଇ ନେଉଥିବା ବେଳେ ମାଟିକାଦୁଅ ଉପରେ ନିମ୍ନମାନର ଢ଼ଳାଇ କାର୍ଯ୍ୟ କରୁଛନ୍ତି। ଏପରିକି ୬ ଇଞ୍ଚ ବଦଳରେ ମାତ୍ର ୪ଇଞ୍ଚରୁ କମ୍ ମୋଟାଇ ଢ଼େଳଇ ହେଉଥିବା ଦେଖିବାକୁ ମିଳିଛି। ଯାହା ଫଳରେ ରାସ୍ତା ବାସୁଦେବପୁର ବଜାର ଅନତିଦୂରରେ ୧୫ ଫୁଟରୁ ଉର୍ଦ୍ଧ୍ୱ ଢଳେଇ ଫାଟି ଚଉବେଙ୍ଗଳା ହୋଇଯାଇଛି। ଅପରପକ୍ଷେ ଗୋଟିଏ ସ୍ଥାନରେ ଏକ ହାଇୱା ଦବିଯିବାରୁ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି। ଯାହା ଫଳରେ ଏହି ରାସ୍ତା ନିର୍ମାଣ ଆଳରେ କୋଟି କୋଟି ସରକାରୀ ଅର୍ଥ ହରିଲୁଟ କରିବାକୁ ଏକ ମହା ଷଡ଼ଯନ୍ତ୍ର ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ତେବେ ଏହି ରାସ୍ତା ନିର୍ମାଣରେ ଏତେ ସବୁ ଅନିୟମିତତା ପରିଲକ୍ଷିତ ହେଉଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଦେଖାଦର୍ଶନ ମିଳୁନାହିଁ। ଯାହା ଫଳରେ ଠିକାଦାର ଜଣକ ନିଜ ମର୍ଜିରେ ନିମ୍ନମାନର କାର୍ଯ୍ୟ କରି ଚାଲିଛନ୍ତି। ତେବେ ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ କରୁନାହାନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

## ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

**କଣ୍ଟାପଡ଼ା, ୨୧।୯ (ସମିସ):** ଗୋବିନ୍ଦପୁର ଥାନା ଡିମିରି ପଞ୍ଚାୟତର ସରପଞ୍ଚ ଅଭିଷେକ ମହାପାତ୍ରଙ୍କୁ ଶନିବାର ବିଳମ୍ବିତ ରାତ୍ରିରେ ୬ଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ଶ୍ରୀ ମହାପାତ୍ର ଓ ତାଙ୍କର ସହଯୋଗୀ ଶୁଭକାନ୍ତ ମହାନ୍ତି ଭୁବନେଶ୍ୱର ଯାଉଥିଲା ବେଳେ ରାତ୍ର ଭୋଜନ ପାଇଁ ଏକ ରେଷ୍ଟୁରାଣ୍ଟ ଭିତରକୁ ପଶିଥିଲେ। ନୋଦା ଗ୍ରାମର ବିଶ୍ୱଜିତ ବେହେରା(କାଳିଆ), ସୁଜିତ ବେହେରା, ଗୁଡ୍ଡୁ ଦାସ, ଅଡଶପୁର ଗ୍ରାମର ଶେଖ ରାଜ, ବରାହିପୁର ଗ୍ରାମର ଚନ୍ଦନ ବେହେରା, ପତରକଣାର ଅନୟ ବେହେରା, ପୂର୍ବରୁ ସେହି ରେଷ୍ଟୁରାଣ୍ଟରେ ଖାଉଥିଲେ। ସରପଞ୍ଚଙ୍କ ପଞ୍ଚାୟତର ସୁଜିତ ବେହେରା ଓ ବିଶ୍ୱଜିତ ବେହେରା ହୋଇଥିବା ବେଳେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ସରପଞ୍ଚ ହିସାବରେ ବିଭିନ୍ନ ସମୟରେ ପ୍ରତିବାଦ କରୁଥିବାରୁ ରାଗ ରଖି ଉକ୍ତ ରେଷ୍ଟୁରାଣ୍ଟରେ ସାଥିମାନଙ୍କ ସହ ମିଶି ଗାଳିଗୁଲଜ କରିଥିଲେ। ରେଷ୍ଟୁରାଣ୍ଟର ମାଲିକ ଗଣ୍ଡଗୋଳ ହେବା ସୂଚନା ପାଇ ପିସିଆରକୁ ଡକାଇବାରୁ ସେମାନେ ସେ ସ୍ଥାନରୁ ପଳାଇ ଆସିଥିଲେ। ମାତ୍ର ସରପଞ୍ଚ ବିଳମ୍ବିତ ରାତ୍ରିରେ ତାଙ୍କ ବନ୍ଧୁଙ୍କ ସହିତ ଘରକୁ ଫେରୁଥିବା ସମୟରେ ଓଲଟପୁର ଥାନ ବରାହିପୁର ରାସ୍ତାରେ ପୂର୍ବରୁ ଜଗିଥିବା ୬ ଜଣ ଅଭିଯୁକ୍ତ ଗାଡିକୁ ଅଟକାଇ ବନ୍ଧୁକ ଓ ଛୁରି ବାହାର କରି ସରପଞ୍ଚଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ପରେ ଗୋଟିଏ ସୁନା ଚେନ ଚନ୍ଦନ ବେହେରା ନେଇଯାଇଥିବା ଅଭିଯୋଗ କରିଛନ୍ତି ଶ୍ରୀ ମହାପାତ୍ର। ଜୀବନ ବଞ୍ଚାଇବାକୁ ଯାଇ ନିକଟସ୍ଥ ବଣରେ ଲୁଚିଯିବାରୁ ଦୁର୍ବୃତ୍ତମାନେ ଉକ୍ତ ସ୍ଥାନ ଛାଡି ପଳାଇଥିଲେ। ଏନେଇ ସରପଞ୍ଚ ଓଲଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କଣ୍ଟାପଡ଼ା ବ୍ଲକର ସମସ୍ତ ସରପଞ୍ଚମାନେ ଥାନାକୁ ଯାଇ ଥାନାଧିକାରୀଙ୍କୁ ତୁରନ୍ତ ଦୋଷୀଙ୍କୁ ଧରିବା ପାଇଁ ଦାବି କରିଥିଲେ। ଯଦି ଗୋଟିଏ ଦିନ ମଧ୍ୟରେ ଦୋଷୀଙ୍କୁ ନ ଧରାଯାଏ ତେବେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସରପଞ୍ଚମାନେ ଚେତାବନୀ ଦେଇଛନ୍ତି।

## ମା' ଦଶଭୂଜାଙ୍କ ମୃଣ୍ମୟ ମୂର୍ତ୍ତିରେ ଖଡ଼ିଚଢ଼ା ନୀତି



**ସାଲେପୁର, ୨୧।୯ (ସମିସ):** ପବିତ୍ର ମହାଳୟା ଅବସରରେ ମା'ଦଶଭୂଜାଙ୍କର ମୃଣ୍ମୟ ମୂର୍ତ୍ତିରେ ଖଡିଲାଗି ରୀତି ଅନୁଷ୍ଠିତ ହୋଇଯାଇଛି। ଆଜି ମା'ଙ୍କ ମୂର୍ତ୍ତି ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା'ଙ୍କ ନବନିର୍ମିତ ମୂର୍ତ୍ତିମାନଙ୍କରେ ବିଧିବିଧାନ ଅନୁଯାୟୀ ଖଡିଚଢା ରୀତି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରୋଧପୁର ଶାରଳାପୂଜା କମିଟି, ଲୁଣାହାର ଦୁର୍ଗାପୂଜା କମିଟି, ମାଛୁଆଡି ଦୁର୍ଗାପୂଜା କମିଟି ଓ ବେଳହୁଡା ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତିରେ ଖଡିଚଢା ରୀତି ଅନୁଷ୍ଠିତ ହୋଇଥିଲା।

## ମହାକାଳୀ ଆଶୀର୍ବାଦ ସଂଘ ପକ୍ଷରୁ ଆର୍ଥିକ ସହାୟତା

**କଟକ, ୨୧।୯ (ସମିସ):** ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିବା ଗୀତା ଦେଈଙ୍କର ଆର୍ଥିକ ଅବସ୍ଥା



ଅତ୍ୟନ୍ତ ଶୋଚନୀୟ ଥିବା ଜାଣିବା ପରେ ସହାୟତାର ହାତ ବଢ଼ାଇଛି କେନ୍ଦ୍ରାପଡ଼ାର ରାଜନଗରସ୍ଥିତ ମହାକାଳୀ ଆଶିର୍ବାଦ ସଂଘ। ସଂଘ ତରଫରୁ ସଭାପତି ଦଉହରି ମହାନ୍ତି, ଉପସଭାପତି ବସନ୍ତ ଲେଙ୍କା, ସମ୍ପାଦକ ବସନ୍ତ ପ୍ରଧାନ, କୋଷାଧକ୍ଷା କୁସୁମ ପଣ୍ଡା, ସଦସ୍ୟା ପ୍ରଜ୍ଞା ପଣ୍ଡା, ସଦସ୍ୟ ରମେଶ ସେଠୀ, ଗୋପାଳ କୃଷ୍ଣ ପଣ୍ଡା, ଅଲେଖ ସାହାଣୀ, ବାଇଧର ସାହୁ ପ୍ରମୁଖ କର୍କଟ କେନ୍ଦ୍ରରେ ଗୀତା ଦେଈଙ୍କୁ ଭେଟି ତାଙ୍କ ଏକମାତ୍ର ପୁତ୍ର ଗୌତମ ଦଉଙ୍କୁ ୫ ହଜାର ୧ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସେବା କାର୍ଯ୍ୟ ଆହୁରି ଆଗକୁ ତ୍ୱରାନ୍ୱିତ ହେବ ବୋଲି ସଭାପତି ଦଉହରି ମହାନ୍ତି ପ୍ରକାଶ କରିଛନ୍ତି।

## ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଭାତ



**କଟକ, ୨୧।୯ (ସମିସ):** ନୂଆପଡ଼ା ଜିଲ୍ଲା ଖରିଆର ରୋଡସ୍ଥିତ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ବାସଭବନରେ ପହଞ୍ଚି ତାଙ୍କ ଏକାଦଶାହରେ ଯୋଗଦେବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ। ସ୍ୱର୍ଗତ ଢୋଲକିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଶ୍ରୀଜଗନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଢୋଲକିଆ ଜଣେ ବିଜ୍ଞ ରାଜନୈତିକ ବ୍ୟକ୍ତିତ୍ୱ ଓ ଜଣେ ପରୋପକାରୀ ଦରଦୀ ମଣିଷ ଥିଲେ। ନୂଆପଡ଼ା ମାଟି ତାର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଡ଼କ୍ଟର ବିଶ୍ୱାଳ ନିଜ ପ୍ରତିକ୍ରିୟାରେ କହିଥିଲେ। ଡ. ବିଶ୍ୱାଳଙ୍କ ସମେତ ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆ, ପୁତ୍ର ଜୟ ଢୋଲକିଆ, ଦୁଇ ଭାଇ ଅତୁଳ ଢୋଲକିଆ, ମହେଶ ଢୋଲକିଆଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂସ୍କୃତି କଳା ପରିଷଦ ଓଡ଼ିଶା, ନୂଆପଡ଼ା ଜିଲ୍ଲା ସଭାପତି ମଳୟ ରଞ୍ଜନ ମଣ୍ଡଳ, ସାଧାରଣ ସମ୍ପାଦକ ଦୀପକ ମିଶ୍ର ଏବଂ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ନୂଆପଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜିତ ଦାଶଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**କଟକ, ୨୧।୯ (ସମିସ):** ଅପରାହ୍ନରେ କଟକ, ସେକ୍ଟର ଆଠ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଆକାଶବାଣୀ କଟକର ପ୍ରାକ୍ତନ କାର୍ଯ୍ୟକ୍ରମ ନିଷ୍ପାଦକ, ବିଶିଷ୍ଟ ଗୀତିକାର ଅଜିତ ଦାଶଙ୍କ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକ, ଡକ୍ଟର ସୁନୀତି ଦେବୀ, ମୃତ୍ୟୁଞ୍ଜୟ ସାମଲ, ମନୋରଞ୍ଜନ ମିଶ୍ର, ଅଶୋକ ମିଶ୍ର, ଶୁଭ ନାରାୟଣ ମହାନ୍ତି, ଯୁଗଳ କିଶୋର ପଣ୍ଡା ଓ ଆକାଶବାଣୀ ଏବଂ ଦୂରଦର୍ଶନର ପଦାଧିକାରୀମାନେ ଯୋଗଦେଇଥିଲେ। ଜଣେ ସଫଳ ଗୀତିକାର, ଆକାଶବାଣୀ କାର୍ଯ୍ୟକ୍ରମ ସମ୍ପାଦନାରେ ଅଜିତ ଦାଶଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଡା. ଦେବାଶ୍ରୀତା ଦାଶ ଧନ୍ୟବାଦ ଦେଇଥିଲେ।



## ସିଦ୍ଧେଶ୍ୱର ଶୈବପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**କଟକ, ୨୧।୯ (ସମିସ):** ସାମାଜିକ ସଂଗଠନ 'ସମାଜ କଲ୍ୟାଣ ମହାସଂଘ' ପକ୍ଷରୁ କଟକର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ସିଦ୍ଧେଶ୍ୱର ମନ୍ଦିର ପରିସରରେ ତୃତୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘର ଆବାହକ ସୁବ୍ରତ କୁମାର ଶତପଥୀଙ୍କ ନେତୃତ୍ୱରେ ୪୫ରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସମସ୍ତେ ମିଳିମିଶି ସିଦ୍ଧେଶ୍ୱର ମନ୍ଦିର ପରିସର ଏବଂ ଏହାର ଆଖପାଖରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। 'ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା' ଏହି ତିନୋଟି କ୍ଷେତ୍ରରେ ସମାଜ କଲ୍ୟାଣ ମହାସଂଘ ପକ୍ଷରୁ ନିୟମିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଉଛି।

## କଲେଜରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ

**ଟାଙ୍ଗୀ, ୨୧।୯ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ପ୍ରାଥମିକ ଚିକିତ୍ସା




ପ୍ରଶିକ୍ଷଣ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ଼ ବିଲକେଶ ପରବିନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଯୋଗଦେଇ ପ୍ରାଥମିକ ଚିକିତ୍ସାର ଉପାଦେୟତା ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଥମିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସର ପରାମର୍ଶଦାତା ମାନସ କୁମାର ବେହେରା ଓ ମନିଷା ମିଶ୍ର ସହଯୋଗ କରିଥିଲେ।

## ଶିବାଜୀ ନଗର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା

**କଟକ, ୨୧।୯ (ସମିସ):** ରବିବାର ଶିବାଜୀ ନଗର ଉନ୍ନୟନ କମିଟି ତରଫରୁ କ୍ଲବ ଘରେ ଏକ ସାଧାରଣ ସଭା ସଭାପତି ପ୍ରଦୀପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାହିର ନୂତନ କମିଟି ଏକ ବର୍ଷ ପାଇ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ଉପଦେଷ୍ଟା ଭାବେ ଗୌରାଙ୍ଗ ଚରଣ ଲେଙ୍କା, ସଭାପତି ଆଇନଜୀବୀ ପ୍ରଦୀପ ମହାନ୍ତି, ଉପସଭାପତି ସଞ୍ଜୀବ ସ୍ୱାଇଁ, ବସନ୍ତ ଦାସ, ଆଲୋକ ଚାର୍ଟାଜୀ, ମିହିର ଶତପଥି, ସାଧାରଣ ସମ୍ପାଦକ ଉପେନ୍ଦ୍ର ଦାଶ, ସହ ସମ୍ପାଦକ ଶ୍ରୀକାନ୍ତ ସାହୁ, ଅନୁପ ପଟ୍ଟନାୟକ, ପ୍ରଭାସ ପ୍ରଧାନ କୋଷାଧକ୍ଷ ମାତୃଦତ୍ତ ପାତ୍ର, ସହ କୋଷାଧକ୍ଷ ରାକେଶ ସାହୁ, ଦେବବ୍ରତ ବାରିକ, କମିଟି ସଦସ୍ୟ ଭାବେ କାର୍ତ୍ତିକ ମାହାଳି, ଦୀପକ ବାରିକ, ପ୍ରଭାତ ସାହୁ, ଚିନ୍ମୟ ପରିଡ଼ା, ପ୍ରଭାସ ସେଠୀ, ସୁଶାନ୍ତ ସାହୁ, ଅନୁପ ମହାପାତ୍ର, ପ୍ରକାଶ ସାହୁ, ରାକେଶ ବେହେରା, ପ୍ରଜ୍ୱଳ ପ୍ରଧାନ ଓ ଦେବବ୍ରତ ମାହାଳି ସ୍ଥାନ ପାଇଛନ୍ତି।




## ବିଦ୍ୟାଳୟରେ ନିପୁଣ ସପ୍ତାହ କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି, ୨୧।୯ (ସମିସ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ଆହୋରଣ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ନିପୁଣ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲାଲବାଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ନାୟକଙ୍କ ପୌରୋହିତ୍ୟରେ ନିପୁଣ ସପ୍ତାହ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସିସି ସୁଶାନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଜେନା, ଶିକ୍ଷୟିତ୍ରୀ ନର୍ମଦା ରାଉତ, ଶିକ୍ଷକ ରାଜେଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅଭିଭାବକମାନେ ସେମାନଙ୍କର ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରେ କିପରି ଉତ୍ତମ ମାର୍ଗଦର୍ଶନ ଦେଖାଇବେ ତା'ର ବିଭିନ୍ନ ଧାରା ସଂକ୍ରାନ୍ତରେ ସଚେତନ କରାଇଥିଲେ।

## ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଲବିହାର, ମହୁଲବରାଇ, ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀ ସାହୁଙ୍କ ସନ୍ଦର୍ଭଟି **"KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA".** ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education) ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେର୍ଣ୍ଣା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା, ଧର୍ମପତ୍ନୀ ମିନାରାଣୀ ସାହୁ, କନ୍ୟା ଶ୍ମୃତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି।









**ସରିଲା ଶେଷ ପର୍ଯ୍ୟାୟ ଗଣେଶ ଭସାଣି**







# କଟକ ସିଟି



# ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା


କଟକ ଚଣ୍ଡୀଙ୍କ ତ୍ରିପୁରା ଭୈରବୀ ବେଶ


ଗଡ଼ଚଣ୍ଡୀଙ୍କ ହରଚଣ୍ଡୀ ବେଶ


ଝାଞ୍ଜିରୀମଙ୍ଗଳାଙ୍କ ଦକ୍ଷୀଣକାଳୀ ବେଶ


ବାସନ୍ତୀ ଦୁର୍ଗାଙ୍କ ମାତାଙ୍ଗୀ ବେଶ


ଧାକୁଲେଇଙ୍କ ମହାସରସ୍ୱତୀ ବେଶ

# ଚୋର ଚତୁର, ଠକେଇ ଅଭିନବ

- ନିଜକୁ ଡାକ୍ତର କହି ଦୋକାନୀ ମ୍ୟାନେଜରକୁ ଭୁଆଁ ବୁଲାଇଥିଲା
- ୧୪ ହଜାର ୭ ୯ ୬ ଟଙ୍କା ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ନେଇ ମାରିଥିଲା ଚମ୍ପଟ

**କଟକ, ୨୧।୯ (ସମିସ)**



ଦରଘାବଜାର ଥାନା ଅନ୍ତର୍ଗତ ବକ୍ସିବଜାରରେ ରହିଥିବା ଏକ ସାର୍ଟ-ପ୍ୟାଣ୍ଟ(ସ୍ୱାର୍କି) ସୋରୁମ୍‌ରୁ ଏକ ଅଭିନବ ଢଙ୍ଗରେ ଠକେଇ ହୋଇଛି। ଚତୁର ଚୋର ବୁଦ୍ଧି ଖଟାଇ ନିଜକୁ ଏସ୍‌ସିବି ମେଡିକାଲର ଡାକ୍ତରର ପରିଚୟ ଦେଇ ୧୪ହଜାର ୭୯୬ଟଙ୍କାର ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ଠକି ନେଇଛି। ଅଭିଯୁକ୍ତ ଜଣକ ହେଉଛି, ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ସାସମଲ୍ ଲେନ୍‌ର ବିଶ୍ୱଜିତ୍ ପ୍ରଧାନ ଓରଫ୍ ରତନ(୩୬)। ତା ନିକଟରୁ ଗୋଟିଏ ଏଲଇଡି ଟିଭି, ସ୍ୱାର୍କର୍ ଟ୍ରଲି ବ୍ୟାଗ୍, ନ୍ୟାଭି ବ୍ଲ୍ୟୁ ସ୍ୱାର୍କର୍ ଜିନ୍ସ ପ୍ୟାଣ୍ଟ, ବ୍ଲାକ୍ ଜିନ୍ସ ପ୍ୟାଣ୍ଟ, ହ୍ୱାଇଟ୍-ବ୍ଲ୍ୟୁ କଲର୍ ସ୍ୱାର୍କି ଜିନ୍ସ ପ୍ୟାଣ୍ଟ, ସ୍ୱାର୍କି ସାର୍ଟ, ମୋବାଇଲ୍ ଫୋନ୍, ଆଧାର ଓ ପ୍ୟାନ୍ କାର୍ଡ ଜବତ କରାଯାଇଛି। ତା' ନାଁରେ ପୂର୍ବରୁ ପୁରୀଘାଟ, ପାହାଲ ଓ ଦରଘାବଜାର ଥାନାରେ ୩ଟି ଠକେଇ ଓ ଚୋରି ମାମଲା ରହିଛି। ଆଜି ବିଶ୍ୱଜିତ୍‌କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ବକ୍ସିବଜାରରେ ଥିବା ସ୍ୱାର୍କି ସୋରୁମ୍‌ରେ ସଦର ଥାନା ଅନ୍ତର୍ଗତ ଉରାଳୀ ଗ୍ରାମର ସୌମ୍ୟରଞ୍ଜନ ବାରିକ ମ୍ୟାନେଜର୍ ଭାବେ କାର୍ଯ୍ୟ କରନ୍ତି। ଗତ ୬ ତାରିଖରେ ୯୬୯୨୭୨୩୩୧୪ନମ୍ବରରୁ ତାଙ୍କୁ ଏକ କଲ୍ ଆସିଥିଲା। ଅଭିଯୁକ୍ତ ବିଶ୍ୱଜିତ୍ ନିଜକୁ ମିଛରେ ଡାକ୍ତରର ପରିଚୟ ଦେଇ କଥା ହୋଇଥିଲା। ସେ ଏସ୍‌ସିବି ମେଡିକାଲରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ବିଶ୍ୱାସ ଜନ୍ମାଇ ଥିଲା। ନକଲି ଡାକ୍ତର ବାବୁଙ୍କ ଚକ୍ରାନ୍ତ ବୁଝି ନପାରି ସୋରୁମ୍ ମ୍ୟାନେଜର ସୌମ୍ୟରଞ୍ଜନ ଫସି ଯାଇଥିଲେ। ଡାକ୍ତର ବାବୁ କହିଲେ ଯେ ହ୍ୱାଟର୍ସଆପ୍‌ରେ ଜିନ୍ସ ପ୍ୟାଣ୍ଟ ଓ ସାର୍ଟର ଫଟୋ ପଠାଅ। ଏସସିବିରେ ସେ ରୋଗୀ ଦେଖୁଥିବାରୁ ବକ୍ସିବଜାର ଆସି ପାରିବେ ନାହିଁ ବୋଲି କହିଥିଲା। ସୌମ୍ୟରଞ୍ଜନ ଭଳିକି ଭଳି ରଙ୍ଗ ବେରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ପଠାଇଥିଲେ। ୨ଟି ଜିନ୍ସ ଓ ୨ଟି ସାର୍ଟ ଅଭିଯୁକ୍ତ ନକଲି ଡାକ୍ତରଙ୍କ ପସନ୍ଦ ହୋଇଥିଲା। ଏହା ପରେ ସେ ଏହି ୨ହଳ ଡ୍ରେସ୍‌କୁ ଏସ୍‌ସିବି ମେଡିକାଲ ମୁଖ୍ୟ ଫାଟକ ନିକଟକୁ ପଠାଇବାକୁ କହିଥିଲା। ସୌମ୍ୟରଞ୍ଜନ ଏକ ଦାମୀ ଟ୍ରଲି ବ୍ୟାଗ୍‌ରେ ଉକ୍ତ ପ୍ୟାଣ୍ଟ ଓ ସାର୍ଟକୁ ପାର୍ସଲ କରି ଦୋକାନରେ କାର୍ଯ୍ୟରତ ଅନ୍ୟ ଜଣେ କର୍ମଚାରୀଙ୍କ ହାତରେ ପଠାଇ ଦେଇଥିଲେ। କର୍ମଚାରୀ ଜଣକ ଏସ୍‌ସିବି ମେଡିକାଲ ଗେଟ୍ ପାଖକୁ ଯାଇ ନକଲି ଡାକ୍ତର ନମ୍ବରରେ ଫୋନ୍ କରିଥିଲେ। ସେଠାକୁ ସେ ନିଜେ ଆସି ପହଞ୍ଚିବା ବେଳେ କର୍ମଚାରୀଙ୍କୁ ପୁଣି ମିଛ ନାଟକରେ ଫସାଇ ଦେଇଥିଲା। କହିଥିଲା ଯେ ଡାକ୍ତର ବାବୁ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆସି ପାରୁନାହାନ୍ତି। ନିଜକୁ ଡାକ୍ତରଙ୍କ ଡ୍ରାଇଭର ପରିଚୟ ଦେଇ ଉକ୍ତ ଟ୍ରଲି ବ୍ୟାଗ୍ ଓ ପ୍ୟାଣ୍ଟ-ସାର୍ଟ ନେଇ ଟଙ୍କା ଆଣୁଛି ବୋଲି କହି ସେଠାରୁ ଚାଲି ଯାଇଥିଲା। କର୍ମଚାରୀ ଜଣଙ୍କ ଟଙ୍କା ନେବା ପାଇଁ ମେଡିକାଲ ଗେଟ୍ ସମ୍ମୁଖରେ ସେମିତି ଛିଡ଼ା ହୋଇ ରହିଥିଲେ। ୨ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଉ ଅଭିଯୁକ୍ତ ଟଙ୍କା ଦେବା ପାଇଁ ଆସିନଥିଲା। କର୍ମଚାରୀ ଜଣକ ବାଧ୍ୟ ହୋଇ ବକ୍ସିବଜାରସ୍ଥିତ ସୋରୁମ୍ ଫେରି ଆସିଥିଲେ। ଏହାପରେ ସୋରୁମ୍ ମ୍ୟାନେଜର୍ ସୌମ୍ୟରଞ୍ଜନ ଦରଘବଜାର ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ ଚଳାଇ ଆଜି ସମ୍ପୃକ୍ତ ନକଲି ଡାକ୍ତରକୁ ଗିରଫ କରି ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ଜବତ କରିଥିବା ଜଣାପଡ଼ିଛି।


ପ୍ରକାଶ ଥାଉ କି, ଅଭିଯୁକ୍ତ ତଥା ନକଲି ଡାକ୍ତର ଓଲା ଓ ଉବେର୍ କମ୍ପାନୀରେ ବାଇକ୍ ଚାଳକ ଭାବେ କାର୍ଯ୍ୟ କରେ। ସହରରେ ଥିବା ବିଭିନ୍ନ ଜିମ୍‌କୁ ଯାଇ ସେଠାରେ ବିଭିନ୍ନ କମ୍ପାନୀର ସପ୍ଲିମେଣ୍ଟ ବିକ୍ରି କରେ। ତା'ର ମାସିକ ୩୦ରୁ ୩୫ହଜାର ଟଙ୍କା ଆୟ ହୋଇଥାଏ। ସେ ତା' ସାଙ୍ଗମାନଙ୍କ ସହିତ ଆଭିଜାତ୍ୟ ସମ୍ପନ୍ନ ଜୀବନ ବିତାଇ ଥାଏ। କିଛି ଦିନ ହେବ ତାର ଓଲା ଓ ଉବେର୍ କମ୍ପାନୀରୁ ଚାକିରି ଚାଲି ଯାଇଥିଲା। ଜିମ୍‌ରେ ମଧ୍ୟ ବ୍ୟବସାୟ ହେଉନଥିଲା। ସେ ଦୁର୍ଗା ପୂଜା ପାଇଁ ନୂଆ ଡ୍ରେସ୍ ପିନ୍ଧିବ ବୋଲି ଏଭଳି ଠକେଇ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛି।

## ମହାଳୟାରେ ପଶୁପକ୍ଷୀଙ୍କୁ ଖାଦ୍ୟଦାନ



**କଟକ, ୨୧।୯ (ସମିସ):** ରବିବାର ଥିଲା ମହାଳୟା। ଉତ୍କଳ ସଂସ୍କୃତିର ଏକ ପବିତ୍ର ଦିନ। ପୂର୍ବ ପୁରୁଷଙ୍କ ଉଦ୍ଧାର ନିମନ୍ତେ ଆମ ସଂସ୍କୃତି ଅନୁସାରେ ପଶୁପକ୍ଷୀଙ୍କୁ ଖାଦ୍ୟ ଅର୍ପଣ କରାଯାଇଥାଏ। ପିତୃପୁରୁଷ ତଥା ପଶୁପକ୍ଷୀଙ୍କ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି ସଙ୍ଗୀତା ରାଉତ। ପିଲାଟି ବେଳରୁ ହିଁ ସେ ନିଜ ପିତା ମୁକୁନ୍ଦ ଚନ୍ଦ୍ର ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପଶୁପକ୍ଷୀ ସେବା ଓ ସଂସ୍କୃତିକୁ ବଞ୍ଚାଇବାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପି ଦେଇଛନ୍ତି। ବାପଘର ପରି ଶାଶୁଘରେ ମଧ୍ୟ ସ୍ୱାମୀ ଜିତେନ୍ଦ୍ର ରାଉତଙ୍କଠାରୁ ସେ ଏହି କାର୍ଯ୍ୟରେ ଆଗେଇ ଯିବାକୁ ପ୍ରେରଣା ପାଇଛନ୍ତି। ଆଜି ସଙ୍ଗୀତା ମହାଳୟା ଅବସରରେ ଗୋମାତା ଓ ବୃଷଭଙ୍କୁ ଘାସ ଓ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ। ତାଙ୍କର ଏହି ମହତ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ବସ୍ତିଆ, ମୀନତି ଚୌଧୁରୀ, କଳ୍ପନା ବିଶ୍ୱାଳ, ଲେଖାଶ୍ରୀ ମହାନ୍ତି, ଜୁଲି ଦାସ, ଚିତ୍ତ ରଞ୍ଜନ ବେହେରା ଓ ତ୍ରିଲୋଚନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଲୁଟେରା ଗ୍ୟାଙ୍ଗ୍ ଠାବ: ୪ ଗିରଫ



**କଟକ, ୨୧।୯ (ସମିସ):** କଟକ ସହରରେ ସିରିଜ୍ ବାଇକ୍ ଲୁଟେରା ଗ୍ୟାଙ୍ଗର ୪ ଜଣଙ୍କୁ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଗିରଫ କରିଛି। ଏହି ଲୁଟେରା ଗ୍ୟାଙ୍ଗରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ହେଲେ ଦରଘାବଜାର ଥାନା ମେରିଆ ବଜାର ଅଞ୍ଚଳର ରାଜେଶ ଓରଫ ରାଜ କୁମାର ରାୟ(୫୪), ମଙ୍ଗଳାବାଗ ଥୋରିଆ ସାହିର କାହ୍ନୁ ସାମଲ(୫୫), ବଡ଼େ ମସଜିଦ ଅଞ୍ଚଳର ଛୁଟି ଓରଫ ରିହାଜ ବକ୍ସ(୩୫), ଜଗତପୁର ପାଗାର ମହେଶ କେଶରୀ(୪୪)। ପୁଲିସ ଏହି ଗିରଫ ଅଭିଯୁକ୍ତଙ୍କ ନିକଟରୁ ୬ଟି ବାଇକ୍, ଗୋଟିଏ ସ୍କୁଟି ଜବତ ହୋଇଛି। ତେବେ ମୁଖ୍ୟ ଅଭିଯୁକ୍ତ ରାଜ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ୪ଟି ବାଇକ୍ ଲୁଟ୍ ମାମଲା ୨୦୨୫ରେ ରୁଜୁ ହୋଇଛି। ସେହିଭଳି କାହ୍ନୁ ଓ ମହେଶ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ଗୋଟିଏ ଲେଖାଏ ଅପରାଧିକ ମାମଲା ରହିଛି। ସମସ୍ତ ଅପରାଧିକ ମାମଲା ୨୦୨୫ରେ ରୁଜୁ ହୋଇଛି।

ଲାଲବାଗ ଥାନା ମାଇକା ଲେନ ଓଡ଼ିଆ ବଜାର ଅଞ୍ଚଳର ମାନନ ଖାଁଙ୍କ ବାଇକ୍ ଗଲା ୨୦ ତାରିଖ ସକାଳେ ତିନିକୋଣିଆ ବଗିଚା ନିକଟରୁ ଚୋରି ହୋଇଥିଲା। କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଅଭିଯୋଗ ଆଧାରରେ ସିସି କ୍ୟାମେରା ଫୁଟେଜ ଜବତ କରି ପ୍ରଥମେ ରାଜକୁ ଗିରଫ କରିଥିଲା। ତା ନିକଟରୁ ଦୁଇଟି ଚୋରା ବାଇକ୍ ଜବତ ହୋଇଥିଲା। ପରେ କାହ୍ନୁ ଓ ମହେଶ ଘରେ ଚଢ଼ଉ ସମୟରେ ତିନୋଟି ଚୋରା ବାଇକ୍ ଓ ଗୋଟିଏ ଖୋଲା ହୋଇଥିବା ବାଇକ୍ ଜବତ ହୋଇଥିଲା। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ବାନ୍ଧିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ୨ ସାଇବର ଲୁଟେରା ଗିରଫ



**କଟକ, ୨୧।୯ (ସମିସ):** 'ଏଲ୍‌ଜି-ଏଲ୍‌ଏଫ୍ ୱାର୍କ' ଆପ୍ଲିକେସନ୍‌ରେ ନିବେଶ କରି ଭଲ ଲାଭର ଲୋଭ ଦେଖାଇଥିବା ୨ ଠକଙ୍କୁ ଗିରଫ କରିଛି ସାଇବର୍ ଥାନା ପୁଲିସ। ଏହି ଦୁଇ ଠକ ପାଖାପାଖି ଏକ କୋଟି ଟଙ୍କା ଠକିନେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିଡ଼ାନାସୀ ଥାନା ନଳୀନ ମଣ୍ଡପ ଅଞ୍ଚଳର ଶୁଭେନ୍ଦୁ ଶେଖର ପତି(୫୦) ଓ ଦୋଳମୁଣ୍ଡାଇ ଛକ ଅଞ୍ଚଳର ବିକାଶଚନ୍ଦ୍ର ବେହେରା(୫୦)। ପୁଲିସ ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, ଲାପ୍‌ଟପ୍, ଡେସ୍କଟପ, କାର୍ ଜବତ କରିଛି। ଠକେଇର ଶିକାର ଶତାଧିକ ଲୋକ ଶୁକ୍ରବାର ବିଡ଼ାନାସୀ ଥାନା ସାମନାରେ ଏକାଠି ହୋଇଥିଲେ। ଏହି ଆପ୍‌ର ମୁଖ୍ୟ ବିଡ଼ାନାସୀ ଅଞ୍ଚଳରେ ରହୁଥିବା ନିବେଶକମାନେ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଲଜି-ଏଲଏଫ୍ କମ୍ପାନିର ନିବେଶକ ତଥା ମ୍ୟାନେଜର ଶୁଭେନ୍ଦୁ ଶେଖର ପତି ଏବଂ ବିକାଶଚନ୍ଦ୍ର ବେହେରା ନିବେଶକଙ୍କୁ ନିବେଶ ସମ୍ପର୍କିତ ଆଗୁଆ ସୂଚନା ଦେଉଥିଲେ। ଏଥିପାଇଁ ଦୈନିକ ୧୫ରୁ ୨୫ ପ୍ରତିଶତ ଲାଭ ପାଉଥିଲେ। ଏହି ଆଗୁଆ ସୂଚନା ଆଧାରରେ ୨ହଜାରରୁ ଅଧିକ ନିବେଶକ ଏହି ଆପ୍‌ରେ ନିବେଶ କରିଥିଲେ। ୧୮ ଶହ ଟଙ୍କାରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଟଙ୍କା ନିବେଶ କଲେ ମାସକରେ ତିନିଗୁଣା ଅର୍ଥ ଫେରି ପାଇବାର ଲୋଭ ଦେଖାଇବାରୁ ଜମାକାରୀ ନିବେଶ କରିଥିଲେ। ଗତ ୧୬ ତାରିଖ ପରେ ଏହି ଆପ୍ ହଠାତ୍ ବନ୍ଦ ହୋଇଯାଇଥିଲା। ଶୁଭେନ୍ଦୁ ଓ ବିକାଶ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ଧାର୍ଯ୍ୟ ତାରିଖ ମୁତାବକ ମୂଳ ଧନ ଓ ଲାଭ ଫେରସ୍ତ ହେଲାନାହିଁ। ଜମାକାରୀମାନେ ଏହି ଆପ୍‌ରେ ମୋଟ ୬ ଲକ୍ଷ ୨୫ ହଜାର ଟଙ୍କା ନିବେଶ କରିଥିଲେ। ଠକେଇ ପରିମାଣ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି।



## ଦୁର୍ଗାପୂଜା-ଦି ସିଲ୍‌ଭର ଟଚ୍ ଅଫ୍ କଟକ୍ ଉନ୍ମୋଚିତ

**କଟକ, ୨୧।୯ (ସମିସ):** କଟକ ହେରିଟେଜ ୱାକ୍ସର ପ୍ରୟାସରେ ଓ ଇନଟାକ କଟକ ଚାପ୍ଟର ସହଯୋଗରେ ମର୍କତନଗର ସ୍ଥିତ କଟକ ଟ୍ୟାକ୍ସ ବାର ଆସୋସିଏସନ ହଲରେ ବିଶିଷ୍ଟ ଲେଖକ ତଥା ବରିଷ୍ଠ ପ୍ରଶାସକ ରାଜା ପରିଜାଙ୍କ ନୂତନ ପୁସ୍ତକ 'ଦୁର୍ଗାପୂଜା ଦି ସିଲଭର ଟଚ ଅଫ କଟକ' ଉନ୍ମୋଚନ ହେଇଯାଇଛି। ଏହି ପୁସ୍ତକ ଉନ୍ମୋଚନ ସମୟରେ ପ୍ର. ଉମାକାନ୍ତ ମିଶ୍ର, ରାଜ୍ୟ ଇନଟାକର ସଂଯୋଜକ ବିଶ୍ୱଜିତ ମହାନ୍ତି, ପ୍ର. ଚିନ୍ମୟ ଜେନା, ଇନଟାକର ସହ ସଂଯୋଜକ ଅନୀଲ ଧୀର, କଟକ ହେରିଟେଜ ୱାକ୍ସର ପ୍ରତିଷ୍ଠାତା ଦୀପକ ସାମନ୍ତରାୟ ଅଥିଭା ଭାବେ ଯୋଗଦେଇଥିଲେ। ହଜାର ବର୍ଷର କଟକ ସହରରେ କଟକ ଦଶହରାକୁ ବିସ୍ତୃତ ଭାବେ ଲିପିବଦ୍ଧ କରିଥିବା ଏହି ପୁସ୍ତକ ପ୍ରଥମ ପୁସ୍ତକ। ବିଧି, ବିଧାନ, ପେଣ୍ଡାଲ, ପୂଜା, ରୀତିନୀତି, ମାଟିର ମୂର୍ତ୍ତି ତିଆରି, ମୂର୍ତ୍ତିଗୁଡ଼ିକୁ ଶୋଭିତ କରିବା ବିଶିଷ୍ଟ ପୃଷ୍ଠଭୂମି 'ମେଢ଼' ସବୁ କିଛି ଏହି ପୁସ୍ତକରେ ସୁନ୍ଦର ଭାବେ ଉପସ୍ଥାପିତ କରାଯଇଛି। ଏହି ଆକର୍ଷଣୀୟ ଗ୍ରନ୍ଥର ଲେଖକ ରାଜା ପରିଜା ଦାବି କରନ୍ତି ଯେ କଟକ ଦୁର୍ଗା ପୂଜା କଲିକତାଠାରୁ ଅଧିକ ପୁରାତନ। ଏହି ପୁସ୍ତକ ଡକ୍ୟୁମେଣ୍ଟସନ ହେବା ପାଇଁ ପ୍ରାୟ ୧୬ ବର୍ଷ ସମୟ ଲାଗିଛି। କାରଣ ଫଟୋଗ୍ରାଫ କେବଳ ଷଷ୍ଠୀଠାରୁ ଆରମ୍ଭ କରି କେବଳ ପୂଜା ସମୟରେ ହିଁ ସମ୍ଭବ। ଏହି ପୁସ୍ତକର ବିଶେଷତ୍ୱ କଟକର ଏକ ଶତାବ୍ଦୀରୁ ଅଧିକ ପୁରୁଣା ଦୁର୍ଗା ପୂଜାକୁ ଏହା ଚିତ୍ରଣ କରେ। କଟକ ସହରର ମୃଣ୍ମୟ ମୂର୍ତ୍ତି ପୂଜା ରୁପା ଅଭୁଷଣ ସଜା, ମେଢ଼ ଏବଂ ପରମ୍ପରା କିଭଳି ନିଆରା ତାହା ପୁସ୍ତକରେ ପ୍ରତିଫଳିତ ହୋଇଛି। କଟକର ଦୁର୍ଗା ପୂଜା ଫିଲିଗ୍ରୀ (ତାରକସି) ମେଢ଼ ଯେଉଁ ପ୍ରସିଦ୍ଧି ଅର୍ଜନ କରିଛି ତାହା ଏହି ପୁସ୍ତକରେ ଥିବା ବାଖ୍ୟାରୁ ପ୍ରମାଣିତ ହେଇପାରିଛି। ବିଶେଷ କରି କଟକର ଭାଇଚାରା ସହରର ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ଏକତା ସମସ୍ତଙ୍କୁ ଏଠାକୁ ଆକର୍ଷିତ କରିବାରେ ସମର୍ଥ ହେଇଛି। କଟକ ହେରିଟେଜ ୱାକ୍ସ ଓ ଇନଟାକର କର୍ମକର୍ତ୍ତା ସହଯୋଗ କରିଥିଲେ।

ଆସନ୍ତାଙ୍କ ଆଗମନୀ




## ଭାଇଚାରାର ଜ୍ୱଳନ୍ତ ଉଦାହରଣ

### ମଣି ସାହୁ ଛକ ପୂଜା କମିଟି

ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ...

**କଟକ, ୨୧।୯ (ସମିସ)**

ପରାଧୀନ ଅମଳରୁ କଟକରେ ଯେଉଁ କେତୋଟି ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ପାଳିତ ହୋଇ ଆସୁଛି, ତନ୍ମଧ୍ୟରେ ମଣିସାହୁ ଛକର ପୂଜା ଅନ୍ୟତମ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ୧୮୯୦ ମସିହାରୁ ଏହି ବଜାରରେ ପୂଜା ହେଉଛି। ସେ ସମୟରେ ସାହିର କିଛି ଉତ୍ସାହୀ ମୁରବୀ ପୂଜା ଆରମ୍ଭ କରିଥିଲେ। ବିଭିନ୍ନ ଯାଗାରେ ଅସ୍ଥାୟୀ ଭାବେ ବାଉଁଶ, ନଡିଆ ବାହୁଙ୍ଗିରେ ମଣ୍ଡପ ତିଆରି କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କଥା। ଏହି ଅଞ୍ଚଳର ସୁନାମଧନ୍ୟ ମୁରବୀ ସ୍ୱର୍ଗତ ମଣି ସାହୁ ପାରିବାରିକ ମନ୍ଦିରର ସମ୍ପ୍ରସାରଣ କରୁଥାନ୍ତି। ତାକୁ ଅଞ୍ଚଳବାସୀ ଅନୁରୋଧ କରିଥିଲେ, କି ସେହି ଜମିରେ ଖଣ୍ଡେ ସ୍ଥାୟୀ ମଣ୍ଡପ ଗଢି ତୋଳିବା ପାଇଁ। ସ୍ଥାନୀୟ ଲୋକଙ୍କ ଅନୁରୋଧ ରକ୍ଷା କରି ସ୍ୱର୍ଗତ ସାହୁ ଏକ ସୁନ୍ଦର ମଣ୍ଡପ ଗଢି ତୋଳି ଦେଇଥିଲେ। ସେବେଠାରୁ ସ୍ଥାୟୀ ମଣ୍ଡପରେ ପୂଜା ହୋଇ ଆସୁଛି। ଏଠାରେ କଟକର ବିଶିଷ୍ଟ ଶିଳ୍ପୀ ନାଟୁ ସରକାର ମୂର୍ତ୍ତି ଗଢୁଥିଲେ, ଯାହାଙ୍କ ହାତ ତିଆରି ମନେଲୋଭା ହରପାର୍ବତୀ ମୁଖା ଏଯାବତ୍ ସାକ୍ଷୀ ହୋଇ ରହି ଆସୁଛି। ନାଟୁ ସରକାରଙ୍କ ଶିଷ୍ୟ ଶ୍ରୀଧର ରଣା ଏବଂ ପରେ ତାଙ୍କ ପୁତ୍ର ମାନେ ଦମୋଦର ରଣା, ଲକ୍ଷ୍ମୀଧର ରଣା, ବିଦ୍ୟାଧର ରଣା ଏବେ ତାଙ୍କ ଶିଷ୍ୟ ଜଗନ୍ନାଥ ମହାରଣା ମୂର୍ତ୍ତି ନିର୍ମାଣ କରୁଛନ୍ତି। ଉତ୍କଳୀୟ ପରମ୍ପରା ଅନୁଯାୟୀ ଏଠାରେ ସପ୍ତମୀ ଠାରୁ କଳସ ବୁଡ଼ା ହୋଇ ପୂଜା ଆରମ୍ଭ ହୁଏ ଏବଂ ଦଶମୀରେ ବିସର୍ଜନ କରାଯାଏ। ଭାଇଚାରାର ପେଣ୍ଠସ୍ଥଳୀ ଏହି ଅଞ୍ଚଳକୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ସମସ୍ତ ସହଯୋଗରେ ପୂଜା ଶୃଙ୍ଖଳିତ ଭାବେ ପାଳିତ ହୋଇ ଆସୁଛି।




### ଭସାଣି ଶୋଭାଯାତ୍ରା ଆକର୍ଷଣୀୟ ହେବ



ମଣି ସାହୁ ଛକ ପୂଜା କମିଟି ସଦାସର୍ବଦା ରାଜ୍ୟ ଓ ରାଜ୍ୟ ବାହାରର ଖ୍ୟାତିସମ୍ପନ୍ନ ବ୍ୟାଣ୍ଡପାର୍ଟି ଆଣିବାର ପରମ୍ପରା ରଖିଛି। ଚଳିତ ବର୍ଷ ମଧ୍ୟ ବ୍ରହ୍ମପୁରର ପ୍ରସିଦ୍ଧି ଲାଭ କରିଥିବା ଶ୍ରୀନିବାସ ବ୍ୟାଣ୍ଡ ଆଣାଯିବ। ଲାଇଟ ସଜା ମଧ୍ୟ ଆକର୍ଷଣୀୟ ହେବ। କିନ୍ତୁ ପ୍ରଶାସନର ନିୟମକୁ ସମ୍ମାନ ଜଣାଇ ଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ରାସ୍ତା ସଂକୁଚିତ ନ କରି କୌଣସି ରୋଡ କ୍ରସିଙ୍ଗ ଗେଟ ବା ତୋରଣ କରାଯିବ ନାହିଁ।

- ମଦନମୋହନ ସାହୁ, ସଭାପତି

### ମହିଳାଙ୍କ ନିମନ୍ତେ ପ୍ରସାଦ ଆୟୋଜନ



ନବମୀ ତିଥିରେ ସାହିର ସମସ୍ତ ମହିଳା ମାନଙ୍କ ପାଇଁ ପ୍ରସାଦ ଆୟୋଜନ କରାଯାଏ ଏବଂ ରାତ୍ରରେ ନବମୀ ପଣା ବଣ୍ଟନ ହୁଏ। ଅଷ୍ଟମୀରେ ଭଜନ ଆଧାରିତ ନୃତ୍ୟ, ନବମୀରେ ଆଧୁନିକ ନୃତ୍ୟ ଓ ଦଶହରାରେ ବ୍ୟାଣ୍ଡ କାର୍ଯ୍ୟକ୍ରମ ହେବ। ଚଳିତ ବର୍ଷର ବଜେଟ ପ୍ରାୟ ୮ ଲକ୍ଷ ଟଙ୍କା ରହିଛି।

- ରାକେଶ କୁମାର ସାହୁ, ସମ୍ପାଦକ

# ସମ୍ପାଦକୀୟ



ମାନବାଧିକାର ସୁରକ୍ଷା ସଭ୍ୟତାର ସବୁଠାରୁ ବଡ଼ ଆହ୍ୱାନ।
-ନେଲ୍‌ସନ୍ ମାଣ୍ଡେଲା।

ସକାଳ
THE SAKALA

## ଖେଳାଳିଙ୍କ ଦେଶପ୍ରେମ !

ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳର କପ୍ତାନଙ୍କ ମଧ୍ୟରେ କରମର୍ଦ୍ଦନ ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଚଳିତ ଏସିଆ କପ୍ କ୍ରିକେଟ୍ ପୁଣି ଏକ ବିତର୍କ ସହିତ ଯୋଡ଼ି ହୋଇଯାଇଛି। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟକୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ଉତ୍ସର୍ଗ କରିଥିବା ଭାରତୀୟ ଦଳ ଘୋଷଣା କରିବା ପରେ ଆମ୍ ଆଦ୍‌ମି ପାର୍ଟି ନେତା ସୌରଭ ଭରଦ୍ୱାଜ୍ ଏହାକୁ ଛଳନା ବୋଲି ପରୋକ୍ଷରେ ଆକ୍ଷେପ କରିଛନ୍ତି। ତାଙ୍କ ମତରେ ଯଦି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ବାସ୍ତବରେ ଦେଶପ୍ରୀତି ଓ ପହଲ୍‌ଗାମ୍ ପୀଡ଼ିତଙ୍କ ପ୍ରତି ସମବେଦନା ଅଛି ତେବେ ମ୍ୟାଚ୍‌ଲବ୍ଧ ସମ୍ପୂର୍ଣ୍ଣ ଆର୍ଥିକ ରୋଜଗାରକୁ ପୀଡ଼ିତଙ୍କ ପରିବାରକୁ ଉତ୍ସର୍ଗ କରନ୍ତୁ। ଶ୍ରୀଭରଦ୍ୱାଜ୍‌ଙ୍କ ଯୁକ୍ତି କିଛି ମନ୍ଦ ନୁହେଁ। କାରଣ ବିଶ୍ୱରେ ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ଭାବେ ମାନ୍ୟତାପ୍ରାପ୍ତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ତାହାର ଧନାଢ଼୍ୟ ସଦସ୍ୟମାନେ ଯଦି ଏସିଆ କପ୍ ବାବଦ ସେମାନଙ୍କ ମ୍ୟାଚ୍ ଫି ଦାନ କରିଦିଅନ୍ତେ ତେବେ ସମୁଦ୍ରରୁ ମାତ୍ର ଆଞ୍ଜୁଳାଏ ପାଣି କାଢ଼ି ନେବା ପରି ହୁଅନ୍ତା। ଆପ୍ ନେତାଙ୍କ ମତକୁ ଭାରତୀୟ କ୍ରିକେଟ୍ ଖେଳାଳିମାନେ କେତେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି ଓ କରିବେ ତାହା ଭିନ୍ନ କଥା; କିନ୍ତୁ ସ୍ୱାଭାବିକ ଭାବେ କ୍ରିକେଟ୍‌ର ଅନ୍ଧଭକ୍ତମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି ଏବଂ ଶ୍ରୀଭରଦ୍ୱାଜ୍‌ଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି।

ଆମ ଭାରତୀୟ କ୍ରିକେଟ୍‌ରମାନଙ୍କ ଦେଶଭକ୍ତି ଓ ରାଷ୍ଟ୍ରୀୟ ଭାବନା କେତେ ତାହା ୨୦୦୨ ଆଇସିସି ଚମ୍ପିଆନ୍ ଟ୍ରଫି ବେଳେ ଜଣାପଡ଼ିଯାଇଥିଲା; ଅଥଚ କ୍ରିକେଟ ରଙ୍କୁଣା ଭାରତୀୟମାନେ ଖେଳାଳିମାନଙ୍କର ସେହି ସ୍ୱାର୍ଥପର ମାନସିକତାକୁ ହଜମ୍ କରିଦେଇଥିଲେ। ପ୍ରାୟ ସମସ୍ତ ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଫଳ ହେଉଥିବାର ବିରଳ ରେକର୍ଡଧାରୀ ତଥାକଥିତ କ୍ରିକେଟ୍‌ର ଭଗବାନ୍‌ଙ୍କୁ ଭାରତ ଓ ଭାରତବାସୀ ବିଭିନ୍ନ ରତ୍ନ-ଅଳଙ୍କାରରେ ସମ୍ମାନିତ କରିବାରେ କୌଣସି ହେଳା କରିନାହାନ୍ତି। ତାଙ୍କର ଅସୁମାରୀ ସମ୍ପଦ ପଛରେ ଈଶ୍ୱରଦତ୍ତ ପ୍ରତିଭା ତୁଳନାରେ ଭାରତୀୟଙ୍କ କ୍ରିକେଟ୍‌ପ୍ରେମ ଯେ ଅଧିକ ରହିଛି ତାହା ଅନସ୍ୱୀକାର୍ଯ୍ୟ। ଅଥଚ ତାଙ୍କୁ ପୁରସ୍କାରରେ ମିଳିଥିବା ଫେରାରି କାରକୁ ଭାରତ ଆଣିବା ପାଇଁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ପାଇଁ ସେ ଭାରତ ସରକାରଙ୍କ ଉପରେ ଏକପ୍ରକାର ଚାପ ପକାଇ ସଫଳ ହୋଇଥିଲେ। ତେଣୁ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ଠାରୁ ଦେଶସ୍ୱାର୍ଥ ଓ ରାଷ୍ଟ୍ରୀୟ ଭାବନାରେ ଆନ୍ତରିକତା ଓ ବାସ୍ତବତା ଆଶା କରିବା ବୃଥା, ଏହା ଏକ ଅପ୍ରିୟ ସତ୍ୟ। କ୍ରିକେଟ୍ ସହିତ ଦେଶପ୍ରେମ ଓ ରାଷ୍ଟ୍ରୀୟ ଭାବନା କେବଳ ବଞ୍ଚି ରହିଛି ଦେଶର ଅଗଣିତ କ୍ରିକେଟ୍‌ପ୍ରେମୀଙ୍କ ପାଖରେ ଏବଂ ସେମାନେ ଭାବି ନେଇଛନ୍ତି ସେମାନଙ୍କର ପୂଜ୍ୟ କ୍ରିକେଟ୍-ଦେବତାମାନେ ମଧ୍ୟ ସମଭାବାପନ୍ନ ହୋଇଥିବେ। କିନ୍ତୁ ସେମାନେ ଯେ କୁହେଳିପୂର୍ଣ୍ଣ ଏକ ଭ୍ରାନ୍ତ ଓ ଅନ୍ଧବିଶ୍ୱାସର କ୍ରିକେଟ୍-ଆକର୍ଷଣର ମୋହାଚ୍ଛନ୍ନ ଦୁନିଆରେ ବୁଡ଼ି ରହିଛନ୍ତି ତାହା ହୃଦୟଙ୍ଗମ କରିବାକୁ ଆହୁରି ବହୁବର୍ଷ ଲାଗିଯିବ।

ବିଡ଼ମ୍ବନା ଏହା ଯେ ଯେଉଁ ହକି ଖେଳାଳି ଜଣକ ଭାରତୀୟତାର ଗୌରବ ବଜାୟ ରଖିବା ପାଇଁ ତାଙ୍କ କ୍ରୀଡ଼ାଜୀବନ କାଳରେ ଜାଣତରେ କିମ୍ବା ଅଜାଣତରେ ସାମାନ୍ୟତମ ସାଲିସ୍ କରି ନଥିଲେ ଆମେ ତାଙ୍କୁ ଏ ପର୍ଯ୍ୟନ୍ତ ଭାରତ ରତ୍ନ ଭଳି ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିବାକୁ ଆନ୍ତରିକତା ପ୍ରଦର୍ଶନ କରିନାହୁଁ। ପ୍ରବଳ ଜ୍ୱରାକ୍ରାନ୍ତ ହୋଇ ମଧ୍ୟ ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତକୁ ଜିତାଇବା ପାଇଁ ପଡ଼ିଆକୁ ଓହ୍ଲାଇଥିବା ଏହି ମହାନ୍ କ୍ରୀଡ଼ା ବ୍ୟକ୍ତିତ୍ୱ ଜର୍ମାନୀ ତରଫରୁ ଖେଳିବା ଲାଗି ହିଟ୍‌ଲର ଯାଚି ଦେଇଥିବା ବିପୁଳ ଅର୍ଥ, ପଦବୀ ଓ ପ୍ରତିପତ୍ତିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଅଥଚ ଆମେ ତାଙ୍କ ଜନ୍ମଦିନକୁ କେବଳ ଜାତୀୟ କ୍ରୀଡ଼ା ଦିବସ ଭାବେ ଘୋଷଣା କରି ଆମ କର୍ତ୍ତବ୍ୟ ସାରି ଦେଇଛୁ। ବୋଧହୁଏ କ୍ରିକେଟ୍‌କୁ ଛାଡ଼ି ଆଉ କୌଣସି ଖେଳ କିମ୍ବା ଖେଳାଳିଙ୍କ ସହିତ ଦେଶପ୍ରେମ ଓ ରାଷ୍ଟ୍ରଭକ୍ତି ଜଡ଼ିତ ନାହିଁ; ଯଦିବା କିଏ କେଉଁଠି କେତେବେଳେ ଦେଶଭକ୍ତିର ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ମଧ୍ୟ ବୋଧହୁଏ କ୍ରିକେଟ୍ ବିନା ନିରର୍ଥକ!

## ଟ୍ରମ୍ପ ଦାଉ

ଭାରତ ଓ ଭାରତୀୟଙ୍କୁ ସବୁମତେ ହଇରାଣ ହରକତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସତେଯେମିତି ଖୋଜି ଖୋଜି ଉପାୟମାନ ବାହାର କରୁଛନ୍ତି। ଭାରତୀୟ ଉତ୍ପାଦ ଉପରେ ବର୍ଦ୍ଧିତ ହାରରେ ଶୁଳ୍କ ଲାଗୁ କରି ଭାରତ ସରକାରଙ୍କ ଉପରେ ତାଙ୍କର ରାଗ ବୋଧହୁଏ ଶାନ୍ତ ହୋଇ ନାହିଁ। ଇତିମଧ୍ୟରେ ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ ରାଜିନାମାକୁ ଭଣ୍ଡୁର କରିବାକୁ ସବୁମତେ ଉଦ୍ୟମ କରୁଛନ୍ତି ଏବଂ ୟୁକ୍ରେନ୍‌କୁ ମତାଇ ଭାରତୀୟ ଉତ୍ପାଦ ଆମଦାନୀ ନ କରିବାକୁ ମସୁଧା କରିଛନ୍ତି। ପୁଣି ଏବେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଉପରେ ଦାଉ ସାଧିବାର ଉପାୟଟିଏ ପାଇଯାଇଛନ୍ତି।

ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଅନୁଯାୟୀ, ଏଣିକି ବିଦେଶୀ ପେସାଦାରମାନଙ୍କୁ ନିଯୁକ୍ତି ଦେଉଥିବା ଆମେରିକୀୟ ସଂସ୍ଥାମାନେ ପ୍ରତି ବିଦେଶୀ କର୍ମଚାରୀ ପିଛା ଏଚ୍୧-ବି ଭିସା ବାବଦକୁ ବାର୍ଷିକ ୧ ଲକ୍ଷ ଡଲାର(ଭାରତୀୟ ମୁଦ୍ରାରେ ପ୍ରାୟ ୯୦ ଲକ୍ଷ ଟଙ୍କା) ପୈଠ କରିବାକୁ ପଡ଼ିବ(ଏବେ ତାହା ମାତ୍ର ୧୫୦୦ ଡଲାର ଅଛି)। ସେପ୍ଟେମ୍ବର ୨୧ରୁ ତତ୍କାଳ ଲାଗୁ ହେବାକୁ ଥିବା ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ପରେ ହୁଏତ ଆମେରିକୀୟ ସଂସ୍ଥାମାନେ ବିଦେଶୀ କର୍ମଚାରୀ ନିଯୁକ୍ତିକୁ କାଣ୍ଟଛାଣ୍ଟ କରିବେ କିମ୍ବା ଭିସା ବାବଦ ଅର୍ଥ ପ୍ରବାସୀ କର୍ମଚାରୀଙ୍କ ଦରମାରୁ କାଟି ରଖିବେ। ଆମେରିକାର ବିଭିନ୍ନ ସଂସ୍ଥାମାନଙ୍କରେ ସର୍ବାଧିକ ପ୍ରବାସୀ ଭାରତୀୟ କାମ କରୁଥିବାରୁ ଉଭୟ ପଦକ୍ଷେପରେ ସେମାନେ ହିଁ ସର୍ବାଧିକ ପ୍ରଭାବିତ ହେବେ। ଆମେରିକୀୟ କମ୍ପାନୀମାନେ ବିଦେଶରୁ ଶସ୍ତାରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଥିବାରୁ ଆମେରିକୀୟ ପେସାଦାରମାନେ କର୍ମସଂସ୍ଥାନ ହରାଉଛନ୍ତି ବୋଲି ଆଭ୍ୟନ୍ତରୀଣ ଅଭିଯୋଗ ହୋଇଆସୁଥିଲା। ତେଣୁ 'ମାଗା' ଯୋଜନାରେ ଆମେରିକୀୟଙ୍କୁ ସନ୍ତୁଷ୍ଟ କରିବାକୁ ଟ୍ରମ୍ପ ଉପରୋକ୍ତ ଘୋଷଣା କରିଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାଙ୍କର ଭାରତ ବିରୋଧୀ ଅସୂୟା ହିଁ ସ୍ପଷ୍ଟ ହେଉଛି। କାରଣ ଏଚ୍୧-ବି ଭିସାଧାରୀଙ୍କ ମଧ୍ୟରୁ ୭୦% ବା ପ୍ରାୟ ୪ ଲକ୍ଷ ଭାରତୀୟ। ଏଥିରେ କିନ୍ତୁ ଆମେରିକୀୟ ସଂସ୍ଥା ଓ ଅର୍ଥନୀତି ହିଁ ଅଧିକ ପ୍ରଭାବିତ ହେବ। କ୍ରୋଧାନ୍ଧ ଓ ପଦମତ୍ତ ଟ୍ରମ୍ପ ଏହି ହିତାହିତ ଜ୍ଞାନଶୂନ୍ୟ ହୋଇଥିବା ସ୍ୱାଭାବିକ।

# ଜିଏସ୍‌ଟି ସଂସ୍କାର କେତେ ସଂପୂର୍ଣ୍ଣ

ନଳିନୀ କାନ୍ତ ଧର

ଜୁଲାଇ, ୧ ୨୦୧୭ରୁ ପ୍ରଣୟନ କରାଯାଇଥିବା ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ସ୍ୱାଧୀନତା ପରେ କର ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଥିଲା। ନିକଟରେ ଏଥିରେ କେତେକ ସଂଶୋଧନ କରାଯାଇଛି, ଯାହାକୁ ଜିଏସ୍‌ଟି-୨ ଆଖ୍ୟା ଦିଆଯାଇଛି। ପୂର୍ବରୁ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରକାର ଅଲଗା ଅଲଗା ହାରରେ ସାମଗ୍ରୀ ଓ ସେବା ଉପରେ ପ୍ରାୟ ୧୭ ପ୍ରକାର କର ଲାଗୁଥିଲା। ଜିଏସ୍‌ଟି ଲାଗୁ ହେବା ପରେ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବା ଉପରେ ଗୋଟିଏ କର ଲାଗୁ ହେଲା। ଭାରତଭଳି ଏକ ବିଶାଳ ଦେଶରେ, ଯେଉଁଠି ଜନସାଧାରଣଙ୍କର ଅର୍ଥନୈତିକ ତାରତମ୍ୟ ଖୁବ୍ ଅଧିକ, ସେଠାରେ 'ଗୋଟିଏ ଦେଶ ଗୋଟିଏ କର' ବ୍ୟବସ୍ଥା ଆଶାନୁରୂପ ସଫଳ ହୋଇପାରି ନ ଥିଲା। ଜିଏସ୍‌ଟି-୧ରେ ୦, ୫, ୧୨, ୧୮ ଓ ୨୮ ପ୍ରତିଶତ ହାରରେ ୫ଟି ସ୍ଲାବ୍ ନିର୍ଦ୍ଧାରିତ ହୋଇଥିବା ବେଳେ ସୁନା ଉପରେ ସ୍ୱତନ୍ତ୍ର ଭାବରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିଲା। ଏତେଗୁଡ଼ିକଏ ସ୍ଲାବ୍ ରହିଥିବାରୁ ଅନେକ ସମୟରେ ନିର୍ଦ୍ଦିଷ୍ଟ ସାମଗ୍ରୀର ଟିକସ ହାର ନେଇ ବିଭ୍ରାଟ, ଟିକସ ଫାଙ୍କି ଏବଂ କିଛି ସାମଗ୍ରୀ ଉପରେ ମାତ୍ରାଧିକ ଟିକସ ଆଦି ପାଇଁ ସରକାର ସମାଲୋଚନାର ଶରବ୍ୟ ହେଉଥିଲେ। ତେଣୁ ପରିବର୍ତ୍ତିତ ସ୍ଥିତିକୁ ଅନୁଧ୍ୟାନ କରି ସରକାର ୨୮ ପ୍ରତିଶତ ଓ ୧୨ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରି ବର୍ତ୍ତମାନ ମେରିଟ୍ ଗୁଡ୍ସ ଉପରେ ୫ ପ୍ରତିଶତ ଓ ଷ୍ଟାଣ୍ଡାର୍ଡ ଗୁଡ୍ସ ଉପରେ ୧୮ ପ୍ରତିଶତ - ଏହିଭଳି ମାତ୍ର ଦୁଇଟି ସ୍ଲାବ୍ ସ୍ଥିର କରିଛନ୍ତି। ଏହାବ୍ୟତୀତ ସିଗାରେଟ୍, ଗୁଟ୍‌ଖା, ମଦ, ବିଳାସ ସାମଗ୍ରୀ, ବଡ଼ କାର ଇତ୍ୟାଦି ଉପରେ ସିନ୍ ଗୁଡ୍ସ ଟିକସ ଭାବରେ ୪୦ ପ୍ରତିଶତ ଟିକସ ନିର୍ଦ୍ଧାରିତ କରିଛନ୍ତି। ପ୍ରଚଳିତ ସମସ୍ତ ସେସ୍‌କୁ ବି ସମାପ୍ତ କରାଯାଇଛି। ଜିଏସ୍‌ଟି ଟିକସ କମ୍ ହେବା ଫଳରେ ଦରଦାମ ହ୍ରାସ ପାଇବା ସହ ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସରକାର ଚଳିତ ବର୍ଷ ଏଥିଯୋଗୁଁ ୪୮, ୦୦୦କୋଟି ଟଙ୍କା ଏବଂ ଆସନ୍ତା ବର୍ଷ ୧, ୫୦, ୦୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇଛି।

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୬୬.୫ ଲକ୍ଷ ବ୍ୟବସାୟିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଥିଲେ, ଯାହା ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୧ କୋଟିରେ ପହଞ୍ଚିଛି। ରାଜସ୍ୱ ମଧ୍ୟ ଆଶାନୁରୂପକ ବୃଦ୍ଧି ପାଇ ୨୨.୦୪ ଲକ୍ଷ କୋଟି ଟଙ୍କା ହୋଇଛି। କ୍ଷୁଦ୍ର ବ୍ୟବସାୟୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଇତ୍ୟାଦିଙ୍କ ପାଇଁ ଜିଏସ୍‌ଟିର ଜଟିଳ ପ୍ରକ୍ରିୟା ସବୁକୁ ପାଳନ କରିବା ବ୍ୟୟସାପେକ୍ଷ ଓ କଷ୍ଟସାଧ୍ୟ ହେଉଥିଲା। ତେଣୁ ଏହାକୁ ସରଳ କରାଯାଇଛି। ଯେଉଁମାନଙ୍କର ମାସିକ କାରବାର ୨.୫ଲକ୍ଷ ଟଙ୍କାରୁ କମ୍ ହେବ ସେମାନଙ୍କୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ମାତ୍ର ୩ ଦିନ ଭିତରେ ପଞ୍ଜିକରଣ କରାଯିବ। ଆବଶ୍ୟକତା ଅନୁଯାୟୀ, ଏଥିରୁ କୌଣସି ସମୟରେ ସେମାନେ ଓହରି ପାରିବେ ଓ ପ୍ରତ୍ୟାବର୍ତ୍ତନ ମଧ୍ୟ କରି ପାରିବେ। ଏହାଦ୍ୱାରା ହାରାହାରି ୯୬ ପ୍ରତିଶତ ପ୍ରତିଷ୍ଠାନ ଉପକୃତ ହେବେ। ବିଦେଶକୁ ରପ୍ତାନୀ କରୁଥିବା ସାମଗ୍ରୀ ଓ ଏସ୍‌ଇଜେଡ୍‌ରୁ ବିକ୍ରି ହେଉଥିବା ସାମଗ୍ରୀ ଉପରେ ୯୦ ପ୍ରତିଶତ କର ସ୍ୱୟଂଚାଳିତ ଯାନ୍ତ୍ରିକ ପ୍ରକ୍ରିୟାରେ ଏହାର ମୂଲ୍ୟାୟନ କରି ତୁରନ୍ତ କର ପ୍ରାପ୍ୟ ଫେରସ୍ତ ହୋଇଯିବ, ଯାହାକି ରପ୍ତାନି କ୍ଷେତ୍ରରେ ୩୮ ପ୍ରତିଶତ ଯୋଗଦାନ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ଗୋଷ୍ଠୀ ବିଶେଷ ଲାଭବାନ ହେବେ।

ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଟିକସ ହାରରେ ସଂଶୋଧନ ହୋଇଚାଲିଛି ଏବଂ ପୂର୍ବର ହାରାହାରି ୧୫.୫ ପ୍ରତିଶତ ସାମଗ୍ରିକ ଟିକସରୁ ନୂତନ ହାର ଭିତ୍ତିରେ ମାତ୍ର ୧୦.୫ ପ୍ରତିଶତ ହୋଇଯିବ। ସେହିପରି ଭାବରେ ପୂର୍ବରୁ ମୋଟ ଘରୋଇ ଉତ୍ପାଦନର ୬.୫ ପ୍ରତିଶତ ରାଜସ୍ୱ ଆୟ ବର୍ତ୍ତମାନ ୫.୪ ପ୍ରତିଶତକୁ ଖସିଯିବ। ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ୧.୫ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂକୁଚିତ ହେବ। ତେଣୁ ରାଜସ୍ୱ ବୃଦ୍ଧି ପାଇଁ କେତେକ ସୁନା, ରୁପା ପରି ମୂଲ୍ୟବାନ ଧାତୁ ଉପରେ ୩ ପ୍ରତିଶତରୁ ୫ ପ୍ରତିଶତ ଏବଂ ଆୟର କେତେକ ଆବଶ୍ୟକୀୟ ସାମଗ୍ରୀ ଉପରେ ଲାଗୁଥିବା ୫ ପ୍ରତିଶତ ଟିକସକୁ ୮ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ମଧ୍ୟ ମତ ପ୍ରକାଶ ପାଇଛି। ଅନେକ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ରାଜସ୍ୱ ହ୍ରାସ ଫଳରେ ସେମାନଙ୍କର ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇବ ଏବଂ ଦେଶରେ ଏକକ କର ବ୍ୟବସ୍ଥା ଲାଗୁ ହେଲା ପରେ ତାଙ୍କର କୌଣସି ନୂତନ ଟିକସ ଆଦାୟ କରିବା ସାର୍ବଭୌମିକ କ୍ଷମତା ନାହିଁ। ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସ୍‌ଟି ପରିଷଦ ଗଠିତ। ସମସ୍ତ ନିଷ୍ପତ୍ତି ଏହି ପରିଷଦ ନିର୍ଦ୍ଧାରଣ କରିଥାଏ। କିନ୍ତୁ ଚଳିତ ଟିକସ ହ୍ରାସର ଘୋଷଣା ବା ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲାରୁ ସ୍ୱାଧୀନତା ଦିବସ ଉଦ୍‌ବୋଧନୀ ଭାଷଣରେ ଦେଲେ, ଯାହାକି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ହୋଲି ଅନୁଭୂତ ହୁଏ।

ଟିକସ ହାରରେ ହ୍ରାସ ଫଳରେ ଜନସାଧାରଣ ଅଧିକ କ୍ରୟ କଲେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କର ଲାଭ ବୃଦ୍ଧି ପାଇବ ଏବଂ ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଭାବରେ କିଛିମାତ୍ରାରେ ଭରଣା କରିବେ। ଟିକସ ହାର ହ୍ରାସ ପାଇବା ପରେ ପୂର୍ଣ୍ଣମାତ୍ରାରେ ଜନସାଧାରଣ ଯେପରି ଏହାର ଲାଭ ପାଇବାରିବେ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କାରଣ ବିଗତ ଦିନରେ ଏହାର ବ୍ୟତିକ୍ରମ ଅନେକ ଦୃଷ୍ଟାନ୍ତ ଅଛି। ଯଦିଓ ଭାରତର ସମସ୍ତ ଉତ୍ପାଦିତ ସାମଗ୍ରୀ ଓ ସେବା ଜିଏସ୍‌ଟି ଅନ୍ତର୍ଭୁକ୍ତ ହୋଇଛି; କିନ୍ତୁ ପେଟ୍ରୋଲିୟମ୍ ସାମଗ୍ରୀ, ବିଦ୍ୟୁତ ଓ ଜମିକିଣା ବିକା ଇତ୍ୟାଦି ଏହି ବ୍ୟବସ୍ଥା ଅଧୀନକୁ ଆସିପାରିନାହିଁ। ଆଗାମୀ ଦିନରେ ଅନ୍ତତଃ ପେଟ୍ରୋଲିୟମ୍ ସାମଗ୍ରୀକୁ ଜିଏସ୍‌ଟି ଅଧୀନକୁ ଆଣିବା ପାଇଁ ଦାବି ହେଉଛି। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଉପରେ ବର୍ତ୍ତମାନ ହାରାହାରି ୫୮ ପ୍ରତିଶତ ଟିକସ ଆଦାୟ ହେଉଥିବାରୁ ଏବଂ ରାଜ୍ୟମାନେ ମଧ୍ୟ ଅଧିକ ରାଜସ୍ୱ ପାଉଥିବାରୁ ଏହାକୁ ଅନ୍ତତଃ ୪୦ ପ୍ରତିଶତ ସ୍ଲାବ୍‌ରେ ସାମିଲ କରି ଅତିରିକ୍ତ ସେସ୍ ମାଧ୍ୟମରେ ଭରଣା କଲେ କେସକେଡିଂ ପ୍ରଭାବ ଦୂର ହେବା ସହ ବ୍ୟବସାୟିକ ଗୋଷ୍ଠୀ ଇନ୍‌ପୁଟ୍ କ୍ରେଡିଟ୍ ପାଇପାରନ୍ତେ। ସମସ୍ତ ବ୍ୟବସାୟିକ ପ୍ରକ୍ରିୟା ସରଳ ହୋଇପାରନ୍ତା।

ଅନୁରୂପ ଭାବରେ ଜିଏସ୍‌ଟିକୁ ମଧ୍ୟ ଫେସ୍ଲେସ୍ କରାଯାଉ। ଅବଶ୍ୟ ସରକାର ସବୁ ରାଜ୍ୟରେ ଏକ ଟ୍ରିବ୍ୟୁନାଲ ସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି, ଯାହା ବିବାଦ ସମାଧାନରେ ସମସ୍ତଙ୍କ ପାଇଁ ସହାୟକ ହେବ। ଜିଏସ୍‌ଟି ପ୍ରଣୟନ ହେବା ସମୟରୁ ମ୍ୟାନୁଫେକ୍‌ଚରିଂ ପାଇଁ ୪୦ ଲକ୍ଷ ଏବଂ ସେବା ପ୍ରଦାନକାରୀଙ୍କ ପାଇଁ ୨୦ ଲକ୍ଷ ବାର୍ଷିକ କାରବାର ଉପରେ ଜିଏସ୍‌ଟି ବହିର୍ଭୂତ ଥିଲା, ଯାହାକି ମୁଦ୍ରାସ୍ଫୀତି ହିସାବକୁ ନେଲେ ଅନ୍ତତଃ ଏହାକୁ ଦୁଇଗୁଣ କରିବାର ଆବଶ୍ୟକତା ଅଛି। ଯାହା ଫଳରେ ଛୋଟ ଛୋଟ ବ୍ୟବସାୟୀ ବିଶେଷଭାବେ ଉପକୃତ ହେବେ। କାରଣ ଜିଏସ୍‌ଟି ଲାଗୁ ପରଠାରୁ ଅତିକ୍ଷୁଦ୍ର ବ୍ୟବସାୟୀ ନିୟମକାନୁନ ପାଳନର ଅସମର୍ଥତା ଯୋଗୁଁ ବହୁମାତ୍ରାରେ ସେମାନଙ୍କ କାରବାର ବନ୍ଦ କରିଦେବା ଅନେକ ଦୃଷ୍ଟାନ୍ତ ଅଛି।

ଗରିବ ଜନସାଧାରଣ ସେମାନଙ୍କର ଆୟର ସିଂହଭାଗ ସାମଗ୍ରୀ କିଣାକିଣିରେ ଖର୍ଚ୍ଚ ହେଉଥିବାରୁ ପରୋକ୍ଷ କର ବାବଦରେ ସେମାନେ ଅଧିକ ଖର୍ଚ୍ଚାନ୍ତ ହୋଇଥା'ନ୍ତି। ଅପରପକ୍ଷେ ଧନିକ ଗୋଷ୍ଠୀ ସେମାନଙ୍କର ଆୟର ଅପେକ୍ଷାକୃତ ଖୁବ୍ କମ୍ ସାମଗ୍ରୀ କିଣାରେ ଖର୍ଚ୍ଚ କରନ୍ତି ଏବଂ ବଳକା ରାଶି ପୁଞ୍ଜିବଜାରରେ ଇତ୍ୟାଦି ବିନିଯୋଗ କରି ଅଧିକ ଲାଭବାନ ହୋଇଥା'ନ୍ତି। ତେଣୁ ପରୋକ୍ଷ କର ଗରିବ ବର୍ଗର ଜନସାଧାରଣଙ୍କୁ ବେଶି ମାତ୍ରାରେ ପ୍ରଭାବିତ କରିଥାଏ। ବିକ୍ରି ହେଉଥିବା ସାମଗ୍ରୀ ବା ସେବାର ମୂଲ୍ୟବୃଦ୍ଧି ମୁଦ୍ରାସ୍ଫୀତି ବୃଦ୍ଧି ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସାମଗ୍ରିକ ଭାବରେ ଦୀର୍ଘ ୮ ବର୍ଷର ଜିଏସ୍‌ଟିର ଯାତ୍ରା ସଂପୂର୍ଣ୍ଣ ତ୍ରୁଟିମୁକ୍ତ ନ ହେଲେ ମଧ୍ୟ ଭାରତରେ ପରୋକ୍ଷ କର ବ୍ୟବସ୍ଥାରେ ସ୍ଥିରତା ଓ ରାଜସ୍ୱ ବୃଦ୍ଧିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି। ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଫଳରେ ଜିଏସ୍‌ଟି ଆଗାମୀ ଦିନରେ ଆହୁରି ସହଜ ଓ ସରଳ ହେବ ବୋଲି ଆଶା କରାଯାଏ। ଆଗାମୀ ଦିନରେ ବିକଶିତ ଦେଶମାନଙ୍କର ଅଭିଜ୍ଞତାକୁ ନେଇ ସଂସ୍କାର ପ୍ରକ୍ରିୟାକୁ ନିରବିଚ୍ଛିନ୍ନ ଭାବେ ଚାଲୁରଖିବା ଏକାନ୍ତ ବାଞ୍ଛନୀୟ।


ରାଉରକେଲା, ମୋ: ୯୪୩୭୩୪୭୬୫୪।

# ମହାଜାଗତିକ ବିକିରଣ ଓ ଦୃଷ୍ଟିଶକ୍ତିର ସମ୍ଭାବନା

ଭୁବନାନନ୍ଦ ସାହୁ

ଆମେରିକାର ଏରୋନେଟିକ୍ ସ୍ପେସ୍ ଏଜେନ୍ସି (ନାସା) ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡର ଉତ୍ପତ୍ତିକୁ ଜାଣିବା ପାଇଁ ମହାକାଶକୁ କୋବେ ନାମକ ଏକ ସାଟେଲାଇଟ ପଠାଇଥିଲା। ଏହି ସାଟେଲାଇଟ ଅବଲୋହିତ ଓ ମାଇକ୍ରୋୱେଭ୍ ବିକିରଣକୁ ମାପି ୧୩.୭ ବିଲିୟନ(୧ବିଲିୟନ=୧୦୦କୋଟି) ବର୍ଷ ପୂର୍ବେ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି ବୋଲି ଦର୍ଶାଇଥିଲା। ଏହି ବିକିରଣର ତାପମାତ୍ରା ବ୍ରହ୍ମାଣ୍ଡର ଉତ୍ପତ୍ତି ସମୟରେ ୧.୦ ଗୁଣନ ୧୦କୁ ୨୭ଥର ଗୁଣନ କରିବା ପରେ ଯେଉଁ ସଂଖ୍ୟା ଆସିବ ସେତିକି ଡିଗ୍ରୀ ସେଣ୍ଟିଗ୍ରେଡ୍ ଥିଲା। ଏହି ବିକିରଣ ବ୍ରହ୍ମାଣ୍ଡର ପ୍ରସାରଣ ସହିତ କମି କମି ଆସି ଏବେ ୩ ଡିଗ୍ରୀ କେଲଭିନରେ ଅଛି ବୋଲି କୋବେ ନିଷ୍କର୍ଷରେ ପହଞ୍ଚିଛି। ଏହି ସାଟେଲାଇଟ ଦୂର ବ୍ରହ୍ମାଣ୍ଡରୁ ଆସୁଥିବା ଅବଲୋହିତ ଓ ମାଇକ୍ରୋୱେଭ୍ ଆଲୋକର ଉଷ୍ମତାକୁ କ୍ୟାମେରାରେ ଦେଖି ତା'ର ସଠିକ ମାନଚିତ୍ରକୁ ତିଆରି କଲା।

ଆଜିର ଆମ ବ୍ରହ୍ମାଣ୍ଡଟି ୧୩.୭ ବିଲିୟନ ବର୍ଷ ପୂର୍ବରୁ ଏକ ବହୁତ ଛୋଟ ଓ ଘନ ପଦାର୍ଥରୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଛି। ଏହା ହେଉଛି ବଡ଼ ଧରଣର ପ୍ରଥମ ପ୍ରମାଣ ଏବଂ ୨୦୦୬ରେ ଏହି ଆବିଷ୍କାର ପାଇଁ ଦୁଇ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଲା। ଆମେ ସମୁଦାୟ ଆଲୋକର କେବଳ ୦.୦୦୩୫% କୁ ଦେଖିପାରୁ। ଏହି ଦୃଶ୍ୟମାନ ଆଲୋକଟି ଇନ୍ଦ୍ରଧନୁର ସାତଟି ରଙ୍ଗ। ସେହି ସାତଟି ରଙ୍ଗ ହେଲା ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲୋହିତ। ଆମ ଆଖିରେ ନୀଳ, ସବୁଜ ଓ ଲୋହିତ ରଙ୍ଗର କୋଷ ଅଛି। ଏହି କୋଷ ଆମକୁ ଇନ୍ଦ୍ରଧନୁର ସାତଟି ରଙ୍ଗ ଦେଖେଇପାରୁଛି। ଆମର ଆଖି ଅତିବାଇଗଣୀ ଓ ଅବଲୋହିତ ଆଲୋକକୁ ଦେଖି ପାରେନାହିଁ। ସୂର୍ଯ୍ୟାଲୋକରୁ ଆସୁଥିବା କିରଣର ୯୯.୯୯%କୁ ଆମେ ଦେଖିପାରି ନ ଥାଉ। ସେହି ଦେଖିପାରୁ ନଥିବା କିରଣଗୁଡ଼ିକ ହେଲା ଗାମାରେ, ଏକ୍ସରେ, ଅତିବାଇଗଣୀ, ଅବଲୋହିତ, ମାଇକ୍ରୋୱେଭ୍ ଓ ରେଡିଓ ୱେଭ୍। ଆମେ ଯଦି ସୂର୍ଯ୍ୟାଲୋକର ସବୁକିରଣ ଦେଖିପାରନ୍ତେ ପୃଥିବୀଟି ଆମକୁ ପରିରାଇଜ ପରି ଆହୁରି ସୁନ୍ଦର ଦେଖାଯା'ନ୍ତା। ବିଜ୍ଞାନର ଅଭିବୃଦ୍ଧି ବ୍ରହ୍ମାଣ୍ଡରେ ଆମ ପୃଥିବୀ ପରି ଆଉ ଅନେକ ଗ୍ରହର ଆବିଷ୍କାର କରିଛି, ଯେଉଁଠି ଜୀବ ସମାଜ ଥାଇପାରନ୍ତି। ବୋଧେ ସେହି ଜୀବ ସମାଜ ଆମଠୁ ଅଧିକ ସୂର୍ଯ୍ୟାଲୋକ କିରଣ ଦେଖିପାରୁଥିବେ।



କେତେକ ପ୍ରାଣୀ ଅବଲୋହିତ ଓ ଅତିବାଇଗଣୀ ଆଲୋକକୁ ଦେଖିବାର ଅସାଧାରଣ କ୍ଷମତା ରଖନ୍ତି। ଅନ୍ଧାରରେ ଶିକାର ଓ ଶିକାରୀକୁ ସଠିକ୍ ଭାବରେ ଦେଖିବା ପାଇଁ ସାପର ଅବଲୋହିତ ଦର୍ଶନ କ୍ଷମତା ଅଛି। ଏକ ଉଦାହରଣରେ ନିଆଁ ହେଉଛି ଦୃଶ୍ୟମାନ୍ ଆଲୋକ ଏବଂ ଏହାର ଉଷ୍ମତା ହେଉଛି ଅବଲୋହିତ ଆଲୋକ। ଆଖି ଓ ନାକ ମଧ୍ୟରେ ସାପର ଏକ ବିଶେଷ ଅଙ୍ଗ ଅଛି, ଯାହାକୁ ପିଟ୍ କିମ୍ବା ଗର୍ତ୍ତ କୁହାଯାଏ। ଏହି ଗର୍ତ୍ତ ସାହାଯ୍ୟରେ ସାପ ପ୍ରାଣୀର ଉଷ୍ମତାକୁ ମାପି ତା'ର ଚିତ୍ରପଟ ତିଆରି କରେ। ଏହି ଗର୍ତ୍ତ ଅଙ୍ଗରେ ଥିବା ସ୍ନାୟୁରେ ଟିଆରପିଏ ୧ନାମକ ଏକ ଶ୍ୱେତସାର ଥାଏ। ଏହି ଟିଆରପିଏ ୧ ହେଉଛି ଏକ ଉତ୍ତାପ ସକ୍ରିୟ ଶ୍ୱେତସାର। ଉଷ୍ମ ରକ୍ତ ପ୍ରାଣୀର ଶରୀରରୁ ଆସୁଥିବା ଅବଲୋହିତ ଉତ୍ତାପ ଦ୍ୱାରା ଟିଆରପିଏ୧ ସକ୍ରିୟ ହୋଇଯାଏ। ଉତ୍ତାପ ଗ୍ରହଣ ପରେ ମସ୍ତିଷ୍କରେ ଟିଆରପିଏ ୧ ଦ୍ୱାରା ଏକ ତାପଜ ଚିତ୍ର ତିଆରି ହୁଏ।

ଅନ୍ୟ ପ୍ରାଣୀମାନଙ୍କରେ ଅବଲୋହିତ କିରଣକୁ ଦେଖିପାରିବା ଏପର୍ଯ୍ୟନ୍ତ ଅସମ୍ଭବ ଥିଲା। ନାନୋଟେକ୍ନୋଲୋଜି ଜରିଆରେ ଏବେ ଏହି ଅସମ୍ଭବକୁ ସମ୍ଭବ କରା ହୋଇପାରିଛି। ଅନ୍ଧ ମୂଷାମାନଙ୍କ ଉପରେ ଦୀର୍ଘ ଗବେଷଣା ପରେ ତାଙ୍କୁ ପୁନର୍ବାର ଦେଖିବାର କ୍ଷମତା ଦିଆଯାଇ ପାରିଛି। ସାପର ଟିଆରପିଏ ୧ କୁ ଅନ୍ଧ ମୂଷାଙ୍କ ଆଖିରେ ପ୍ରତିରୋପଣ କରି ଉଷ୍ମତାକୁ ଦେଖିବାର ଶକ୍ତିକୁ ଅଣାଯାଇ ପାରିଛି। ଏହି ଆବିଷ୍କାର ଦିନେ ଅନ୍ଧ ଲୋକଙ୍କର ପୁନର୍ବାର ଦୃଷ୍ଟି ଶକ୍ତି ଫେରାଇ ଆଣିପାରିବ - ଏହା ବୈଜ୍ଞାନିକମାନଙ୍କର ବିଶ୍ୱାସ।

(ବୈଜ୍ଞାନିକ-ମାସାଚୁସେଟ, ଆମେରିକା)
ଜାମସେଠ(ପାଇକମାଳ, ବରଗଡ଼)

# ଆମ ବୃକ୍ଷଲତା ଆମ ଜୀବନ

## ପଦ୍ମ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ପଦ୍ମ ବା କମଳ ହେଉଛି ଏକ ଦେଶୀୟ ଜଳଜ ଉଦ୍ଭିଦ, ଯାହା ଦକ୍ଷିଣ ଭାରତରୁ ଆରମ୍ଭ କରି ଉତ୍ତର ଭାରତ, ହିମାଳୟର ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ। ବର୍ତ୍ତମାନ ଶ୍ରୀଲଙ୍କା, ଦକ୍ଷିଣପୂର୍ବ ଏସିଆ, ନ୍ୟୁ ଗିନି ଏବଂ ଉତ୍ତର ଓ ପୂର୍ବ ଅଷ୍ଟ୍ରେଲିଆରେ ଏହାର ଉପସ୍ଥିତି ରହିଛି। ହିନ୍ଦୁ, ବୌଦ୍ଧ, ଜୈନ, ଇସମାଇଲିବାଦ ଓ ଚୀନ୍ ସଂସ୍କୃତିରେ ଏହା ଗଭୀର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଧାର୍ମିକ ଗୁରୁତ୍ୱ ବହନ କରେ। ପବିତ୍ରତା, ପ୍ରଜ୍ଞା, ଆଧ୍ୟାତ୍ମିକ ଜାଗରଣ ଏବଂ ଦିବ୍ୟସୌନ୍ଦର୍ଯ୍ୟର ପ୍ରତୀକ, ଯାହା କଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ବ୍ୟାପକ ଭାବରେ ଚିତ୍ରିତ ଓ ପ୍ରସ୍ଫୁଟିତ ହୋଇଛି। ପଦ୍ମ ଖାଦ୍ୟ ଉପଯୋଗୀ ବିହନ ଭାବେ ଚାଷ ହେବାର ପ୍ରାୟ ୩, ୦୦୦ ବର୍ଷର ଏକ ଦୀର୍ଘ ଇତିହାସ ରହିଛି। ଏହାର ପ୍ରାୟ ୧୦୦ ପ୍ରକାର ଉପଜାତି ରହିଥିବା କୁହାଯାଏ। ପବିତ୍ର ପଦ୍ମ ଭାରତର ଜାତୀୟ ଫୁଲ ଏବଂ ଅନୌପଚାରିକ ଭାବରେ ଭିଏତନାମର ମଧ୍ୟ ଜାତୀୟ ଫୁଲ। ଚୀନ୍ ଦେଶର ଲୋକମାନେ ଏହି ତୃଣକୁ ଦୀର୍ଘାୟୁର ପ୍ରତୀକ ଭାବରେ ବିଶ୍ୱାସ କରନ୍ତି।

ପଦ୍ମର ଲମ୍ବା କାଣ୍ଡକୁ ରାଇଜୋମ ବା କନ୍ଦ କୁହାଯାଏ, ଯେଉଁଥିରେ ଅନେକ ବାୟୁ ରନ୍ଧ୍ର ଥାଏ। ରାଇଜୋମର ଗଣ୍ଠିରୁ ସୂକ୍ଷ୍ମ ତନ୍ତୁ ପରି ମୂଳ ବାହାରିଥାଏ। ପଦ୍ମ ଗଛର ରାଇଜୋମ ପୋଖରୀ କିମ୍ବା ନଦୀ ତଳ ମାଟିରେ ପାଣି ତଳେ ଅନୁଭୂମିକ ଭାବରେ ସ୍ଥାୟୀ ଭାବରେ ସ୍ଥାନିତ ଥିବା ବେଳେ ପତ୍ର ଓ ଫୁଲଗୁଡ଼ିକ ଜଳପୃଷ୍ଠରେ ଭାସମାନ ଅବସ୍ଥାରେ ଥା'ନ୍ତି। ଏହାର ପତ୍ରଟି ଆକାରରେ ବଡ଼, ଗୋଲାକାର। ପତ୍ର ନାଡ଼ ପ୍ରାୟ ୨୦୦ ସେମି ପର୍ଯ୍ୟନ୍ତ ଲମ୍ବା ହୋଇପାରେ, `ଫୁଲଗୁଡ଼ିକ ୩୫ ସେମି ବ୍ୟାସ ପର୍ଯ୍ୟନ୍ତ ବଢ଼ିଥାଏ। ଫୁଲର କ୍ୟାଲିକ୍ସ ବା ବୃତି ମଣ୍ଡଳରେ ୫ ବୃତି, କରୋଲା ବା ଦଳ ମଣ୍ଡଳରେ ୧୦ ରୁ ୩୦ଟି କିମ୍ବା ତା'ଠାରୁ ଅଧିକ ପାଖୁଡ଼ା ଥାଏ, ଯାହା ହଳଦିଆ ଫୁକେଶର ଚକ୍ରକୁ ଘେରି ରହିଥାଏ। ଫୁକେଶର ଚକ୍ର ମଧ୍ୟରେ ଗାଇନୋସିୟମ୍ ବା ଫଳିକା ଚକ୍ର ଅବସ୍ଥିତ। କାର୍ପେଲ ବା ଫଳିକା ଚକ୍ରରେ ଏକ ଡିମ୍ବାଶୟ ଥାଏ, ଯାହା ଡିମ୍ବାଣୁକୁ ଧାରଣ କରେ। ସଫଳ ପରାଗ ସଙ୍ଗମ ପରେ, କାରପେଲ୍ ଏକ ବୀଜପଡ୍ କିମ୍ବା ଫଳକୁ ବିକଶିତ କରେ। ବୀଜପଡ୍ ସାଧାରଣତଃ ସବୁଜ ରଙ୍ଗର ଅନନ୍ୟ ତ୍ରିକୋଣୀୟ ଥାଳି ଆକୃତିର ହୋଇ ଥାଏ। ପରିପକ୍ୱ ହେବା ସହିତ ଏହା ରଙ୍ଗ ପରିବର୍ତ୍ତନ କରେ ଏବଂ କଠିନ ହୁଏ। ଭିତରେ ବିକାଶଶୀଳ ବିହନକୁ ସୁରକ୍ଷା ଦିଏ। ବୀଜପଡ୍ ପ୍ରାୟ ୧୦ ରୁ ୩୦ ବୀଜ ଧାରଣ କରିପାରେ। ବୀଜଗୁଡ଼ିକ ଗୋଲାକାର, ଛୋଟ ଓ ଗାଢ଼ ରଙ୍ଗର। ୧୯୯୪ ମସିହାରେ, ପ୍ରାୟ ୧, ୩୦୦ ବର୍ଷ ପୁରୁଣା ଏକ ପବିତ୍ର ପଦ୍ମରୁ ଏକ ବୀଜ, ଉତ୍ତର-ପୂର୍ବ ଚୀନ୍‌ର ଏକ ଶୁଷ୍କ ହ୍ରଦପଡ଼ିଆରୁ ସଫଳତାର ସହ ଅଙ୍କୁରିତ ହୋଇଥିଲା।

ପଦ୍ମ ଡାଳ, ବିହନ, ପତ୍ର ଓ ଫୁଲ ଦୀର୍ଘବର୍ଷ ଧରି ପାରମ୍ପରିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଆସୁଛି। ପତଳା ଝାଡ଼ା, ସଂକ୍ରମଣ, କାଶ, ଉଚ୍ଚ ରକ୍ତଚାପ, ଜ୍ୱର, କର୍କଟ, ସ୍ମରଣ ଶକ୍ତି ହ୍ରାସ, ମାଢ଼ି ରୋଗ, ....ଚିକିତ୍ସା ପାଇଁ ପଦ୍ମର ବିଭିନ୍ନ ଅଂଶ ବ୍ୟବହାର କରାଯାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବିହନ ଓ ପତ୍ରରେ ସବୁଠାରୁ ଅଧିକ କେନ୍ଦ୍ରିତ ଦେଖାଯାଏ, ଯେଉଁଥିରେ କ୍ୟାମ୍ପଫେରୋଲ୍, କ୍ୟାଟେଚିନ୍, କ୍ଲୋରୋଜେନିକ୍ ଏସିଡ୍ ଓ କ୍ୱେର୍ସେଟିନ୍ ସମେତ ଆଣ୍ଟିଅକ୍ସିଡାଣ୍ଟ ଯୌଗିକ ଜୈବ ରସାୟନ ଥାଏ। ଟୁଥପେଷ୍ଟ ଓ ଅନ୍ୟାନ୍ୟ ମୁଖ ପରିଷ୍କାର ଉତ୍ପାଦରେ ଏକ ଉପାଦାନ ଭାବରେ ଏହାର ଉପଯୋଗ ହୁଏ। ପଦ୍ମ ଶୁଖିଲା ମୂଳ, ଚା, ପାଉଡର, କ୍ୟାପସୁଲ୍ ଓ ନିଶ୍ୱାସନ ସମେତ ଅନେକ ପ୍ରସ୍ତୁତିରେ ଉପଲବ୍ଧ। ପତ୍ରଗୁଡ଼ିକରେ ଫ୍ଲାଭୋନୋଲ୍ ମିକ୍ରେଲିଆନିନ୍ ଏବଂ ଆଲକାଲଏଡ୍ ଯେପରିକି କୋକ୍ଲାଓରିନ୍ ଓ ନରକୋକ୍ଲାଓରିନ୍ ଥାଏ। ସମଗ୍ର ଉଦ୍ଭିଦରେ ନ୍ୟୁସିଫେରିନ୍ ଓ ନେଫେରିନ୍ ସମେତ ଜୈବିକ ସକ୍ରିୟ ଯୌଗିକ ଉପାଦାନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର

# ଏଏସ୍ଆଇ, ୨ କନେଷ୍ଟବଲ ନିଲମ୍ବିତ

ବାଲେଶ୍ୱର/ବାହାନଗା,୨୧।୯ (ସମିସ): ଏକ ନାବାଳିକା ଅପହରଣ ମାମଲାରେ ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର ହେବା ଘଟଣାରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଗୋପାଳପୁର ଥାନାର ଜଣେ ଏଏସ୍ଆଇଙ୍କ ସହ ୨ କନେଷ୍ଟବଲଙ୍କୁ ନିଲମ୍ବନ କରିଛନ୍ତି। ଗୋପାଳପୁର ଥାନା ଦୋଳପୁର ଅଞ୍ଚଳର ଏକ ନାବାଳିକାକୁ ଆରୁହାବାଡ଼ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା' ଜୁନ ୩୦ରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଏସ୍‌ପି ଗୋପାଳପୁର ଥାନାର ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ପରେ ଏହି ଟିମ ସେପ୍ଟେମ୍ବର ୧୦ରେ ଟ୍ରାକ କରି ଆନ୍ଧ୍ରପ୍ରଦେଶରେ ସମ୍ପୃକ୍ତ ଯୁବକ ଜଣକ ନାବାଳିକାକୁ ଅପହରଣ କରି ରଖିଥିବାର ସନ୍ଧାନ ପାଇଥିଲେ। ପରେ ଏହି ଟିମ୍ ଆନ୍ଧ୍ର ପ୍ରଦେଶ ଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକ ସଞ୍ଜୟ ରଥକୁ ଧରିବାରେ ସଫଳ ହୋଇ ଟ୍ରେନ ଯୋଗେ ଓଡ଼ିଶା ଆସୁଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ସଞ୍ଜୟ ରଥ ଟ୍ରେନରୁ ଫେରାର ହୋଇ ଯାଇଥିଲା। ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇ କେବଳ ନାବାଳିକାକୁ ଧରି ଓଡ଼ିଶା ଫେରିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଗୋପାଳପୁର ଥାନା ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନିଲମ୍ବନ କରିଛନ୍ତି।

# ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ଆନନ୍ଦପୁର,୨୧।୯ (ସମିସ): ସ୍ୱାମୀ-ସ୍ତ୍ରୀ ଘରେ ଶୋଇଥିବାବେଳେ ଶନିବାର ବିଳମ୍ବିତ ରାତିରେ ହଠାତ୍ କେହି ଦୁର୍ବୃତ୍ତ ଘରେ ପଶି ସ୍ୱାମୀଙ୍କୁ ହାଣି ଦେଇଛି। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଆନନ୍ଦପୁର ଥାନା ସିନ୍ଦୁରିଆ ଗାଁରେ ଚହଳ ପକାଇଛି। ମୃତକ ଜଣକ ହେଲେ ଜଗବନ୍ଧୁ ଦେଓଗାମ। ଖବରପାଇ ପୁଲିସ୍ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଅଭିଯୁକ୍ତକୁ ଧରିବା ପାଇଁ ତନାଘନା ଚଳାଇଛି। ପ୍ରକାଶ ଯେ, ଶନିବାର ରାତିରେ ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। ରାତି ସାଢ଼େ ୧୨ଟା ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଜଗବନ୍ଧୁଙ୍କୁ ଜଙ୍ଘକୁ ଏକ ଧାରୁଆ ଅସ୍ତ୍ରରେ ହାଣି ଫେରାର୍ ହୋଇଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଆକ୍ରମଣକାରୀ ଜଣକ ସେଠାରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ସଙ୍ଗେ ସଙ୍ଗେ ଜଗବନ୍ଧୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଜଙ୍ଘରେ ଶକ୍ତ ଆଘାତ ଏବଂ ପ୍ରବଳ ରକ୍ତସ୍ରାବ ଯୋଗୁଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ପୂର୍ବରୁ କୌଣସି କାରଣକୁ ନେଇ ଜଗବନ୍ଧୁଙ୍କ ସହ ତାଙ୍କର ଜଣେ ପୁତୁରାର ଝଗଡ଼ା ହୋଇଥିବାରୁ ହତ୍ୟାକାଣ୍ଡରେ ତା'ର ହାତ ଥାଇପାରେ ବୋଲି ସନ୍ଦେହ କରିଛନ୍ତି ଝିଅ ପୂଜାରାଣୀ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ଟ୍ରେଲର-ଟ୍ରକ୍ ଧକ୍କା; ଜଣେ ମୃତ

ଝାରସୁଗୁଡ଼ା,୨୧।୯ (ସମିସ): ରବିବାର ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କନକତୋରା ଛକ ନିକଟରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅପରାହ୍ଣରେ ଝାରସୁଗୁଡ଼ାରୁ ଛତିଶଗଡ଼ ପଟକୁ ଯାଉଥିବା ଏକ ଟ୍ରେଲର ଏବଂ ଛତିଶଗଡ଼ ପଟୁ ଝାରସୁଗୁଡ଼ାକୁ ଆସୁଥିବା ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରେଲର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଜନସାଧାରଣ ରାସ୍ତାରୋକ କରିଥିବାବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ଏହି ଦୁର୍ଘଟଣାରେ ଦୁଇଟି କାର୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

# ସ୍ମୃତିସଭାରେ ଢୋଲକିଆଙ୍କୁ ଝୁରିଲେ ବହୁ ବିଶିଷ୍ଟ ବ୍ୟକ୍ତି

## ଢୋଲକିଆ ରାଜନେତା ଅପେକ୍ଷା ସମାଜସେବୀ ଅଧିକ ଥିଲେ: ମୁଖ୍ୟମନ୍ତ୍ରୀ





ନୂଆପଡ଼ା,୨୧।୯ (ସମିସ): ସ୍ଥାନୀୟ ଖରିଆରରୋଡ୍ ସହରରେ ସ୍ୱର୍ଗତଃ ବିଧାୟକ ତଥା ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ପୁଅ ଜୟ ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ସନ୍ଦେଶ ଢୋଲକିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସର ଘାସିରାମ ମାଝୀ, ବିଜେପିର ବସନ୍ତ କୁମାର ପଣ୍ଡା ସ୍ୱର୍ଗୀୟ ବିଧାୟକଙ୍କୁ ଶ୍ରଦ୍ଧା ସୁମନ ଦେବା ସହ ତାଙ୍କ ବିୟୋଗରେ ଜିଲ୍ଲା ତଥା ରାଜ୍ୟ ଜଣେ ଦକ୍ଷ ସମାଜସେବୀ ଏବଂ ରାଜନେତାଙ୍କୁ ହରାଇଛି ବୋଲି କହିଥିଲେ। ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏକ ସ୍ୱତନ୍ତ୍ର ବିମାନରେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଢୋଲକିଆଙ୍କ ସହ ଦୀର୍ଘ କୋଡିଏ ବର୍ଷର ସମ୍ପର୍କକୁ ଦୋହରାଇଇ ସେ ଜଣେ ରାଜନେତା ଅପେକ୍ଷା ସମାଜସେବୀ ଅଧିକ ଥିଲେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ତରଫରୁ ବିଧାୟକ ପ୍ରଦୀପ ଦିଶାରୀ, ପୁଷ୍ପେନ୍ଦ୍ର ସିଂ ଦେଓ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ ଅମାତ, ରଜନୀ କାନ୍ତ ସିଂ, ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ, ରମେଶ ମାଝୀ, ଦୀପିକା ଦୀପ, ଲମ୍ବୋଦର ନିଆଲ, ମନୋଜ କୁମାର ମିଶ୍ର, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନାରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ରାଜେଶ କୁମାର ନିଗମ, ଧନୀ ସାହୁ, ବଣ୍ଟିଡାଗା, କାର୍ତ୍ତିକ ଦୀପ, ରବି ବାଗ, ପ୍ରେମ ସାହୁ, ମନମିତ ସିଂ, ଶେଖର ଜୈନ, ରମାକାନ୍ତ ଠାକୁର ପ୍ରମୁଖ ସହଯୋଗ କରିଥିଲେ।

# ପାହାଡ଼ ଉପରୁ ମିଳିଲା ନିଖୋଜ କଏଦୀଙ୍କ ମୃତଦେହ

## ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର

ରାଉରକେଲା,୨୧।୯ (ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲରୁ ଗତ ୪ ଦିନ ତଳେ ପାଚେରି ଡେଇଁ ଫେରାର ହୋଇଥିବା ବିଚାରାଧୀନ କଏଦୀ ସୁରେଶ ବାର୍ଲା (୩୨)ଙ୍କ କ୍ଷତବିକ୍ଷତ ଗଳିତ ମୃତଦେହକୁ ପୁଲିସ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରୁ ଜବତ କରିଛି। ରଘୁନାଥପାଲୀ ଥାନା ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆଜି ଏ ବିଷୟରେ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର, ରଘୁନାଥପାଲୀ ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ଏବଂ ଜେଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ତାହା ଜେଲରୁ ଫେରାର ହୋଇଥିବା ସୁରେଶ ବାର୍ଲାଙ୍କର ବୋଲି ସ୍ପଷ୍ଟ ହୋଇଥିଲା।



ମୃତ ସୁରେଶଙ୍କ ଶବ ପଚି ଯାଇଥିଲେ ହେଁ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ପରିଲକ୍ଷିତ ହୋଇଥିଲା। ସେପଟେ ମୃତ ସୁରେଶଙ୍କ ପରିବାରବର୍ଗ ଏହି ମୃତ୍ୟୁ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସମେତ ଡ୍ୟୁଟିରେ ଥିବା ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ମୃତ ସୁରେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ଅନେକ ପ୍ରଶ୍ନ ଉଠିଛି। ଜେଲ ପାଚେରିର ଉଚ୍ଚତା ପ୍ରାୟ ୩୫ରୁ ୪୦ ଫୁଟ ହୋଇଥିବା ବେଳେ ଏତେ ଉଚ୍ଚରୁ ସୁରେଶ ଡେଇଁ ଥିବାରୁ ଗୁରୁତର ଭାବେ ଆହତ ଅବସ୍ଥାରେ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରକୁ ଚାଲିଯିବା ଏବଂ ଚିକିତ୍ସା ଓ ଖାଦ୍ୟ ନ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସୁରେଶଙ୍କ ମୃତ୍ୟୁ ପଛରେ କେବଳ ଏହି ଘଟଣା ନା ଅନ୍ୟ କିଛି ରହସ୍ୟ ଲୁଚି ରହିଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସେପଟେ ପାନପୋଷ ଏସ୍‌ଡିପିଓ ଶ୍ରୀ ମହାପାତ୍ର କହିଛନ୍ତି ଯେ ପୁଲିସ ଏବେ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ସେପ୍ଟେମ୍ବର ୨୭ ସକାଳ ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଜେଲ ପରିସରରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତେ ବ୍ୟସ୍ତ ଥିବା ବେଳେ ସୁରେଶ ଜେଲ ଭିତରେ ଥିବା ୱାଚ୍ ଟାୱାର ଉପରେ ଚଢ଼ି ପାଚେରିରୁ ଡେଇଁ ଫେରାର ହୋଇ ଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା। ଗତକାଲି ରାତିରେ ଜେଲ ରୋଡ ତଥା ସରକାରୀ ଆଇଟିଆଇ ପଛ ପାର୍ଶ୍ୱରେ ଥିବା ପାହାଡ ଉପରେ ଯୁବକଙ୍କ ଶବ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଆଜି ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ।

## ■ ମହିଳା ମହାସଂଘ ପୁନର୍ଗଠନ ବିବାଦ

# ବିଡିଓଙ୍କ ନାଁରେ ଥାନାରେ ଏତଲା

ନିମାପଡ଼ା,୨୧।୯ (ସମିସ): ନିମାପଡ଼ା ବ୍ଲକ୍‌ର ୩୨ଟି ପଞ୍ଚାୟତରେ ମିଶନ ଶକ୍ତି ମହିଳା ମହାସଂଘର ନୂତନ କର୍ମକର୍ତ୍ତା ଚୟନକୁ ନେଇ ଗତ କିଛିଦିନ ହେଲା ବିବାଦ ଉଗ୍ରରୂପ ଧାରଣ କରିଛି। ମହିଳା ମହାସଂଘର କର୍ମକର୍ତ୍ତାମାନେ ଏହି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାରେ ଅନିୟମିତତା କରାଯାଉଥିବା ଅଭିଯୋଗ କରି ନିମାପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଦୁଇଥର ଧାରଣା ଦେବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାସଂଘର ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ଓ ସଭ୍ୟା ଗତ ୧୮ ତାରିଖରେ ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେବାବେଳେ ଏହି ସମୟରେ ନିଜ କାର୍ଯ୍ୟରେ ଆସିଥିବା ଦୁଇଜଣ ମହିଳା ଜୟନ୍ତୀ ସେଠୀ ଓ ଖୁଲଣା ଭୋଇ



ବିଡିଓଙ୍କୁ ଦେଖା କରିବାକୁ ଚାହିଁବାରୁ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ ଓ ବିପିଏମ୍ ମୋନାଲିସା ତ୍ରିପାଠୀ ଅଫିସ ରୁମ୍‌ରୁ ବାହାରି ଆସି ଗାଳିଗୁଲଜ କରିବା ସହ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବାରୁ ଏ ନେଇ ରବିବାର ଜୟନ୍ତୀ ଓ ଖୁଲଣା ମହିଳା ମହାସଂଘର ଶତାଧିକ କର୍ମକର୍ତ୍ତା ଆସି ବିଡିଓ ଏବଂ ବିପିଏମ୍‌ଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ବାମଦେବ ସ୍ୱାଇଁ ସେମାନଙ୍କଠାରୁ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀଙ୍କୁ ପଚାରିବାରେ ଗତ ୧୮ ତାରିଖରେ ବ୍ଲକ୍‌ରେ କେତେକ ମହିଳା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଧାରଣାରେ ବିସିଥିଲେ। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି କହିବା ପରେ କାର୍ଯ୍ୟକର୍ତ୍ତାମାନେ ଧାରଣାରୁ ଓହରିଥିଲେ। ମାତ୍ର ଆଜି ମୋ ବିରୋଧରେ ୨ଜଣ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଆମ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିବା ସହିତ ଅଭିଯୋଗରେ କୌଣସି ସତ୍ୟାସତ୍ୟ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠାରୁ ନୂଆ...

ବିକ୍ରି କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକୁ ଔଷଧ, ଫର୍ମୁଲେସନ ଏବଂ ଚିକିତ୍ସା ଉପକରଣର ଏମ୍‌ଆର୍‌ପି ଅପଡେଟ୍ ହେବ। ଏଥିରେ ବିଚ୍ୟୁତି ଘଟିଲେ ବ୍ୟବସାୟୀଙ୍କୁ ଜେଲ ଓ ଜୋରିମାନାରେ ଦଣ୍ଡିତ ହେବାକୁ ପଡ଼ିବ। ଜିଏସ୍‌ଟି ହ୍ରାସ ପରେ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଲାଗୁ ହେବନାହିଁ। ସେପ୍‌ଟେମ୍ବର ୨୨ ପରେ ପୈଠ କରାଯାଇଥିବା ନବୀକରଣ ପ୍ରିମିୟମ ମଧ୍ୟ ଜିଏସ୍‌ଟି ମୁକ୍ତ ହେବ।

## ଜିଏସ୍‌ଟି ବଚତ୍...

ନୂଆ ଆୟକର ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆୟକର ଛାଡ଼ ସହିତ ଜିଏସ୍‌ଟି ହ୍ରାସ ଦେଶବାସୀଙ୍କ ପାଇଁ ଉତ୍ସାହ ଆଣିବ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ସାମଗ୍ରୀ ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଏହା ଜାତୀୟ ବିକାଶରେ ସହାୟକ ହେବ। ଜିଏସ୍‌ଟି ସଂସ୍କାର ସହିତ ସ୍ୱଦେଶୀ ସାମଗ୍ରୀ କାରବାର ଅଭିବୃଦ୍ଧିକୁ ଗତିଶୀଳ କରିବ ଏବଂ ଅଧିକରୁ ଅଧିକ ପୁଞ୍ଜି ଆଣିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ଅଭିଯାନରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟଙ୍କୁ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ ଦେଶକୁ ଯାହା ଆବଶ୍ୟକ ଏବଂ ଭାରତରେ ଯାହା ତିଆରି କରାଯାଇପାରିବ ତାହା ଦେଶ ଭିତରେ ହିଁ ତିଆରି ହେବା ଉଚିତ। ଏହା ଭାରତର ସମୃଦ୍ଧି ସହ ଆତ୍ମନିର୍ଭରଶୀଳତାକୁ ଶକ୍ତି ଦେବ। ଏପରି ସାମଗ୍ରୀ କିଣିବା ଯାହା ଭାରତରେ ତିଆରି ହୋଇଛି।

## ଭାରତରୁ ଚିଙ୍ଗୁଡି...

ଟଙ୍କାର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଏହି ରପ୍ତାନିର ପ୍ରାୟ ଏକ ତୃତୀୟାଂଶ କେବଳ ଆମେରିକାକୁ ହୋଇଥିଲା। ଏହି ସମୟରେ ଆମେରିକା ପ୍ରଶାସନର ଚିଙ୍ଗୁଡ଼ି ଆମଦାନୀ କଟକଣା ରପ୍ତାନିକାରୀ, ମତ୍ସ୍ୟଜୀବୀ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୪-୦୫ ରେ ରାଜ୍ୟର ଚିଙ୍ଗୁଡ଼ି ରପ୍ତାନି ୩୦୦-୪୦୦ କୋଟି ମଧ୍ୟରେ ରହିଥିଲା। ୨୦୨୪-୨୫ରେ ଏହା ୪,୭୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରୁ ଚିଙ୍ଗୁଡ଼ି ଆମେରିକା, ୟୁରୋପ, ରୁଷ, ଜାପାନ ଏବଂ ଅନ୍ୟାନ୍ୟ ବିକଶିତ ଦେଶଗୁଡ଼ିକୁ କରାଯାଉଛି ଏବଂ ଏହାର ସିଂହଭାଗ କେବଳ ଆମେରିକାକୁ ପଠାଯାଉଛି। ଭାରତରୁ ବାର୍ଷିକ ୯ ଲକ୍ଷ ଟନ୍ ଚିଙ୍ଗୁଡ଼ି ଉତ୍ପାଦିତ ହୋଇଥାଏ, ଯାହା ସାରା ବିଶ୍ୱରୁ ଉତ୍ପାଦିତ ଚିଙ୍ଗୁଡ଼ିର ୪୦%।

ସମ୍ପ୍ରତି ଆମେରିକୀୟ ସେନେଟରମାନେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନି ଉପରେ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ରିପବ୍ଲିକାନ୍ ସେନେଟର ବିଲ୍ କାସିଡି ଏବଂ ସିଣ୍ଡି ହାଇଡ୍-ସ୍ମିଥ୍ ଆମେରିକୀୟ କଂଗ୍ରେସରେ 'ଇଣ୍ଡିଆ ଚିଙ୍ଗୁଡ଼ି ଟାରିଫ୍ ବିଲ୍' ଆଗତ କରିଛନ୍ତି। ଭାରତ ଅନୁଚିତ ବାଣିଜ୍ୟ ଅଭ୍ୟାସ ମାଧ୍ୟମରେ ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି କରୁଛି, ଯାହା ଦ୍ୱାରା ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚୁଥିବା ଏଥିରେ ଉଲ୍ଲେଖ ରହିଛି। ଆମେରିକୀୟ ସେନେଟରମାନେ ଏହି ବିଲ୍ ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ହଜାର ହଜାର ନିଯୁକ୍ତିକୁ ସୁରକ୍ଷା ଦେବ ବୋଲି ଦାବି କରିଛନ୍ତି।

## ୨୪ ଘଣ୍ଟାରେ...

ତେଣୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସୋମବାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ରାଜ୍ୟର ବାକି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବ ଯାଉ ଯାଉ ଆସନ୍ତା ୨୫ ସେପ୍ଟେମ୍ବର ପାଖାପାଖି ମିଆଁମାର-ବାଂଲାଦେଶ ଉପକୂଳରେ ଥିବା ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଅଧିକ ଘନୀଭୂତ ହେବା ନେଇ ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ତେଣୁ ଏହି ଲଘୁଚାପ ଯୋଗୁଁ ପାର୍ବଣ ସମୟରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ୨୫ ତାରିଖରୁ ବର୍ଷା ବଢ଼ିବା ସହ ୨୮ ତାରିଖ ଯାଏଁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ଯୋଗୁଁ ବିଶେଷ କରି ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଜିଲ୍ଲାଗୁଡ଼ିକରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି।

## ବନ୍ଦ ହେବ...

ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଇଡି କଲେଜରେ ଆବଶ୍ୟକ ଅଧ୍ୟାପକ ନ ଥିବାରୁ ବହୁ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହୋଇଥିଲା। ଏହାପରେ ବିଇଡି କଲେଜ ପରିଚାଳନା ଭାର ଉଚ୍ଚଶିକ୍ଷା ବିଭାଗ ନେଇଥିଲା। ଏହାପରେ ୩୮୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପ୍ରକ୍ରିୟା ଆରମ୍ଭ କରିଥିଲା। ତହିଁରେ ଗୋଟିଏ ବିଷୟରେ ସ୍ନାତକୋତ୍ତର କରିବା ସହ ବିଇଡି କରିଥିବା ଆବଶ୍ୟକ ବୋଲି ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଗଲା। ହେଲେ ଏହା ଏନ୍‌ସିଟିଇ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ଉଲ୍ଲଙ୍ଘନ କରିଥିଲା। ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ନିୟମକୁ ପାଳନ କରି ନ ଥିଲା। ଫଳରେ ମୋଟ୍ ୩୮୫ ଜଣଙ୍କ ମଧ୍ୟରୁ ଯୋଗ୍ୟତା ନ ଥାଇ ମଧ୍ୟ ପ୍ରାୟ ୨୧୪ ଜଣ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛନ୍ତି। ଆବଶ୍ୟକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ସ୍ୱୀକୃତି ପ୍ରତ୍ୟାହାର ହୋଇଥିବା କଲେଜଗୁଡ଼ିକୁ ପୁନଃ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ଏନ୍‌ସିଟିଇକୁ ଅନୁରୋଧ କରାଯାଇଥିଲା। ହେଲେ ଏକାଧିକ ଅଭିଯୋଗ ସହ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚିବା ପରେ ଏନ୍‌ସିଟିଇ ଖୋଳତାଡ଼ ଜାରି ରଖିଛି।

ଗତ ଅଗଷ୍ଟ ୨୫ ଓ ୨୬ ତାରିଖରେ ଏନ୍‌ସିଟିଇର ୩୭୪ତମ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୂର୍ବରୁ ଗୋଟିଏ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା କଲେଜଗୁଡ଼ିକୁ ଦ୍ୱିତୀୟ ବା ଚୂଡ଼ାନ୍ତ ନୋଟିସ୍ କରିବାକୁ ନିଷ୍ପତି ହୋଇଛି। ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ବିଇଡି କଲେଜ, କଟକସ୍ଥିତ ରାଧାନାଥ କଲେଜ, ଅନଗୁଳସ୍ଥିତ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଗାମୀ ବିଇଡି କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବିଇଡି କଲେଜ, ବଲାଙ୍ଗିର ବିଇଡି କଲେଜ, ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଇଡି କଲେଜ ଏବଂ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜକୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଆସନ୍ତା ଶିକ୍ଷାବର୍ଷରୁ ଏହି କଲେଜରେ ନାମଲେଖା ବନ୍ଦ ହୋଇଯିବ। ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ସ୍ୱୀକୃତି ପ୍ରତ୍ୟାହାର ପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ଗୋଟିଏ ଲେଖାଏଁ ନୋଟିସ୍ ପାଇଥିବା ଏହି ୮ଟି ବିଇଡି କଲେଜ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲି ରହିଛି। ଆଗାମୀ ଦିନରେ ଏଗୁଡ଼ିକର ସ୍ୱୀକୃତି ମଧ୍ୟ ପ୍ରତ୍ୟାହାର କରିବା ସୁନିଶ୍ଚିତ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରୁଛନ୍ତି।

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

ମଧ୍ୟ କେହି ନିଯୁକ୍ତି ପାଇ ନାହାନ୍ତି । ଅନୁରୂପ ଭାବରେ ମୁଖିଆ ଅଭାବରୁ ବିଭିନ୍ନ ନିଗମଗୁଡ଼ିକ ଦିଶାହୀନ ଭାବରେ ଗତି କରୁଛି ।

୧୫ ମାସ ହେଲାଣି ବୋର୍ଡ, ନିଗମ ଏବଂ ଅକାଦେମୀ ସହ ବିଭିନ୍ନ କମିସନରେ ନିଯୁକ୍ତି ଦିଆଯାଉ ନ ଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଏପଟେ ନୂଆ ମନ୍ତ୍ରୀ ହୋଇଥିବା ଏବଂ ଏନେଇ ଆଗରୁ ଆଦୌ ଅଭିଜ୍ଞତା ନ ଥିବା ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ କରାଯାଇଥିବାରୁ ସେମାନେ ଏକପ୍ରକାର ଅଣନିଶ୍ୱାସୀ । ଏହି ପରିପ୍ରେକ୍ଷୀରେ ପ୍ରତି ମାସେ ଦୁଇମାସ ବ୍ୟବଧାନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ହେଉଛି । ବିଶେଷ ଭାବରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଏହି ଚର୍ଚ୍ଚା ବେଶି ଦାନା ବାନ୍ଧୁଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ସହମତି ହୋଇ ପାରୁ ନ ଥିବା କୁହାଯାଉଛି । ଦଳ ମଧ୍ୟରେ ଗୋଷ୍ଠୀ ବିବାଦ ଓ ପ୍ରବଳ ଲବି ଯୋଗୁଁ ମନ୍ତ୍ରୀ ପଦଗୁଡ଼ିକ ପୂରଣ ହୋଇ ପାରୁ ନ ଥିବା କୁହାଯାଉଛି। ଯାହାକୁ ନେଇ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତା ସରକାର ଓ ସଂଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଗତ ସପ୍ତାହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏପରିକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ ଦିଲ୍ଲୀରେ କୌଣସି ଆଲୋଚନା ହୋଇନାହିଁ ଓ ନିଗମ ନିଯୁକ୍ତି ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେଇଥିଲେ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋଡର୍‌ରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋଡର୍ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି।

## ବିଷ ବି...

ହୋଇଥିବା ଜଣାପଡ଼ିଛି। ଚାଷ ଜମିକୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ଚାଷୀ ଦିନରାତି ପରିଶ୍ରମ କରୁଛି। କୃଷି ବିଭାଗ ବ୍ଲକ୍‌ୱାରୀ ହ୍ୱାଟସ୍‌ଆପ୍ ଗ୍ରୁପ୍ କରିଛି। ଏଥିରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସଚେତନତାଠାରୁ ଆରମ୍ଭ କରି ରୋଗ ପୋକ ବିଷୟରେ ବି ସଚେତନ କରାଯାଉଛି। ମାତ୍ର ସବୁ ଚାଷୀଙ୍କ ପାଖରେ ଏହି ସୂଚନା ପହଞ୍ଚିପାରୁନି। ତେଣୁ ରୋଗ ଦାଉରୁ କେମିତି ରକ୍ଷା ପାଇବେ ଚାଷୀମାନେ ଜାଣିପାରୁନାହାନ୍ତି। କେଉଁ କୀଟନାଶକ ବ୍ୟବହାର କଲେ, ଏହାକୁ ପ୍ରତିହତ କରିହେବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ମାତ୍ର କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନଥିବା ଅଭିଯୋଗ ହେଉଛି। ଏହି ରୋଗ ଏବେ ଉପକୂଳ ଓଡ଼ିଶା ସମେତ ନୟାଗଡ଼, ବୌଦ୍ଧ, କନ୍ଧମାଳ ଆଦି ଜିଲ୍ଲାରେ ଏହି ରୋଗ ଦେଖାଦେଇଥିବା ଅଭିଯୋଗ ହେଉଛି। ଚାଷ ଜମିରେ ଅଧିକ ପାଣି ଜମି ରହିବା ଓ ମାତ୍ରାଧିକ ସାରର ପ୍ରୟୋଗ ଯୋଗୁଁ ଏହି ରୋଗ ହେଉଛି। ଏହି ରୋଗର ଲକ୍ଷଣ ୩ ପ୍ରକାରର। ଧାନପତ୍ର ହଳଦିଆ ପଡ଼ିବ, ଧାନପତ୍ରରେ ଚିହ୍ନ ସୃଷ୍ଟି ହେବ ଓ ଧାନ ଉପରୁ ମୂଳ ପର୍ଯ୍ୟନ୍ତ ପୋଡ଼ି ପୋଡ଼ି ଆସିବା ହେଉଛି ଏହାର ମୂଳ ଲକ୍ଷଣ। ସେହିପରି ପତ୍ରମୋଡ଼ା ରୋଗ ମଧ୍ୟ ଧାନକୁ ସର୍ବନାଶ କରିଦେଉଛି। ଉପରୁ ଧାନ ଗଛକୁ ଗୋଟେ କରି ପୋକ ଖାଇଦେବ ଓ ଧାନ ବଢ଼ିବାକୁ ଦେଉନି।

କୃଷି ବିଶେଷଜ୍ଞ ସୁବ୍ରତ ପାଣିଗ୍ରାହୀଙ୍କ କହିବାନୁସାରେ, ଏହି ରୋଗ ପ୍ରତିହତ କରିବାକୁ ହେଲେ ଏବେ କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ଜରୁରୀ। ରୋଗ ଲାଗିବା ପରେ ଚାଷୀ ୨ ଶହ ଲିଟର ପାଣିରେ ୨୦କେଜି କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ପୋକ ଦାଉରୁ ରକ୍ଷା ପାଇପାରିବ। ପ୍ରଥମେ ଚାଷୀ ଏହି ଉପାୟକୁ ଅବଲମ୍ବନ କରି ପୋକ ନାଶ କରିବାକୁ ଚେଷ୍ଟା କରିବା ଦରକାର ବୋଲି ସେ କହିଛନ୍ତି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା କୃଷି ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଚାଷୀଙ୍କୁ ସଚେତନ କରାନ୍ତୁ। କୀଟନାଶକ ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ସେ କହିଛନ୍ତି। ଏନେଇ କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି, କିଛି ବ୍ଲକ୍‌ରେ ପତ୍ରପୋଡ଼ା ରୋଗ ନେଇ ଅଭିଯୋଗ ଆସିଛି। ଆମେ ଏହା ଉପରେ ଯାଞ୍ଚ କରି ରୋଗ ଦାଉରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-3550, dated 17/09/2025 I, Saikh Firdosh, S/o- Saikh Taher, of At-Badahantuad, Po.- Badahantuad, Ps.-.Banpur, Dist.-Khordha, declare that in my Adhar card my name is wrongly mentioned as Sek Firdos instead of Saikh Firdosh. Henceforth, I shall be known as **Saikh Firdosh** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 20.09.2025, I BABLU BISSOI, S/o- Late Jagat Bissoi, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063 declare that, I have changed my name from **BABULA BISUI to BABLU BISSOI**. Henceforth I shall be known as **BABLU BISSOI** for all purposes.
Sd/- **BABLU BISSOI**

**AFFIDAVIT**

By virtue of an affidavit No, 2459, dtd 20/9/2024 before the Executive Magistrate, Phulbani, I, Sanjiba Mallick, resident At-Dangarapada, Po-Ratanga, Ps-Phiringia, Dist-Kandhamal have changed my minor daughter's name from Sili Mallick to Snehalata Mallick. Henceforth, she shall be known as **Snehalata Mallick** for all purposes.
**Sd/-Sanjiba Mallick**

**AFFIDAVIT**

By virtue of an affidavit sworn before Excutive Magistrate, Soro on 16.09.2025, I Sarojini Mohanty, formerly called Sarojini Jena, W/o Debashish Jena, At- Brahmansahi, Po-Sarasankha, Ps-Soro Balasore, PIN-756045, declare that I have changed my name from Sarojini Jena to Sarojini Mohanty. Henceforth, I shall be known as **Sarojini Mohanty** for all further purposes.

**AFFIDAVIT**

By virtue of an affidavit no.285, dtd. 17.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud (DOB 10.03.1970) to Tambar Goud (DOB 27.01.1967). Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po-Dhemanasole, Ps- Chandua, Dist-Mayurbhanj declare that the actual and correct Date of Birth(DOB) of my daughter Sonali Dehuri (Rakhi) is 10-11-2010. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2010, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

By virtue of an affidavit before the Executive Magistrate, Nayagarh, I, Mahendra Majhi, At/Po-Subalaya, Ps-Bhapalm, Dist-Nayagarh have changed my minor son's name from Sandipsoyansu Majhi (old name) to Sandep Swayanshu Majhi (new name). Henceforth, he shall be known as Sandep Swayanshu Majhi for all purposes.
**Sd/-Mahendra Majhi**

**AFFIDAVIT**

By virtue of an affidavit sworn before the Notary Public, Nabarangpur vide no.372 dated. 20.09.2025, I Smt. Jochhnarani Nayak @ Jochhana Rani Behera, D/o- Late Radha Krushna Nayak W/o- Susanta Kumar Behera resident of At/Po./Ps.- Papadahandi state that in my son **Baibhav Kumar Behera**'s birth certificate my name has been wrongly mentioned as Jochhnarani Nayak. Hence **Jochhnarani Nayak** and **Jochhana Rani Behera** is one and same person.
Sd/- **Jochhana Rani Behera**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 24/02/2025. I, **Sri Tulasi Nag** (Applicant name), aged about 34 years, S/o- Sashi Nag, Address: At- Makripada, PO-Lebada, PS- Muribahal, Dist-Bolangir (Odisha), PIN- 767033 declare that, my daughter name is **Chutila Nag** which is mentioned in her Aadhar Card bearing No: 2568 3099 3409. That, now I have changed my daughter name from **Chutila Nag to Chunnu Nag.** Henceforth, she shall be known as **CHUNNU NAG** (new name) for all purposes.
**Sri Tulasi Nag**



ମା'ଭଗବତୀଙ୍କ କାଳୀ ବେଶ

## ସର୍ପାଘାତରେ ବୃଦ୍ଧଙ୍କ ମୃତ୍ୟୁ

**ମାହାଙ୍ଗା,୨୧।୯ (ସମିସ):** କୁମୁଡା ଜଇପୁର ଫାଣ୍ଡି ଅନ୍ତର୍ଗତ କୁହୁଣ୍ଡା ଗ୍ରାମର ଗୁନାନନ୍ଦ ବେହେରା (୬୫) ଙ୍କ ନାମକ ଜନୈକ ବୃଦ୍ଧ ବ୍ୟକ୍ତିଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ଗୁନାନନ୍ଦଙ୍କୁ ବିଷଧର ଗୋଖର ସାପ ଦଂଶନ କରିବା ଜଣାପଡିବା ପରେ ତାଙ୍କୁ ମାହାଙ୍ଗା ସରକାରୀ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ହସ୍ପିଟାଲରେ ଦେହାନ୍ତ ହୋଇଯାଇଥିଲା। ଡାକ୍ତରଖାନା ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଛି। ଗୁନାନନ୍ଦ ଜଣେ ପରୋପକାରୀ ମିଷ୍ଟଭାଷୀ ଏବଂ ଅମାୟିକ ବ୍ୟକ୍ତି ଥିଲେ। ଗୁନାନନ୍ଦଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ପ୍ରଧାନ, ସମିତିସଭ୍ୟା ସୁପ୍ରଭା ସାମଲ, ରାଧାନାଥ ରାଉତ, ସୁବାସ ଚନ୍ଦ୍ର ବେହେରା, ହେମନ୍ତ ପ୍ରଧାନ, କଳ୍ପନା ଜେନା, କୁଣ୍ଡି ସେବା ସମବାୟ ସମିତି ସଭାପତି ଅଖିଳେଶ ମହାନ୍ତି ପ୍ରମୁଖ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ଗାଈ ମୃତ

**କଣ୍ଟାପଡ଼ା,୨୧।୯ (ସମିସ):** ସକାଳୁ ପାଣିପାଗ ଠିକ୍ ଥିଲା। ହେଲେ ଅପରାହ୍ନ ୨ ଟା ବେଳକୁ ଆକାଶରେ କଳା ମେଘ ସାଙ୍ଗକୁ ପ୍ରଚଣ୍ଡ ବଜ୍ରପାତ ସହ ତୁହାକୁ ତୁହା ବର୍ଷା ଢ଼ାଳିଲା। ବଜ୍ରପାତରେ ଦାମୋଦରପୁର ୩୩/୧୧ କେଭି ବିଦ୍ୟୁତ୍ ଷ୍ଟେସନ ଅଧୀନରେ ଥିବା ସୁନ୍ଦରଗ୍ରାମ ଇଶ୍ୱରପୁର ବଡଝରିଲୋ ପ୍ରଭୃତି ଅଞ୍ଚଳରେ ବିଦ୍ୟୁତ ଗ୍ରାହକଙ୍କ ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ ସରଞ୍ଜାମ ପୋଡି ନଷ୍ଟ ହୋଇଯାଇଛି। ସେହିପରି କନ୍ଦଳ ନଦୀର ତଣ୍ଡିକଣା ସେତୁ ପାଖରେ ଚରୁଥିବା ଗୋରୁପଲ ଉପରେ ବଜ୍ରପାତ ହେବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଛି।

## ସଂସ୍କୃତ ଏକାଡେମୀରେ ଚାରାରୋପଣ କାର୍ଯ୍ୟକ୍ରମ

**ଫୁଲନଖରା,୨୧।୯ (ସମିସ):** କୁରାଙ୍ଗଶାସନସ୍ଥିତ ବାବା ଶ୍ରୀରାମପ୍ରସାଦ ସଂସ୍କୃତ ଏକାଡେମୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ଚାରାଗୁଡିକୁ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ, ସିଆରସିସି ରୁବିନା ଦିଦି, ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲି, ପଣ୍ଡିତ ଅଜୟ ପତି ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଚାରାଗୁଡିକୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ପରିସରରେ ରୋପଣ କରିବା ସହ ସେଗୁଡିକର ଯତ୍ନ ନେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଦାଶିବ ପାଲ, ବନବିହାରୀ ପାତ୍ର, ସୁଧାଂଶୁ ମହାନ୍ତି, ହୃଦରଞ୍ଜନ ଦାଶ, ଭବାନୀ ମିଶ୍ର ଓ ଧୀରେନ୍ଦ୍ର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ଟାଙ୍ଗୀ ଅଞ୍ଚଳରେ ସାର ଅଭାବ, ଚାଷୀ ମୁଣ୍ଡରେ ଚଡ଼କ

**ଟାଙ୍ଗୀ,୨୧।୯ (ସମିସ):** ଚଳିତ ବର୍ଷ କୃଷକ ବହୁତ ପରିଶ୍ରମ କରି ଭଲ ଭାବରେ ଧାନ ତଳି ରୁଆପୋତା କରି ଭଲ ଭାବରେ ଚାଷ କରିଛି। ଆଶା ରଖିଛି ସବୁ ବର୍ଷ ଅପେକ୍ଷା ଚଳିତ ବର୍ଷ ଭଲ ଧାନ ଅମଳ ହେବ। କିନ୍ତୁ ଚାଷୀର ଆଶା ଆଶାରେ ରହିଯିବ ବୋଲି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଧାନ ଗଛରେ କାଣ୍ଡ ବିନ୍ଧା ପୋକ ଲାଗିବାରୁ ଧାନ ଗଛ ହଳଦିଆ ପଡ଼ିଗଲାଣି। ୟୁରିଆ ସାର ଧାନ ତଳିରେ ପଡ଼ିଲେ ପୋକ ଛାଡ଼ିଯିବା ସହ ଧାନଗଛ ବଢ଼ିଥାଏ। କିନ୍ତୁ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳରେ ୟୁରିଆ ସାରର ଅଭାବ ପାଇଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଥିବା ଜଣାପଡିଛି। ଟାଙ୍ଗୀ ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତରେ ଥିବା ୧୩ଟି ସମବାୟ ସମିତିରେ ଆବଶ୍ୟକତା ଅନୁସାରେ ସାର ଆସୁନି। ବାଧ ହୋଇ ଖୋଲା ବଜାରରୁ ଅଧିକ ଦାମ ସାର କିଣିବାକୁ ଚାଷୀ ବାଧ ହେଉଛି। ସରକାରଙ୍କ ତରଫରୁ ଗତଥର ପ୍ରତ୍ୟେକ ସୋସାଇଟିକୁ ୧୧୧ଟି ୟୁରିଆ ଯୋଗାଇଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ। ବର୍ତ୍ତମାନ କୌଣସି ସୋସାଇଟିରେ ସାର ନାହିଁ କି ଖୋଲାବଜାରରେ ସାର ମିଳୁନାହିଁ। ସରକାର ସାରର ଅଭାବ ନାହିଁ ବୋଲି କହୁଥିବାବେଳେ ତାହା ଚାଷୀଙ୍କ ପ୍ରତି ଉପହାସ ପରି ମନେହେଉଛି। ଯଦି ସରକାର ଆବଶ୍ୟକୀୟ ୟୁରିଆ ସାର ଯୋଗାଇ ନ ଦିଅନ୍ତି ଧାନ ଅମଳରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ସାର ଯୋଗାଇ ନ ଦେଲେ ସମସ୍ତ ଚାଷୀ ରାଜରାସ୍ତା ଅବରୋଧ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଥିବା ଜଣାପଡିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ ଆଣିଲେ ମାମୁ

# ମଶାଣିରୁ ହାଡ଼ପାଉଁଶ ଜବତକଲା ପୁଲିସ

**କିଶୋରନଗର, ୨୧।୯ (ସମିସ):** କଟକ ସଦର ତଥା କିଶନନଗର ଥାନା ଅନ୍ତର୍ଗତ ମାଣପୁର ଗ୍ରାମର ଜଣେ ଯୁବକ ରୁଦ୍ରନାରାୟଣ ବେହେରା (୨୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ରୁଦ୍ରନାରାୟଣଙ୍କ ମାମୁ ବଡ଼ମ୍ବା ଅଞ୍ଚଳର ବାସୁଦେବ ବେହେରା ସାବତ ମା' ଓ ବାପା ମିଶି ପୁଅକୁ ମାରି କାହାକୁ କିଛି ନ ଜଣାଇ ତରବରିଆ ଭାବେ ପୋଡ଼ି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଥାନାରେ ୨୪୯/୨୦୨୫ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ମଶାଣିରୁ ହାଡ ପାଉଁଶ ଉଦ୍ଧାର କରି ପରୀକ୍ଷା ପାଇଁ ଫରେନସିକ ଲ୍ୟାବ ପଠାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ପକ୍ଷରୁ ଜଣାପଡିଛି।

ସୂଚନାରୁ ପ୍ରକାଶ, ରୁଦ୍ର ୭ ବର୍ଷର ହୋଇଥିବାବେଳେ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଭଣଜା ରୁଦ୍ର ଓ ବର୍ଷକର ଭାଣିଜୀକୁ ନେଇ ମାମୁ ବାସୁଦେବ ନିଜ ପାଖରେ ରଖିଥିଲେ। ୪ ବର୍ଷ ପୂର୍ବେ ବାପା ପଞ୍ଚାନନ ପୁଅ ରୁଦ୍ରକୁ ଘରକୁ ନେଇ ଆସିଥିଲେ। ରୁଦ୍ର ନିଜ ଘରେ ରହି ଯାଜପୁରସ୍ଥିତ ଏକ ଷ୍ଟିଲ ପ୍ଲାଣ୍ଟରେ ମେକାନିକ ଭାବେ କାର୍ଯ୍ୟରତ ଥିଲେ। ତେବେ ହଠାତ୍ ରୁଦ୍ରଙ୍କ ମୃତ୍ୟୁ ଘଟିଥିବାକୁ ନେଇ ଜଣେ ସମ୍ପର୍କୀୟଙ୍କଠାରୁ ଜାଣିବା ପରେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଧରି ମାଣପୁର ଗ୍ରାମରେ ପହଞ୍ଚିଲା ବେଳକୁ ଗ୍ରାମ ଶ୍ମଶାନରେ ରୁଦ୍ରଙ୍କ ମୃତ ଶରୀରକୁ ସଂସ୍କାର କରିଦେଇଥିବା ଜାଣିବାକୁ ପାଇଥିଲେ।

ଏହି ବିଷୟରେ ପଞ୍ଚାନନଙ୍କୁ ପଚାରିବାରୁ ସେ ଓ ତାଙ୍କ ୨ୟ ପତ୍ନୀ ତାଙ୍କୁ ଗାଳିଗୁଲଜ କରିଥିଲେ। ଶେଷରେ ମାମୁ ବାସୁଦେବ କିଛି ଉପାୟ ନ ପାଇ ବାପା ଓ ସାବତ ମାଆ ରୁଦ୍ରଙ୍କୁ ହତ୍ୟା କରି ପୋଡ଼ି ଦେଇଥିବା ନେଇ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ ରୁଦ୍ର କେତେକ ଯୁବକଙ୍କ ସହିତ ମିଶି ନିଜ ଘର ଛାତ ଉପରେ ଭୋଜି କରିଥିଲେ। ପରେ ତାଙ୍କର ହଠାତ କୌଣସି କାରଣରୁ ମୃତ୍ୟୁ ହୋଇଯାଇଥିଲା।

## ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଦେଲେ ୯୭



**ତିଗିରିଆ, ୨୧।୯ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷାରେ ଆଜି ବିଭିନ୍ନ ବିଦ୍ୟାଳୟରୁ ମୋଟ ୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫ ଜଣ ଛାତ୍ର ଓ ୪୨ ଜଣ ଛାତ୍ରୀ ରହିଥିବା ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି। ମୋଟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜିକରଣ କରିଥିବା ବେଳେ ୨ ଜଣ ଛାତ୍ରୀ ଅନୁପସ୍ଥିତ ଥିବା ସୂଚନା ମିଳିଛି। ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମହାରଣା ନିଜେ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଓ ବରିଷ୍ଠ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିବା ସହ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ନୂଆପାଟଣା ଓ ପଙ୍କାଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ



**ତିଗିରିଆ,୨୧।୯ (ସମିସ):** ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ରବିବାର ତିଗିରିଆ ପୁଲିସ ପକ୍ଷରୁ ଏହି ଥାନା ଅଧୀନ ନୂଆପାଟଣା ଓ ପଙ୍କାଳ ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ତିଗିରିଆ ଥାନାର ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ଅତିରିକ୍ତ ଫୋର୍ସ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିବା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ବର୍ଷ ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାରେ ଉପଖଣ୍ଡ ପ୍ରସିଦ୍ଧ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ।

## ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର

**କନ୍ଦରପୁର,୨୧।୯ (ସମିସ):** ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର କଳାବିହାର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇ ଉଲ୍ଲେଖନୀୟ ଅବଦାନ ନେଇ ବରିଷ୍ଠ ନାଗରିକ ବର୍ଗ ଏବଂ ଶିକ୍ଷାବିତ, ସମାଜସେବୀଙ୍କୁ କଳା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କଳା, ସାହିତ୍ୟ, ସଂସ୍କୃତି, ପୂଜ୍ୟପୂଜା ଓ ସମାଜସେବା ଦିଗରେ ସରସ୍ୱତୀ କଳା ପରିଷଦର ଅବଦାନ ସହ ସମ୍ବର୍ଦ୍ଧିତ ପ୍ରତିଭାବର୍ଗଙ୍କ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ନିକୁଞ୍ଜ କିଶୋର ପାଣିଗ୍ରାହୀ, ଅଲେଖଚନ୍ଦ୍ର ବେଉରା, ନିରଞ୍ଜନ କାନୁନଗୋ, ବିକଳୀ ଚରଣ କର, ରାଣୀ ରୋଜାଲିନ ବସନ୍ତରା, ପ୍ରଣତି ରାଉତ, ରାଜେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।



## ରକ୍ତଦାନ ଶିବିର; ୩୧୦ ୟୁନିଟ୍ ସଂଗ୍ରହ

**କନ୍ଦରପୁର,୨୧।୯ (ସମିସ):** କଟକ ସଦର ଅନ୍ତର୍ଗତ କନ୍ଦରପୁର ଫୁଲମ୍ମା ମଣ୍ଡପରେ ଆଜି ରବିବାର ଦିନ କଟକ ସଦର ବିଜେପି ପକ୍ଷରୁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱବଧାନରେ କନ୍ଦରପୁର ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ତଥା ବିଧାୟକ ପ୍ରକାଶ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ "ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା, ରଘୁନାଥପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ରମାପଦ ବିଶ୍ୱାଳ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନ୍ଦରପୁର ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ସମେତ ସମସ୍ତ ମଣ୍ଡଳର ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ସହାୟତା କରିଥିଲେ। ଶିବିରରେ ୩୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।



## ଆର୍‌ଏମ୍‌ସି ସୁପରଭାଇଜରଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୨୧।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆଠାରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ମାର୍କେଟ ସୁପରଭାଇଜର କିଶୋର ଚନ୍ଦ୍ର ଦାସ ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପାଟପୁର ବାପୁଜୀ ବିଦ୍ୟାପୀଠର ୧୯୮୨ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀମାନେ ଶ୍ରୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଜହ୍ନିଆସ୍ଥିତ ଶଙ୍କରେଶ୍ୱର ମଣ୍ଡପରେ ଶିଳ୍ପପତି ଉତ୍ସବ ଚନ୍ଦ୍ର ଭଞ୍ଜଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମାଜସେବିକା ବୀଣାପାଣୀ ଦାସ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ବାଣୀରଞ୍ଜନ ସାମଲଙ୍କ



ପୌରହିତ୍ୟରେ ସୁକାନ୍ତ ଶତପଥି, ସୁଲୋଚନା ସେଠୀ, ପ୍ରଭାସିନୀ ରାଉତ, ରେବତୀ ରାଉତ, ଅନୁକମ୍ପା ନନ୍ଦ, ଲକ୍ଷ୍ମୀକାନ୍ତ ରାଉଳ, ହେମନ୍ତ ଦାସ, ନିରଞ୍ଜନ ପଣ୍ଡାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇ ଶ୍ରୀ ଦାସଙ୍କ ସୁଗୁଣାବଳୀ ସଂକ୍ରାନ୍ତରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସମବାୟ ସଂପ୍ରସାରଣ ଅଧିକାରୀ ଅଜୟ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ।

### ବାଲିକୁଦା ହରପାର୍ବତୀ ପୂଜା କମିଟି

# ଦଶମୀରେ ୩ କ୍ୱିଣ୍ଟାଲ ଲଡୁ ଭୋଗ ବଣ୍ଟନ

**ଫୁଲନଖରା,୨୧।୯ (ସମିସ):** କଟକ ମହାନଗର ନିଗମ ୫୭ନଂ ୱାର୍ଡ ଅନ୍ତର୍ଗତ ବାଲିକୁଦାରେ ୬ ଦଶନ୍ଧି ଧରି ହରପାର୍ବତୀ ପୂଜାର ଆୟୋଜନ ହୋଇଆସୁଛି। ଗ୍ରାମର ୬୪ ବର୍ଷ ତଳେ ଗାଁ ଭିତରେ ମାତ୍ର ୨୦ଟଙ୍କାରେ ଆରମ୍ଭ ହୋଇଥିବା ହରପାର୍ବତୀ ପୂଜାର ପରିକଳ୍ପନା ଚଳିତ ବର୍ଷ ଗ୍ରାମବାସୀଙ୍କ ସମୂହ ଉଦ୍ୟମରେ ୨୦ଲକ୍ଷ ଟଙ୍କା ବ୍ୟୟବରାଦରେ କରାଯିବ ବୋଲି ସଭାପତି ସନ୍ଦୀପ ବେଉରା, ସଂପାଦକ ରବିନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଭୂୟାଁ ଓ ସନ୍ତୋଷ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆକର୍ଷଣୀୟ ତୋରଣ, ଆଲୋକ ସାଜସଜ୍ଜା ସାଙ୍ଗକୁ ୩ କ୍ୱିଣ୍ଟାଲ ଲଡୁ ପ୍ରସାଦ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅନୀଲ ବେଉରା କହିଛନ୍ତି। ନବମୀ, ଦଶମୀ ଓ ଏକାଦଶୀ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ନାମୀଦାମୀ କଳାକାରଙ୍କ ଦ୍ୱାରା ପରିବେଷଣ କରାଯିବ। ସଦର ଥାନାଞ୍ଚଳରେ ଦ୍ୱାଦଶୀ ଦିନ ଭସାଣ କାର୍ଯ୍ୟକ୍ରମ ହେଉଥିବାରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଅଞ୍ଚଳର ପାଖାପାଖି ୧୨ଟି ମେଢ଼କୁ ଏକ ସ୍ୱତନ୍ତ୍ର ମଞ୍ଚରେ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଭୋଗହାଣ୍ଡି ପ୍ରଦାନ କରାଯାଇ ଏକ ନିଆରା କାର୍ଯ୍ୟକ୍ରମ କମିଟି ତରଫରୁ କରାଯାଇଥାଏ। କମିଶନରେଟ୍ ପୁଲିସ ତରଫରୁ ଭସାଣୀ ସମୟ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ସୀମିତ ରହିଥିବାରୁ ପ୍ରତ୍ୟେକ ବର୍ଷ ଶୋଭାଯାତ୍ରାରେ ଆସୁଥିବା ମେଢ଼ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସମୟ ସୀମାକୁ ବୃଦ୍ଧି କରିବା ପାଇଁ କମିଟି ତରଫରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ୬୪ ବର୍ଷ ତଳେ ପୂଜା ପାଇ ଆସୁଥିବା ହରପାର୍ବତୀଙ୍କ ପୂଜା ବାଲିକୁଦା ବଜାର ଉପରେ ହେଉଥିବା ବେଳେ ମୂଳପୀଠ କମାରସାହିରେ ମଧ ଏଯାବତ୍ ଏହି କମିଟି ଦ୍ୱାରା ହରପାର୍ବତୀ ପୂଜା ପାଇ ଆସୁଛନ୍ତି। ଏହା କେବଳ କମିଟିର କର୍ମକର୍ତ୍ତା ବିନୟ ନାୟକ, ରଣଜିତ୍ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ପରିଜା, ସତ୍ୟଜିତ୍ ନାୟକ, ରିଙ୍କୁନା ନାୟକ, ଅନିଲ୍ ପରିଡା, ଅଜିତ୍ ବେଉରା, ବିଶାଳ ବେଉରା ଓ ସାଜନ ବେହେରାଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ସଦିଚ୍ଛା ପାଇଁ ସଫଳ ହୋଇପାରୁଛି ବୋଲି ମୁଖ୍ୟ ଉପଦେଷ୍ଟା ଶ୍ରୀ ବେଉରା ପ୍ରକାଶ କରିଛନ୍ତି।

**ଦ୍ୱାଦଶୀରେ ୧୨ଟି ମେଢ଼କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା**




### କର୍ମକର୍ତ୍ତାଙ୍କ ମୁହଁରୁ



ଆମ ପୂଜା କମିଟିର ସମସ୍ତ ସଦସ୍ୟ ବେଶ ନିଷ୍ଠାର ସହିତ କାର୍ଯ୍ୟ କରିଥାନ୍ତି। ଯାହାଫଳରେ ଆମେ ଆମ ଅଞ୍ଚଳରେ ଦୁଇଦୁଇଟି ହରପାର୍ବତୀ ପୂଜା କରିବାକୁ ସମର୍ଥ ହୋଇପାରିଛୁ। ସଦର ଥାନାଞ୍ଚଳରେ ଆମ ମଣ୍ଡପ ଦେଇ ଆସୁଥିବା ସମସ୍ତ ମେଢ଼କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଭୋଗହାଣ୍ଡି ଦେଇ ଆମ କମିଟି ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଏତଦବ୍ୟତୀତ ପ୍ରତ୍ୟେକ କମିଟିର ମୁଖ୍ୟ କର୍ମକର୍ତ୍ତା ଓ ଅଞ୍ଚଳର ବରିଷ୍ଠଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରି ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖିଛୁ।

**- ଅନିଲ ବେଉରା, ମୁଖ୍ୟ ଉପଦେଷ୍ଟା**



ଉଦୀୟମାନ ଯୁବଗୋଷ୍ଠୀଙ୍କର ଉଦ୍ୟମ ପାଇଁ ଆମେ ପ୍ରତ୍ୟେକ ବର୍ଷ ଦଶମୀରେ ୩ କ୍ୱିଣ୍ଟାଲ ଲଡୁ ଭୋଗ ବଣ୍ଟନ କରିବା ସହିତ ତିନି ଦିନ ଧରି ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାରେ ସଫଳ ହୋଇପାରିଛୁ। ଏକାଦଶୀ ତିଥିରେ ଭସାଣ ସମୟ ୧୨ଟା ପର୍ଯ୍ୟନ୍ତ ଥିବା ବେଳେ ଦ୍ୱାଦଶୀ ତିଥିରେ ରାତ୍ର ୧୦ଟା ପର୍ଯ୍ୟନ୍ତ ଭସାଣ ଉତ୍ସବ ସୀମିତ ରହୁଥିବାରୁ ଆମ କମିଟି ତରଫରୁ ସମସ୍ତ ମେଢ଼କୁ ସମ୍ବର୍ଦ୍ଧିତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଏଥିପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଆମେ ନିବେଦନ କରୁଛୁ।

**- ସନ୍ଦିପ ବେଉରା, ସଭାପତି**


### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୯୪
- ୟୁରୋ ୧୦୩.୩୪ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)


- ସୁନା: ୧,୦୨,୮୦୦ (ନୂଆଦିଲ୍ଲୀ)
- ରୁପା : ୧,୩୩,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୬୨୬.୦୦
- ନିଫ୍ଟି ୨୫,୩୨୭.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଆର୍‌ବିଆଇର ନୂଆ ଗାଇଡ୍‌ଲାଇନ୍**

# କ୍ରେଡିଟ୍ କାର୍ଡରେ ଦେଇହେବନି ଘର ଭଡ଼ା

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଯଦି ଆପଣ ଫୋନ୍ ପେ', ପେଟିଏମ୍, କ୍ରେଡ୍ ଏବଂ ଆମାଜନ୍ ପେ' ଭଳି ମୋବାଇଲ୍ ଆପ୍ ବ୍ୟବହାର କରି ଘର ଭଡା ଦେଉଥାନ୍ତି, ତେବେ ଆଗକୁ ଆଉ ଏହା କରିପାରିବେନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପେମେଣ୍ଟ ସେବା ସହିତ ଜଡିତ ଏକ ନୂତନ ନିୟମ ଲାଗୁ କରିଛି। ନୂତନ ନିୟମ ଅନୁଯାୟୀ, ଫିନ୍‌ଟେକ୍ ପ୍ଲାଟଫର୍ମଗୁଡ଼ିକ ସେମାନଙ୍କର

**ସେବା ବନ୍ଦ କଲା ରେଣ୍ଟ ପେମେଣ୍ଟ ଆପ୍ସ**




ଆପ୍ସରେ କ୍ରେଡିଟ୍ କାର୍ଡ ଭଡା ପେମେଣ୍ଟ ବା ଦେୟ ସେବା ବନ୍ଦ କରିଦେଇଛନ୍ତି।

ଆର୍‌ବିଆଇ ଭଡା ସେବା ସମ୍ପର୍କରେ ଏକ ନୂତନ ସର୍କୁଲାର ଜାରି କରିଛି। ଏହି ଅନୁଯାୟୀ, ପେମେଣ୍ଟ ଏଗ୍ରିଗେଟର୍ ଏବଂ ପେମେଣ୍ଟ ଗେଟୱେଗୁଡ଼ିକ ବର୍ତ୍ତମାନ କେବଳ ସେହି ବ୍ୟବସାୟୀଙ୍କ ସହିତ କାରବାର ପ୍ରକ୍ରିୟାକରଣ କରିପାରିବେ ଯାହାଙ୍କ ସହିତ ସେମାନଙ୍କର ସିଧାସଳଖ ସମ୍ପର୍କ ଅଛି କିମ୍ବା ଯାହାର କେୱାଇସି ସମାପ୍ତ ହୋଇଛି। ଏହାର ଅର୍ଥ ହେଉଛି ଯେ ଘରମାଲିକମାନେ ସାଧାରଣତଃ ପଞ୍ଜୀକୃତ ବ୍ୟବସାୟୀ ନୁହଁନ୍ତି, ତେଣୁ ଏହି ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ କ୍ରେଡିଟ୍ କାର୍ଡ ପେମେଣ୍ଟ ସେମାନଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇପାରିବନାହିଁ। ପୂର୍ବରୁ, କିଛି ଲୋକ ସମ୍ପୂର୍ଣ୍ଣ କେୱାଇସି ବିନା କ୍ରେଡିଟ୍ କାର୍ଡ ବ୍ୟବହାର କରି ସେମାନଙ୍କ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରୁଥିଲେ। ଏହି ଆପ୍ ତୁରନ୍ତ ଟଙ୍କା ଟ୍ରାନ୍ସଫର କରି ରିୱାର୍ଡ ପଏଣ୍ଟ କିମ୍ବା କ୍ୟାସବ୍ୟାକ୍ ଆପଣଙ୍କ ନିକଟକୁ ପଠାଇଦେଉଥିଲା। ଆର୍‌ବିଆଇ କୁ ଏହି ବ୍ୟବସ୍ଥାକୁ ଅନୁପଯୁକ୍ତ ହୃଦ୍‌ବୋଧ ହେଉଥିଲା କାରଣ ଏଥିରେ ଘରମାଲିକଙ୍କ ସମ୍ପୂର୍ଣ୍ଣ କେୱାଇସି ପାଳନ କରାଯାଉ ନ ଥିଲା। ଫିନ୍‌ଟେକ୍ କମ୍ପାନୀଗୁଡ଼ିକ ଏକ ବଜାର ଭାବରେ କାର୍ଯ୍ୟ କରୁଥିଲେ, ଯାହାକୁ ଆର୍‌ବିଆଇ ବେଆଇନ ବୋଲି ବିବେଚନା କରିଥିଲା। ଏହି ସେବା ବର୍ତ୍ତମାନ ବନ୍ଦ ହୋଇଯାଇଛି ଏବଂ ଫିନ୍‌ଟେକ୍‌କମ୍ପାନୀଗୁଡ଼ିକୁ କଠୋର ନିୟମ ପାଳନ କରିବାକୁ ପଡିବ। ଏପରି ଅପବ୍ୟବହାରକୁ ରୋକିବା ପାଇଁ ଏହି ସୁବିଧା ମଧ୍ୟ ବନ୍ଦ କରାଯାଇଛି। ନୂତନ ନିୟମ ଲାଗୁ କରିବା ପୂର୍ବରୁ ବ୍ୟାଙ୍କଗୁଡ଼ିକ କ୍ରେଡିଟ୍ କାର୍ଡ ଭଡା ପେମେଣ୍ଟ ଉପରେ କଟକଣା କଡ଼ାକଡ଼ି କରିବା ଆରମ୍ଭ କରିଦେଇଥିଲେ। ୨୦୨୪ ଜୁନ୍‌ରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ ଭଡା ପେମେଣ୍ଟ ପାଇଁ ୧% ଅତିରିକ୍ତ ଶୁଳ୍କ ପ୍ରଚଳନ କରିଥିଲା, ଯାହାର ସର୍ବାଧିକ ସୀମା ୩୦୦୦ ଟଙ୍କା ଥିଲା। ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏସ୍‌ବିଆଇ କାର୍ଡଗୁଡ଼ିକ ଏପରି ପେମେଣ୍ଟ ପାଇଁ ପୁରସ୍କାର ପଏଣ୍ଟ ବନ୍ଦ

ଭଡାଟିଆମାନେ ଆଉ ଫୋନ୍ ପେ', ପେଟିଏମ୍ ଇତ୍ୟାଦି ଫିନଟେକ୍ ଆପ୍ସରେ କ୍ରେଡିଟ୍ କାର୍ଡ ବ୍ୟବହାର କରି ଭଡା ଦେଇ ନ ପାରିଲେ ଏହା ବ୍ୟାଙ୍କଗୁଡ଼ିକୁ ମଧ୍ୟ ପ୍ରଭାବିତ କରିବ। କାରଣ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏଥିରେ ବ୍ୟାଙ୍କର ଶୁଳ୍କ ବାବଦ ଆୟ ହ୍ରାସ ପାଇପାରେ। ଏସ୍‌ବିଆଇ କାର୍ଡ ଭଳି କମ୍ପାନୀଗୁଡ଼ିକର ସେୟାର ପିଛା ଆୟ (ଇପିଏସ୍) ଉପରେ ମଧ୍ୟ ଚାପ ପଡ଼ିପାରେ। ଏହା ଫିନଟେକ୍ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଝଟ୍‌କା ଭାବେ ବିବେଚନା କରାଯାଇପାରେ। କାରଣ ଭଡା ଦେୟ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସେମାନଙ୍କ ପ୍ଲାଟଫର୍ମରେ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସେଗମେଣ୍ଟ ହୋଇଛି। ସେମାନଙ୍କୁ ବର୍ତ୍ତମାନ ନୂତନ ପ୍ରସ୍ତାବ ଏବଂ ବ୍ୟବସାୟ ମଡେଲ ଖୋଜିବାକୁ ପଡିବ।

ଭଡାଟିଆମାନେ ଆଉ କ୍ରେଡିଟ୍ କାର୍ଡ ବ୍ୟବହାର କରି ଭଡା ଦେଇ ନ ପାରିଲେ, ଭଡା ଦେବା ପାଇଁ ସେମାନଙ୍କୁ ୟୁପିଆଇ, ବ୍ୟାଙ୍କ ସ୍ଥାନାନ୍ତର (ନେଫ୍ଟ, ଆର୍‌ଟିଜିଏସ୍, ଆଇଏମ୍‌ପିଏସ୍), ଚେକ୍ କିମ୍ବା ସ୍ୱୟଂଚାଳିତ ପେମେଣ୍ଟ ବ୍ୟବହାର କରିବାକୁ ପଡିବ। ଏହାର ଅର୍ଥ ହେଉଛି ଭଡା ତୁରନ୍ତ ଦେବାକୁ ପଡିବ। କ୍ରେଡିଟ୍ କାର୍ଡ ପରି ପରେ ଦେୟ କରିବାର କୌଣସି ବିକଳ୍ପ ରହିବ ନାହିଁ। ଏହାସହିତ, ସେମାନେ ଆଉ ପୁରସ୍କାର ବା ରିୱାର୍ଡ ପଏଣ୍ଟ, କ୍ୟାସବ୍ୟାକ୍ କିମ୍ବା ସୁଧହୀନ ଅବଧି ପରି କ୍ରେଡିଟ୍ କାର୍ଡ ସୁବିଧା ଉପଭୋଗ କରିବେନାହିଁ।

■ ଲଗାଣ ବର୍ଷା ଜନିତ ବନ୍ୟା ଓ ଭୂ-ସ୍ଖଳନ; ଚିନ୍ତାରେ ଚାଷୀ

# ଉଜୁଡ଼ିଗଲା କାଶ୍ମୀର ସେଓ ବଗିଚା



ସୋପୋର ୨୧।୯ (ଏଜେନ୍ସି): ଲଗାଣ ବର୍ଷା ଏହା ସହ ବନ୍ୟା ଓ ଭୂ-ସ୍ଖଳନ ଯୋଗୁ କାଶ୍ମୀରକୁ ଦେଶର ଅନ୍ୟ ସ୍ଥାନ ସହ ଯୋଡୁଥିବା ଜାତୀୟ ରାଜପଥ-୪୪ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାଫଳରେ କାଶ୍ମୀରର ଫଳ ବ୍ୟବସାୟୀ ବଡ଼ କ୍ଷତିରେ ପଡିଛନ୍ତି। ଏହା ସେତେବେଳେ ହୋଇଛି ଯେତେବେଳେ ଫଳ ବ୍ୟବସାୟୀ ସେଓ ବୋଝେଇ ଟ୍ରକ ଦେଶର ବିଭିନ୍ନ ରାଜ୍ୟକୁ ପଠାଇବା ଆରମ୍ଭ କରିଥିଲେ। ପଚିଲା ସେଓ ବୋଝେଇ ଶହଶହ ଟ୍ରକ୍ ୩ ସପ୍ତାହ( ୨୬ଅଗଷ୍ଟରୁ ସେପ୍ଟେମ୍ବର ୧୭ ତାରିଖ) ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅଟକି ରହିବା ଯୋଗୁ ଫଳ ସଢି ଯାଇଛି। ଏଣୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି।

କ୍ରମାଗତ ଭାବେ ଜାରି ରହିଥିବା ଭୀଷଣ ବର୍ଷା ଓ ଅଚାନକ ବନ୍ୟାର ଯୋଗୁ ଉଦମପୁରର ଥରଦ-ଜଖେନୀରେ ହୋଇଥିବା ବଡ଼ଧରଣର ଭୂ-ସ୍ଖଳନ ଯୋଗୁ ପରିସ୍ଥିତି ଆହୁରି ଜଟିଳ ହୋଇଯାଇଛି। ଏଥିପାଇଁ ନା କେବଳ ଫଳ ବୋଝେଇ ଟ୍ରକ ଯାତାୟାତ ବନ୍ଦ ହୋଇଥିଲା ବରଂ ପୁରା ସପ୍ଲାଇ ଚେନ୍ ଅଚଳ ହୋଇଯାଇଛି। ଫଳରେ ଉତ୍ପାଦକ, ବ୍ୟବସାୟୀ ଓ ଟ୍ରାନ୍ସପୋର୍ଟରଙ୍କ ସହିତ ସାଧାରଣ ଜନତାଙ୍କୁ ମଧ୍ୟ ସଙ୍କଟରେ ପକାଇ ଦେଇଛି। ସେପ୍ଟେମ୍ବର ୧୭ ପରେ କାଶ୍ମୀରରୁ ଦେଶର ଅନ୍ୟ ଅଞ୍ଚଳକୁ ଯାତାୟାତ ସୁଗମ ହୋଇଛି। ହେଲେ ବିଭିନ୍ନ ସ୍ଥାନକୁ ଏବେ ପହଞ୍ଚୁଥିବା ଫଳ ଅଧାରୁ ଅଧିକ ନଷ୍ଟ ହୋଇଯାଇଥିବା ବେଳେ ବ୍ୟବସାୟୀ ପରିବହନ ଖର୍ଚ୍ଚ ଦେବାକୁ ନାମଙ୍ଗ ହେଉଥିବା ସୋପୋର ମଣ୍ଡି ଅଧ୍ୟକ୍ଷ ଫୈୟାଜ ଅହମଦ ମଲ୍ଲିକ କହିଛନ୍ତି। ଏଣୁ କାଶ୍ମୀର ସେଓ ଚାଷୀଙ୍କୁ ଚଳିତବର୍ଷ ୧,୦୦୦ରୁ ୧,୨୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଥିବା କହିଛନ୍ତି।

# ଏଚ୍-୧ ବି ଭିସା ଫି' ବୃଦ୍ଧି ଯୋଗୁଁ ଆମେରିକା କ୍ଷତି ସହିବ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଥିଙ୍କ୍ ଟ୍ୟାଙ୍କ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ରବିବାର କହିଛି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି କର୍ମଚାରୀଙ୍କ ପାଇଁ ଏଚ୍-୧ ବି ଭିସା ଫି'କୁ ୮୮ ଲକ୍ଷ ଟଙ୍କା ବା ୧ ଲକ୍ଷ ଆମେରିକୀୟ ଡଲାରକୁ ବୃଦ୍ଧି କରିବାର ନିଷ୍ପତ୍ତି ଭାରତ ଅପେକ୍ଷା ଆମେରିକାକୁ ଅଧିକ କ୍ଷତି ପହଞ୍ଚାଇବାର ସମ୍ଭାବନା ଅଛି। ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ପୂର୍ବରୁ ଆମେରିକାରେ ୫୦-୮୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇଥାନ୍ତି।

**ଜିଟିଆର୍‌ଆଇ ରିପୋର୍ଟ**


ଜିଟିଆର୍‌ଆଇ କହିଛି ଯେ ଏହା ଅନେକ ନୂତନ ନିଯୁକ୍ତି ସୃଷ୍ଟି କରିବ ନାହିଁ। ବରଂ, ସ୍ଥାନୀୟ ଲୋକଙ୍କ ତୁଳନାରେ ଭାରତୀୟମାନଙ୍କୁ ସାଇଟ୍‌ରେ ନିଯୁକ୍ତି ଦେବା ଅଧିକ ମହଙ୍ଗା ହେବ। କମ୍ପାନୀ କହିଛି ଯେ ୫ ବର୍ଷର ଅଭିଜ୍ଞତା ଥିବା ଜଣେ ଆଇଟି ପରିଚାଳକ ଆମେରିକାରେ ୧,୨୦,୦୦୦-୧,୫୦,୦୦୦ ଆମେରିକୀୟ ଡଲାର ରୋଜଗାର କରିଥାନ୍ତି। ଯେତେବେଳେ ଏଚ୍-୧ ବି ଦରମା ୪୦ ପ୍ରତିଶତ କମ୍ ଏବଂ ଭାରତରେ ୮୦ ପ୍ରତିଶତ କମ୍। ଜିଟିଆର୍‌ଆଇ ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ଏହି ଭାରୀ ଫିର ସମ୍ମୁଖୀନ ହୋଇ, କମ୍ପାନୀଗୁଡ଼ିକ




ଅଫସୋରିଂକୁ ତ୍ୱରାନ୍ୱିତ କରିବେ ଏବଂ ଭାରତରୁ ଅଧିକ ଦୂରରୁ କାମ କରିବେ। ଆମେରିକାର ଏହି ସୁରକ୍ଷାବାଦୀ ପଦକ୍ଷେପ ଭାରତର ଡିଜିଟାଲ୍ ସ୍ୱରାଜ ମିଶନକୁ ଦୀର୍ଘକାଳୀନ ପ୍ରୋତ୍ସାହନ ପ୍ରଦାନ କରିବ। ଟ୍ରମ୍ପଙ୍କ ନିଷ୍ପତ୍ତି ଭାରତ ଅପେକ୍ଷା ଆମେରିକାକୁ ଅଧିକ କ୍ଷତି ପହଞ୍ଚାଇବାର ସମ୍ଭାବନା ଅଛି।

# ହେଟେରୋ ହେଲ୍‌ଥ କେୟାର ଆଣିଲା ପର୍ଜିଆ

ଭୁବନେଶ୍ୱର,୨୧।୯: ଉନ୍ନତ କର୍କଟ ଚିକିତ୍ସାର ସୁବିଧାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଭାରତର ପ୍ରମୁଖ ଔଷଧ କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ ହେଟେରୋ ହେଲ୍‌ଥ କେୟାର ଲିମିଟେଡ୍ ପରତୁଜୁମାବ୍‌ର ଏହାର ସବୁଠାରୁ ସୁଲଭ ବାୟୋସିମିଲାର ପର୍ଜିଆର ବଜାର ପ୍ରବେଶ କରାଇଛି। ଏହି ଉତ୍ପାଦ ହର-୨ ପଜିଟିଭ୍ ସ୍ତନ କର୍କଟ ପାଇଁ ଏକ ଲକ୍ଷ୍ୟଭେଦୀ ଚିକିତ୍ସା। ଏନ୍‌ଜେନ୍ ବାୟୋ ସାଇନ୍ସ ଲିମିଟେଡ୍ ସହିତ ଏକ ଅର୍ଦ୍ଧ-ବିଶେଷ ସହଯୋଗ ମାଧ୍ୟମରେ ପ୍ରଚଳନ କରାଯାଇଛି। ଏହି ସହଭାଗିତା ହେଟେରୋ ହେଲ୍‌ଥ କେୟାରର ଉଚ୍ଚ-ଗୁଣାତ୍ମକ ଅଙ୍କୋଲୋଜି ଚିକିତ୍ସା କରିବା ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ପରତୁଜୁମାବ୍ ଏକ ମନୋକ୍ଲୋନାଲ୍ ଆଣ୍ଟିବଡି ହର ୨-ପଜିଟିଭ୍ ସ୍ତନ କର୍କଟ ରୋଗର ଚିକିତ୍ସା ପାଇଁ ଟ୍ରାଷ୍ଟୁଜୁମାବ୍ ଏବଂ କେମୋଥେରାପି ସହିତ ମିଶ୍ରଣରେ ବ୍ୟବହାର କରିବା ପାଇଁ ବିଶ୍ୱ ସ୍ତରରେ ଏକ ମାନକ ଯତ୍ନ ଭାବରେ ସ୍ୱୀକୃତିପ୍ରାପ୍ତ। ଏ ସମ୍ପର୍କରେ ହେଟେରୋ ହେଲଥକେୟାର ଲିମିଟେଡର ଏମ୍‌ଡି ଏମ. ଶ୍ରୀନିବାସ ରେଡ୍ଡି କହିଛନ୍ତି ଯେ, ହେଟେରୋ ହେଲଥ କେୟାରରେ ଆମର ଧ୍ୟାନ ସର୍ବଦା ନବସୃଜନ ଏବଂ ସୁଲଭତା ଉପରେ ରହିଛି। ଏନ୍‌ଜେନ୍ ବାୟୋସାଇନ୍ସ ସହିତ ସହଯୋଗରେ ପର୍ଜିଆର ଶୁଭାରମ୍ଭ, ଭାରତୀୟ ରୋଗୀଙ୍କ ପାଖରେ ବିଶ୍ୱସ୍ତରୀୟ କର୍କଟ ଚିକିତ୍ସା ଆଣିବା ପାଇଁ ଆମର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରୁଛି।




# ମିଶନ ଶକ୍ତି ବିଭାଗ-ହିନ୍ଦୁସ୍ତାନ କୋକା-କୋଲା ବୁଝାମଣା



ଭୁବନେଶ୍ୱର,୨୧।୯: ଓଡିଶାରେ ଏସଏଚଜିଗୁଡିକ ସହ ଜଡିତ ୨୭୦୦ରୁ ଅଧିକ ମହିଳା ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିବା ଓ ସହଭାଗିତା କରିବା ପାଇଁ ଭାରତର ଅନ୍ୟତମ ଅଗ୍ରଣୀ ଏଫଏମସିଜି କମ୍ପାନୀ, ହିନ୍ଦୁସ୍ତାନ କୋକା-କୋଲା ବେଭ୍‌ରେଜେସ (ଏଚସିସିବି) ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ସହ ଏକ ଲେଟର ଅଫ ଅଣ୍ଡରଷ୍ଟାଣ୍ଡିଙ୍ଗ (ଏଲଓୟୁ) ସ୍ୱାକ୍ଷର କରିଛି । ଭୁବନେଶ୍ୱରରେ ଏହି ଏଲ୍‌ଓୟୁ ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ, ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ଆୟୁକ୍ତ ଓ ସଚିବ ଆଇଏଏସ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ବିଭାଗର ଷ୍ଟେଟ ମିଶନର ନିର୍ଦ୍ଦେଶକ ଓ ସିଇଓ,ଆଇଏଏସ ଡଃ ମୋନିକା ପ୍ରିୟଦର୍ଶିନୀ ଏବଂ ଏଚସିସିବିର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସଆର) ମୁଖ୍ୟ ଶ୍ୱେତା ପୁନିଆଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା। ଏହି ଏଲ୍‌ଓୟୁ ଅଧିନରେ ଏଚସିସିବି ଏହାର ଇମ୍ପ୍ଲିମେଣ୍ଟେଶନ ପାର୍ଟନର ୱାଇ୪ଡି ଫାଉଣ୍ଡେଶନ ମାଧ୍ୟମରେ ସୁଭଦ୍ରା ଶକ୍ତି କ୍ୟାଫେଗୁଡିକୁ ଅପ୍‌ଗ୍ରେଡ ଓ ବିସ୍ତାର କରିବ । ଏହା ଆର୍ଥିକ ଓ ଡିଜିଟାଲ ସାକ୍ଷରତା, ବିକ୍ରୟ, ମାର୍କେଟିଂ ଓ ରିଟେଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏସଏଚଜିଗୁଡିକ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଡିଜାଇନ ଓ କାର୍ଯ୍ୟକାରୀ କରିବ ।

**ନୂଆ ଜିଏସ୍‌ଟି ହାର**

# ବଦଳିବ ୩୭୫ ସାମଗ୍ରୀର ଟିକସ ହାର

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ସୋମବାରଠାରୁ ସାରା ଦେଶରେ ଲାଗୁ ହେବାକୁ ଯାଉଛି, ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ସେପ୍ଟେମ୍ବର ୨୨ରୁ ୩୭୫ ଟି ସାମଗ୍ରୀ ଉପରେ ଜିଏସ୍‌ଟି ହାର ପରିବର୍ତ୍ତନ ହେବାକୁ ଯାଉଛି, ଯାହା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଠାରୁ ଆରମ୍ଭ କରି ଯାନବାହାନ ଏବଂ ଔଷଧ ପର୍ଯ୍ୟନ୍ତ ଅନକେ ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରିବ। ଘିଅ, ପନିର, ବଟର, ସ୍ନାକ୍ସ, ଜାମ୍, କେଚପ୍, ଶୁଖିଲା ଫଳ, କଫି ଏବଂ ଆଇସକ୍ରିମ ଭଳି ଜିନିଷ ଉପରେ ଏବେ କମ୍ ଟିକସ ଲାଗୁ ହେବ। ପୂର୍ବରୁ, ଏହି ଜିନିଷଗୁଡ଼ିକ ୧୨% କିମ୍ବା ୧୮% ଜିଏସ୍‌ଟି ଅଧୀନରେ ଥିଲା, କିନ୍ତୁ ଏବେ ସେଗୁଡ଼ିକୁ ୫% ସ୍ଲାବରେ ରଖାଯାଇଛି। ଅନେକ ଏଫ୍‌ଏମ୍‌ସିଜି କମ୍ପାନୀ ମଧ୍ୟ ମୂଲ୍ୟ ହ୍ରାସ ଘୋଷଣା କରିଛନ୍ତି। ଔଷଧ ଉପରେ ରିହାତି, ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ : ଏବେ, ଗ୍ଲୁକୋମିଟର, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ଅଧିକାଂଶ ଅନ୍ୟାନ୍ୟ ଔଷଧ ଉପରେ କେବଳ ୫% ଜିଏସ୍‌ଟିରେ ଟିକସ ଲାଗୁ ହେବ। ପୂର୍ବରୁ, ଏଗୁଡ଼ିକ ୧୨% କିମ୍ବା ୧୮% ସ୍ଲାବରେ ଥିଲା। ସରକାର ମେଡିକାଲ୍ ଷ୍ଟୋରଗୁଡ଼ିକୁ ଏମ୍‌ଆର୍‌ପି ହ୍ରାସ କରିବାକୁ କିମ୍ବା କମ୍ ଟିକସ ହାରରେ ଔଷଧ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଗୃହ ନିର୍ମାଣ ସହଜ ହେବ :** ସିମେଣ୍ଟ ଉପରେ ଜିଏସ୍‌ଟି ୨୮% ରୁ ୧୮% କୁ ହ୍ରାସ କରାଯାଇଛି, ଯାହା ଗୃହ ନିର୍ମାଣ ଖର୍ଚ୍ଚକୁ ସାମାନ୍ୟ ହ୍ରାସ କରିବ। ଏହା ଦ୍ୱାରା ବିଲ୍ଡର ଏବଂ ଘର କ୍ରେତା ଉଭୟ ଲାଭବାନ ହେବେ।




**ଟିଭି, ଏସି ଏବଂ ୱାସିଂ ମେସିନର ମୂଲ୍ୟ ହ୍ରାସ:** ଟିଭି, ଏସି, ରେଫ୍ରିଜରେଟର ଏବଂ ୱାସିଂ ମେସିନ ଭଳି ଜିନିଷ ଉପରେ ଟିକସ ମଧ୍ୟ ହ୍ରାସ କରାଯାଇଛି। ପୂର୍ବରୁ, ଏଗୁଡ଼ିକ ୨୮% ଜିଏସ୍‌ଟି ଅଧୀନରେ ଥିଲା, କିନ୍ତୁ ଏବେ ଏହା ଜିଏସ୍‌ଟି ସ୍ଲାବରେ ଅଛି। କମ୍ପାନୀଗୁଡ଼ିକ ମୂଲ୍ୟ ହ୍ରାସ ଘୋଷଣା କରିଛନ୍ତି, ଯାହା ଏହି ଉତ୍ପାଦଗୁଡ଼ିକୁ ଅଧିକ ଲୋକଙ୍କ ପାଇଁ ଅଧିକ ସୁଲଭ କରିବ।

**ଯାନବାହାନ ଉପରେ ସବୁଠାରୁ ବଡ଼ ଲାଭ:** ଛୋଟ ଯାନଗୁଡ଼ିକ ଏବେ ୧୮% ଜିଏସ୍‌ଟି ଅଧୀନରେ ରହିବ ଏବଂ ବଡ଼ ଯାନଗୁଡ଼ିକ ୨୮% ଜିଏସ୍‌ଟି ଅଧୀନରେ ରହିବ। ପୂର୍ବରୁ, ଏସ୍‌ୟୁଭି ଏବଂ ଏମ୍‌ପିଭି ଭଳି ଯାନଗୁଡ଼ିକ ୨୮% ଟିକସ ସହିତ ୨୨% ସେସ୍ ଅଧୀନରେ ଥିଲା। ବର୍ତ୍ତମାନ, ମୋଟ ଟିକସ ପ୍ରାୟ ୪୦% ହ୍ରାସ ପାଇଛି, ଯାହା ବଡ଼ ଯାନର ମୂଲ୍ୟକୁ ସାମାନ୍ୟ ହ୍ରାସ କରିପାରେ।

**ସୌନ୍ଦର୍ଯ୍ୟ ଏବଂ ଫିଟନେସ୍ ସେବା ମଧ୍ୟ ଶସ୍ତା ହୋଇଛି:** ସେଲୁନ୍, ଯୋଗ କେନ୍ଦ୍ର, ଫିଟନେସ୍ କ୍ଲବ୍ ଏବଂ ସ୍ୱାସ୍ଥ୍ୟ ସ୍ପା ଭଳି ସେବା ଉପରେ ଜିଏସ୍‌ଟି ୧୮%ରୁ ୫%କୁ ହ୍ରାସ କରାଯାଇଛି, ଯଦିଓ ଇନପୁଟ୍ ଟିକସ କ୍ରେଡିଟ୍ ଆଉ ଉପଲବ୍ଧ ହେବ ନାହିଁ। ସାବୁନ, ସାମ୍ପୁ ଏବଂ ଟୁଥ୍‌ପେଷ୍ଟ ଭଳି ସାମଗ୍ରୀ ଉପରେ ରିହାତି: କେଶ ତେଲ, ସାବୁନ, ସାମ୍ପୁ, ଟୁଥ୍‌ବ୍ରସ୍, ଟୁଥ୍‌ପେଷ୍ଟ, ଟାଲ୍‌କମ୍ ପାଉଡର, ସେଭିଂ କ୍ରିମ୍ ଏବଂ ଆଫ୍ଟରସେଭ୍ ଲୋସନ୍ ଭଳି ସାମଗ୍ରୀ ଉପରେ ଏବେ କେବଳ ୫% ଜିଏସ୍‌ଟି ଲାଗୁ ହେବ। ପୂର୍ବରୁ, ଏଗୁଡ଼ିକ ଉପରେ ୧୨% କିମ୍ବା ୧୮% ଟିକସ ଲାଗୁ ହେଉଥିଲା।

# ପାର୍ବଣ ପାଇଁ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଆକର୍ଷଣୀୟ ଅଫରର ସମ୍ଭାର

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଚଳିତ ପାର୍ବଣ ଋତୁରେ ପାର୍ବଣ ସପିଂ ପାଇଁ ପ୍ରସ୍ତୁତି ଖୁବ ଜୋରଶୋରରେ ଆରମ୍ଭ ହୋଇଯାଇଛି। ଏଭଳି ସମୟରେ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ଆହୁରି ସହଜ କରିବା ଲାଗି ଅଗ୍ରଣୀ ଅନଲାଇନ ପ୍ଲାଟଫର୍ମଗୁଡ଼ିକ ଯେପରିକି ଫ୍ଲିପକାର୍ଟର ବିଗ ବିଲିଅନ ଡେଜ, ମିନ୍ତ୍ରାର ବିଗ ଫ୍ୟାଶନ ଫେଷ୍ଟିଭାଲ, ଏବଂ ଆମାଜନର ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ ଏବଂ ସଞ୍ଚୟ ସୁବିଧା ନେଇଆସିଛି। ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ (ଏଜିଆଇଏଫ) ଚଳିତ ୨୩ ସେପ୍ଟେମ୍ବର ୨୦୨୫ ରୁ ଆରମ୍ଭ ହେଉଛି, ଯେଉଁଥିରେ ଲାପଟପ୍, ଟାବଲେଟ୍, ହେଡଫୋନ ଏବଂ ଅଡିଓ ଡିଭାଇସରେ ୭୫% ପର୍ଯ୍ୟନ୍ତ ରିହାତି ଏବଂ ହୋମ୍, କିଚେନ ଓ ଆଉଟଡୋର ବର୍ଗରେ ୮୦% ପର୍ଯ୍ୟନ୍ତ ରିହାତି ସୁବିଧା ରହିଛି। ଯେବେ କି ସେପ୍ଟେମ୍ବର ୨୨ ତାରିଖରେ ୨୪ ଘଣ୍ଟା ପୂର୍ବରୁ ଆରମ୍ଭ ହେଉଥିବା ପ୍ରାଇମ ର୍ଲି ଆକ୍ସେସ ସହିତ ପ୍ରାଇମ ମେମ୍ବରମାନେ ପ୍ରାଇମ ଫେଷ୍ଟିଭ ଅଫରଗୁଡ଼ିକ ପାଇଁ ପହଂଚ ହାସଲ କରିପାରିବେ ଯାହା ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ, ଆପ୍ଲାଏସ, ଫ୍ୟାଶନ, ହୋମ୍ ଆଣ୍ଡ କିଚେନ, ବିୟୁଟି ଆଦି ବର୍ଗରେ ଉତ୍ସାହଜନକ ଫେଷ୍ଟିଭ ଡିଲ ସହ ୧୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବ। ମିନ୍ତ୍ରାର ଫ୍ଲାଗସିପ ବିଗ୍ ଫ୍ୟାଶନ ଫେଷ୍ଟିଭାଲ (ବିଏଫଏଫ)ରେ ଆନ୍ତର୍ଜାତୀୟ, ଘରୋଇ, ସ୍ୱଦେଶୀ ଓ ଡି୨ସି ବ୍ରାଣ୍ଡଗୁଡିକ ସମେତ ୧୫୦୦୦ ବ୍ରାଣ୍ଡର ୪ ମିଲିୟନରୁ ଅଧିକ ଷ୍ଟାଇଲ ଉପଲବ୍ଧ ରହିବ। ଏହା ଫେଷ୍ଟିଭ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲକୁ ପ୍ରଦର୍ଶିତ କରିଛି ଏବଂ ମେଟ୍ରୋ ଓ ଅଣମେଟ୍ରୋ ସହରଗୁଡିକର ଲକ୍ଷ ଲକ୍ଷ ସପରଙ୍କୁ ସପିଂ ପାଇଁ ଆମନ୍ତ୍ରିତ କରିଛି।

**ମର୍ସିଡିଜ୍-ବେଞ୍ଜ ହୁରୁନ୍ ଇଣ୍ଡିଆ ୱେଲଥ୍ ରିପୋର୍ଟ**

# ଜୀବନଶୈଳୀ ସୁଧାରରେ ବଡ଼ ନିବେଶ କରୁଛନ୍ତି ଧନୀ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଭାରତରେ ଧନୀ ଲୋକଙ୍କ ସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ହେଉଛି। ମର୍ସିଡିଜ୍-ବେଞ୍ଜ ହୁରୁନ ଇଣ୍ଡିଆ ୱେଲଥ୍ ରିପୋର୍ଟ ୨୦୨୫ ଅନୁସାରେ ୨୦୦୧ରୁ ୨୦୦୫ ମଧ୍ୟରେ ୮.୫ କୋଟି ବା ଏହାଠୁ ଅଧିକ ସମ୍ପତ୍ତି ଥିବା ପରିବାରଗୁଡିକର ସଂଖ୍ୟା ପାଖାପାଖି ୨ ଗୁଣା ବଢିଛି। ଏଥିରେ ଏବେ ପ୍ରଶ୍ନ ଉଠୁଛି ଭାରତରେ ଯେତେବେଳେ ଧନୀ ଲୋକଙ୍କ ସଂଖ୍ୟା ବଢୁଛି, ଏହି ଧନୀକମାନେ ସେମାନଙ୍କ ପଇସା କେଉଁଠି ଖର୍ଚ୍ଚ କରୁଛନ୍ତି। ତେବେ ହୁରୁନ ଇଣ୍ଡିଆ ରିପୋର୍ଟ ଏ ନେଇ ବଡ଼ ଖୁଲାସା ହୋଇଛି।

ରିପୋର୍ଟ ଅନୁଯାୟୀ, ଧନୀମାନେ ଏବେ କେବଳ ଆଭୂଷଣ ଅଥବା କାରରେ ସେମାନଙ୍କ ଟଙ୍କା ଖର୍ଚ୍ଚ କରୁନାହାନ୍ତି ବରଂ ସେମାନଙ୍କ ସମ୍ପତ୍ତି ଓ ଜୀବନଶୈଳୀ ସୁଧାର ପାଇଁ ବଡ଼ ନିବେଶ କରୁଛନ୍ତି। ଧନୀକଙ୍କ ସଂଖ୍ୟା ଉପରେ ନଜର ପକାଇଲେ ସବୁଠୁ ଅଧିକ କୋଟିପତି ଲୋକେ ମୁମ୍ବାଇରେ ରହୁଛନ୍ତି। ଏହାପଛକୁ ରହିଛି ନୂଆଦିଲ୍ଲୀ ଓ ତା ପଛକୁ ବେଙ୍ଗାଲୁରୁ ସହର।



ସେହିପରି ଗୁରୁଗ୍ରାମ, ସୁରଟ ଓ ଲକ୍ଷ୍ନୌରେ ମଧ୍ୟ ଧନୀକଙ୍କ ସଂଖ୍ୟା ଏବେ ବଢିବାରେ ଲାଗିଛି।

ଭାରତୀୟ କୋଟିପତି ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ଲଗଜରୀ ରିୟଲ ଇଷ୍ଟେଟରେ ଭାରି ମାତ୍ରାରେ ଅର୍ଥ ନିବେଶ କରୁଛନ୍ତି। ଏହା ଛଡା ଗୋଆ ଓ ହିମାଳୟରେ ସେକେଣ୍ଡ ହୋମ କିଣୁଛନ୍ତି। ରିପୋର୍ଟ ଅନୁସାରେ ଧନୀକଙ୍କ ଲାଗି ସେୟାର, ରିୟଲ ଇଷ୍ଟେଟ୍ ଓ ସୁନା ପସନ୍ଦର ବିକଳ୍ପ ହୋଇରହିଛି। ସର୍ଭେ ଅନୁସାରେ ଧନୀକଙ୍କ ମଧ୍ୟରେ ସୌଖିନୀ କାର, ରିଅଲ ଇଷ୍ଟେଟ (ଫାର୍ମ ହାଉସ୍ ଓ ହଲିଡେ ଭିଲ୍ଲା) ଗ୍ଲୋବାଲ ଟ୍ରାଭେଲ, ଫ୍ୟାସନ ଓ ଲାଇଫ୍‌ଷ୍ଟାଇଲ, ଟେକ୍ନୋଲୋଜି ଓ ନିବେଶ ପ୍ରାଥମିକତା ହୋଇରହିଛି। ଜ୍ୱେଲରୀରେ ୭୫% ଧନୀକ ପ୍ରାକୃତିକ ହୀରାକୁ ପ୍ରାଥମିକତା ଦେଉଛନ୍ତି। ଅଧାରୁ ଅଧିକ କୋଟିପତିଙ୍କ ଏକାଧିକ କାର ରହିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ୩-୬ ବର୍ଷ ମଧ୍ୟରେ ଅପଗ୍ରେଡ କରୁଛନ୍ତି। ତେବେ ୪୦% ଅଧିକ ଧନୀକ ନିଜ ପାଖରେ ୬ ବର୍ଷରୁ ଅଧିକ କାଳ ଧରି କାର ରଖୁଛନ୍ତି।

ଖର୍ଚ୍ଚ କରିବାର ପ୍ରବୃତ୍ତିରୁ ଜଣାପଡୁଛି ଯେ ଭାରତୀୟ କୋଟିପତି ଅପେକ୍ଷାକୃତ ସନ୍ତୁଳିତ ଖର୍ଚ୍ଚ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୬୦% ପରିବାରର ବାର୍ଷିକ ଖର୍ଚ୍ଚ ୧ କୋଟିରୁ କମ୍। ତେବେ ସେମାନେ ଅଧିକ ଖର୍ଚ୍ଚ ପର୍ଯ୍ୟଟନ (୩୨%), ଶିକ୍ଷା (୨୭%) ଓ ମନୋରଞ୍ଜନରେ ୨୨% ଖର୍ଚ୍ଚ କରୁଛନ୍ତି। ରିପୋର୍ଟ ଅନୁସାରେ ଆଗାମୀ ୫ ବର୍ଷରେ ଧନୀ ପରିବାରଙ୍କ ସଂଖ୍ୟାରେ ଦୁଇ ଅଙ୍କର ଅଭିବୃଦ୍ଧି ହେବ। ଏଣୁ ଭାରତ ବୈଶ୍ୱିକ ଧନ ସୃଜନର ଏକ ପ୍ରମୁଖ କେନ୍ଦ୍ରରେ ସାମିଲ ହେବାର ନିକଟତର ହେଲାଣି।

**ନିଶାମୁକ୍ତ ଭାରତ ଅଭିଯାନ**

# ଗଣଦୌଡ଼ରେ ଅଂଶଗ୍ରହଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୯(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ "ନିଶାମୁକ୍ତ ଭାରତ ଅଭିଯାନ'ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମଠାରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଏହି ଗଣ ଦୌଡ଼ରେ ସାମିଲ ହୋଇଥିଲେ। କଳିଙ୍ଗ ଷ୍ଟାଡିଅମ ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଆୟୋଜିତ ମାରାଥନରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ଛାତ୍ରଛାତ୍ରୀ, ଖେଳାଳି, ଯୁବବର୍ଗ ଓ ଅନେକ ନେତୃବୃନ୍ଦଙ୍କ ସହ ସାମିଲ ହୋଇ ନିଶାମୁକ୍ତ ଭାରତର ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନିଶାମୁକ୍ତି ଅଭିଯାନ ବିଷୟରେ କହିଥିଲେ। ଆଜିର ସମାଜରେ ମଦ୍ୟପାନ, ଗୁଟଖା, ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍‌ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢ଼ୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେନାହିଁ, ନିଶା ନିଜ ସହିତ ନିଜ ପରିବାରକୁ ଛାରଖାର କରିଦିଏ। ତେଣୁ ନିଶା ପାଇଁ ପାଠପଢ଼ାରେ ଅସଫଳତା, ସ୍ୱାସ୍ଥ୍ୟର ଅବନତି, ଅପରାଧ ପ୍ରବୃତ୍ତିରେ ବୃଦ୍ଧି, ପରିବାରରେ ଅଶାନ୍ତି ଆଣିଥାଏ। ଜଣେ ନିଶାସକ୍ତ ଯୁବକ, ତାଙ୍କର ପିତାମାତାଙ୍କ ସ୍ୱପ୍ନକୁ ଭାଙ୍ଗିଦେଇଥାଏ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ ଫେୟାର ଛକ ଠାରେ ଥିବା ଏକ ଚା ଦୋକାନ ପାଖରେ ଚା ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ରାଜ୍ୟରେ ବେକାରୀ ସମସ୍ୟା ଅସମ୍ଭାଳ

## ଗୃହରକ୍ଷୀ ପଦ ପାଇଁ ସ୍ନାତକ ଓ ସ୍ନାତକୋତ୍ତର ପ୍ରାର୍ଥୀଙ୍କ ଆବେଦନ

**୯୦ ହଜାର ଆବେଦନ ମଧ୍ୟରୁ ୭୦ ହଜାର ପିଲା ଉଚ୍ଚଶିକ୍ଷିତ**

ଭୁବନେଶ୍ୱର,୨୧।୯(ସମିସ): ରାଜ୍ୟରେ ଉତ୍କଟ ହୋଇଛି ବେକାରୀ ସମସ୍ୟା। ନିଜ ଯୋଗ୍ୟତା ଅନୁସାରେ ଚାକିରି ମିଳୁନାହିଁ, ଫଳରେ ଛୋଟମୋଟ ଚାକିରି ପାଇଁ ପିଲାଙ୍କ ଲମ୍ବା ଧାଡ଼ି ଲାଗୁଛି। ନିକଟରେ ହୋମଗାର୍ଡ ନିଯୁକ୍ତି ସଂକ୍ରାନ୍ତ ଆବେଦନ ଦେଖିଲେ ଏହା ସ୍ପଷ୍ଟ ହୋଇଛି। ନିକଟରେ ଓଡ଼ିଶାରେ ୨୦ ହଜାରରୁ ଅଧିକ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ବାହାରିଥିଲା ଓ ଏଥିପାଇଁ ୯୦ ହଜାରରୁ ଅଧିକ ପିଲା ଆବେଦନ କରିଥିଲେ। ହେଲେ ଆବେଦନକାରୀଙ୍କ ମଧ୍ୟରେ ୭୦ ହଜାରଥିଲେ ଉଚ୍ଚ ଶିକ୍ଷିତ । କାହାର ଯୋଗ୍ୟତା ସ୍ନାତକ ତ କାହାର ଯୋଗ୍ୟତା ସ୍ନାତକୋତ୍ତର।

କୋରାପୁଟରେ ହୋମଗାର୍ଡ ପଦବୀ ପାଇଁ ହୋଇଥିଲା ପରୀକ୍ଷା। ୧୨୫ପଦ ପାଇଁ ପରୀକ୍ଷା ଦେଇଛନ୍ତି ୭୦୮୨। ରବିବାର କୋରାପୁଟ ଡିଏଭି ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ୧୨୫ଟି ହୋମଗାର୍ଡ ପଦବୀ ପୂରଣ ପାଇଁ ଲିଖିତ ପରୀକ୍ଷା ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା ଥିଲା ୫ମ ପାସ୍। ଓ ବୟସ ସୀମା ଥିଲା ୨୦ରୁ ୬୦ ବର୍ଷ। ସରକାରୀ ଚାକିରି ଟିଏ ପାଇବା ପାଇଁ ଏହି ପରକ୍ଷାରେ ଭାଗ ନେଇଥିଲେ ୭୦୮୨ ଜଣ। ଯେଉଁଥିରେ ଅଧିକାଂଶ ଥିଲେ ଉଚ୍ଚଶିକ୍ଷିତ। ଚାକିରି ଲୋଭରେ ନିଜ ଶିକ୍ଷାଗତ ଯୋଗ୍ୟତା ଠାରୁ କମ୍ ପଦବୀ ପାଇଁ ଆବେଦନ କରିଥିଲେ ଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପିଲା। ହୋମଗାର୍ଡ ହୋଇ ରାତିରେ ପହରା ଦେବା, କିମ୍ବା ଡ୍ରାଇଭର ଭାବେ ଗାଡି ଚଳାଇବା ଭଳି କାମ ପାଇଁ ସେମାନେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ସାରିଛନ୍ତି। ସେପଟେ ପଞ୍ଚମ ପାସ୍ ଶିକ୍ଷାଗତ ଯୋଗ୍ୟତା ଥିବା ଚାକିରି ପାଇଁ ଉଚ୍ଚଶିକ୍ଷିତ ଆବେଦନ କରିବା ଘଟଣାକୁ ସ୍ୱାଗତ କରିଛନ୍ତି ଏସପି। ତେବେ ହୋମଗାର୍ଡ ଚାକିରି ପାଇଁ ଗ୍ରାଜୁଏଟ୍ ପୋଷ୍ଟଗ୍ରାଜୁଏଟ୍ ସମେତ ଅନେକ ଉଚ୍ଚ ଶିକ୍ଷିତ ବେକାର ଯୁବକ ଯୁବତୀ ଆବେଦନ କରୁଥିବା ଦେଖି ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ। କାରଣ ନିଜ ଯୋଗ୍ୟତା ଅନୁସାରେ ଚାକିରି କରିବା ବଦଳରେ ସେମାନେ ତଳ ପଦବୀରେ ଚାକିରି କରୁଛନ୍ତି।

# କଂଗ୍ରେସର ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୧।୯(ସମିସ): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇଥିବା ଭୋଟ ଚୋର ଗାଦି ଛାଡ଼ ବିଷୟକୁ ରାଜ୍ୟର ଘରେ ଘରେ ପହଞ୍ଚାଇବା ପାଇଁ କଂଗ୍ରେସ ଦଳ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଆଜି କଂଗ୍ରେସ ଭବନ ଠାରେ ଦସ୍ତଖତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଦସ୍ତଖତ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଭୋଟର ତାଲିକାରେ ଅନିୟମିତତା କରି ମୋଦୀ ସରକାର ଏବଂ ମୋହନ ସରକାର କ୍ଷମତାକୁ ଆସଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶରେ ଏବଂ ରାଜ୍ୟରେ ଏକ ନିର୍ବାଚିତ ସରକାର ନୁହେଁ ବରଂ ବର୍ତ୍ତମାନ ଏକ ଭୋଟ ଲୁଣ୍ଠନକାରୀ ସରକାର କ୍ଷମତାରେ ଅଛି ବୋଲି କହିଥିଲେ। ଭୋଟ ଚୋରି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବାପାଇଁ ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପଞ୍ଚାୟତ ସ୍ତରକୁ ଯିବ ଏବଂ ସାଧାରଣ ଲୋକଙ୍କୁ ସଚେତନ କରାଇବ ବୋଲି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାସନ କୁମାର ମଲ୍ଲିକ ମତପ୍ରକାଶ କରିଥିଲେ। ଉକ୍ତ ବିଷୟକୁ ନେଇ ଓଡ଼ିଶାର ୧୧ଟି ଜନବହୁଳ ସହରରେ ଆଗାମୀ ଦିନରେ ଏକା ସାଙ୍ଗରେ ସାମ୍ବାଦିକ ସମ୍ମିଳନୀ କରାଯିବ ବୋଲି ଆଇନଜୀବୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ।

## ଯୁବକଙ୍କୁ ଅବହେଳା ପ୍ରସଙ୍ଗରେ ବର୍ଷିଲା ଯୁବ ବିଜେଡି

# ନିଶାମୁକ୍ତ ନାରା ଦେଇ ସରକାର ଖୋଲୁଛନ୍ତି ନୂଆ ମଦ ଦୋକାନ

ଭୁବନେଶ୍ୱର,୨୧।୯(ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ୍ ନାହିଁ। ଏଥିପାଇଁ ଯୁବବର୍ଗ ସଂପୂର୍ଣ୍ଣ ଅବହେଳିତ ଓ ହତାଶ ହୋଇପଡିଛନ୍ତି ବୋଲି କହିଛନ୍ତି ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ

### ରାଜଧାନୀରେ ବେକାର ଯୁବକଙ୍କ ସମ୍ମିଳନୀ କରିବ ଯୁବ ବିଜେଡି

ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟରେ ବେକାରୀ ଆଜି ଚରମ ସୀମାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ କୌଣସି ଯୁବ ନୀତି ନାହିଁ କି ଯୁବବର୍ଗର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ ଆୟୋଜନ କରୁଛନ୍ତି; ଅପରପକ୍ଷରେ ସରକାର ଗତକାଲି ରାଜ୍ୟରେ ବନ୍ଦ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏ ଗୁଡିକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହାକୁ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସରକାରଙ୍କ



ଦୋମୁହାଁ ଚରିତ୍ରକୁ ପଦାରେ ପକାଇବା ସହିତ ନିଶାମୁକ୍ତ ଭାରତ ଗଠନର ନାରା କେବଳ ଏକ ପ୍ରହସନ ବୋଲି ଶ୍ରୀ ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ଗତ ପନ୍ଦର ମାସରେ ରାଜ୍ୟ ସରକାର ୫୭,୦୦୦ ପଦବୀ ପୂରଣ କଲେଣି ବୋଲି ବାହାସ୍ଫୋଟ ମାରୁଛନ୍ତି। ବାସ୍ତବରେ ଏହି ନିଯୁକ୍ତି ଗୁଡିକର ନିଯୁକ୍ତି ପ୍ରକ୍ରିୟା ନବୀନ ସରକାରଙ୍କ ସମୟରେ ହୋଇଥିଲା। କେବଳ ନିଯୁକ୍ତି ପତ୍ର ବିତରଣ କରି ଏଥିରୁ ବାହାବା ନେବାକୁ ସରକାର ଅପଚେଷ୍ଟା କରୁଛନ୍ତି। ଗତ ପନ୍ଦର ମାସରେ ପନ୍ଦରଟି ପରୀକ୍ଷାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ୧୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ଦାବି କରିଥିଲେ। କିନ୍ତୁ ଗୋଟିଏ ବି ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ହୋଇ ପାରି ନାହିଁ। ଓଲଟି ପୂର୍ବରୁ ଚୁକ୍ତିବଦ୍ଧ ଥିବା ଅନେକ କମ୍ପାନୀ ଓଡିଶା ଛାଡୁଛନ୍ତି। ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଶା କ୍ରୀଡା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ହାସଲ କରିଥିଲା। ଏବେ କ୍ରୀଡା କ୍ଷେତ୍ରରେଓଡିଶା ପଛକୁ ଚାଲିଯାଇଛି। ଯୁବବର୍ଗର ସ୍ୱାର୍ଥକୁ ଏଭଳି ଅଣଦେଖା କଲେ ରାଜ୍ୟର ଯୁବବର୍ଗ ରାଜରାସ୍ତାକୁ ଓହ୍ଲାଇବେ। ଏହାଛଡ଼ା ବିଜୁ ଯୁବ ଜନତା ଦଳ ତରଫରୁ ଏକ ବେକାର ଯୁବକ ମାନଙ୍କ ସମ୍ମିଳନୀ ଅତିଶୀଘ୍ର ଆୟୋଜନ କରି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ସେ କହିଛନ୍ତି।

# ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ ସଭାପତି ନିର୍ବାଚିତ


ଭୁବନେଶ୍ୱର,୨୧।୯(ସମିସ): ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବଚିତ ହୋଇଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ ଜେନା। ସେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ୨ ଥରର ଭୁବନେଶ୍ୱର କ୍ଲବ ସଭାପତି ଅସିତ ତ୍ରିପାଠୀଙ୍କୁ ପରାସ୍ତ କରି ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଜେନା ୮୯୧ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ତ୍ରିପାଠୀ ୮୭୩ ଖଣ୍ଡ ଭୋଟ ମିଳିଛି। ଏକ କଡ଼ା ନିର୍ବାଚନରେ ମାତ୍ର ୧୮ ଟି ଭୋଟ୍ ବ୍ୟବଧାନରେ ଶ୍ରୀ ଜେନା ବିଜୟୀ ହୋଇଛନ୍ତି। ଅନ୍ୟପଟେ ପରାଜିତ ସଭାପତି



ପ୍ରାର୍ଥୀ ଅସିତ ତ୍ରିପାଠୀଙ୍କ ପ୍ୟାନେଲରୁ ନିର୍ବାଚନ ଲଢ଼ୁଥିବା ପ୍ରଗତି ମହାନ୍ତି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ୬୦ ଟି ଭୋଟ୍ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ସମ୍ପାଦକ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ ବିଜୟୀ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଅସିତ ତ୍ରିପାଠୀଙ୍କ ପ୍ୟାନେଲରୁ ସମ୍ବିତ ମହାନ୍ତି ନିର୍ବାଚନ ଜିତିଛନ୍ତି। ସେ ୬୮ ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ସଭାପତି ଭାବେ ନିର୍ବାଚନ ଜିତିବା ପରେ ଶ୍ରୀ ଜେନା କହିଛନ୍ତି ଯେ ସବୁ ମେମ୍ବରଙ୍କୁ ଧନ୍ୟବାଦ ଦେବି। ପାଖାପାଖି ୧୬୦୦ ଲୋକଙ୍କୁ ବ୍ୟକ୍ତିଗତ ଭାବେ ଟେଲିଫୋନ୍ କରିଥିଲି। ମେମ୍ବର ମାନେ ଯାହା ନିଷ୍ପତ୍ତି ନେଇଛନ୍ତି ତାହାକୁ ସମ୍ମାନ ଜଣାଉଛି। ୨ ମାସ ମଧ୍ୟରେ ସାଧାରଣ ପରିଷଦ ବୈଠକ ବସିବ ଓ ସଭାପତି ଏବଂ ସମ୍ପାଦକ ଜୀବନ କାଳ ମଧ୍ୟ ୨ ଥର ହିଁ ରହିପାରିବେ ବୋଲି ନିୟମ ଅଣାଯିବ। କ୍ଲବର ଅନ୍ୟ ସମସ୍ୟା ସମାଧନ ଦିଗରେ ମଧ୍ୟ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ରାଜ୍ୟର ସବୁଠୁ ସଂଭ୍ରାନ୍ତ କ୍ଲବ୍ ଭାବରେ ଭୁବନେଶ୍ୱର କ୍ଲବର ପରିଚୟ ରହିଛି। ୨୦ ତାରିଖଠାରୁ ସଭପତି ନିର୍ବାଚନ ପାଇଁ ଭୋଟ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ କାଲି ଇ-ଭୋଟିଂରେ ୫୯୬ ଭୋଟ୍ ପଡ଼ିବା ପରେ ଆଜି କ୍ଲବ ଆସି ବାଲାଟରେ ୧୧୭୮ ଭୋଟ୍ ଦେଇଥିଲେ। ଏଥିପାଇଁ ସକାଳ ୧୦ଟା ପରେ ଭୁବନେଶ୍ୱର କ୍ଲବ ପରିସରରେ ସୃଷ୍ଟି ହୋଇଥିଲା ଖଚାଖଚ ଭିଡ଼। ନିର୍ବାଚନରେ ଭାଗ ନେବାକୁ କ୍ଲବ୍‌କୁ ଜଣକ ପରେ ନାମୀଦାମୀ ବ୍ୟକ୍ତି ବିଶେଷ ଆସି ଭୋଟ୍ ଦେଇଥିଲେ। ଏଥିପାଇଁ ଏଜି ଛକ ଟ୍ରାଫିକ୍ ପୋଷ୍ଟରୁ ଭୁବନେଶ୍ୱର କ୍ଲବ ପର୍ଯ୍ୟନ୍ତ ରାସ୍ତା ବି ଜାମ୍ ହୋଇଯାଇଥିଲା। ଏଥର ନିର୍ବାଚନରେ ପ୍ରଦୀପ ଜେନାଙ୍କ ନାରା 'ଭୋଟ୍ ଫର୍ ଚେଞ୍ଜ୍' ରହିଥିବା ବେଳେ ଅସିତ ତ୍ରିପାଠୀଙ୍କ ସ୍ଲୋଗାନ୍ 'ବିକାଶ ଏକ ଯାତ୍ରା' ରହିଥିଲା।



ମହାଳୟାରେ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

# ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯(ସମିସ): ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ସଂସା ଗାଁରେ ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ଘଟିଛି। ମୃତକ ହେଲେ ସତ୍ୟଭାମା ମହାନ୍ତ। ରବିବାର ଦ୍ୱିପହରରେ ସ୍ୱାମୀ ଗଣେଶ ମହାନ୍ତ ସାମାନ୍ୟ କଥାରୁ ଉତ୍‌କ୍ଷିପ୍ତ ହୋଇ ପତ୍ନୀ ସତ୍ୟଭାମାଙ୍କୁ ମାଡ଼ ମାରିଥିଲେ। ମନଦୁଃଖରେ ଖଟିଆରେ ସତ୍ୟଭାମା ଶୋଇଥିବାବେଳେ ଗଣେଶ ପୁଣି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଛି।

# ସର୍ବୋଚ୍ଚ ସ୍ତରରେ ହୀରାକୁଦ ଜଳସ୍ତର

ସମ୍ବଲପୁର,୨୧।୯(ସମିସ):ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ହୋଇଥିବା ବେଳେ ରବିବାର ସକାଳ ପ୍ରାୟ ୮ଟା ସମୟରେ ଜଳଭଣ୍ଡାରର ଜଳସ୍ତର ଏହି ସ୍ତରକୁ ପହଞ୍ଚିଥିଲା। ଏହାପରେ ଜଳସ୍ତର ବଜାୟ ରଖାଯାଉଥିବା ବେଳେ ସକାଳ ୮ଟା ୪୫ ମିନିଟ ଏବଂ ୯ଟା ୧୦ ମିନିଟ ସମୟରେ ଦୁଇଟି ସ୍ଲୁଇସ ଗେଟ୍ ଖୋଲାଯାଇଛି। ରବିବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମ ୩ ଓ ଡାହାଣପାର୍ଶ୍ୱର ଗୋଟିଏ ଲେଖାଏ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୦୨,୨୨୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫,୭୬୦ ଘନଫୁଟ ଜଳପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୭୧୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୪୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୮୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# 'ନିଯୁକ୍ତି ପାଇଁ ଲାଗୁ ହେଉ ୱେଟିଂ ବ୍ୟବସ୍ଥା'

ଭୁବନେଶ୍ୱର, ୨୧।୯(ସମିସ): ନିର୍ଦ୍ଧାରିତ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯାଉଥିବାବେଳେ ସମସ୍ତ ପଦ ପୂରଣ ହେଉନାହିଁ। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ବହୁ ପ୍ରାର୍ଥୀ ଚାକିରିରେ ଯୋଗ ଦେଉ ନ ଥିବାରୁ ବହୁ ପଦ ଖାଲି ପଡୁଛି। ଏପରିକି କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଅନ୍ୟ ଚାକିରି ପାଇଲେ ମଧ୍ୟ ଗୋଟିଏ ପଦ ଖାଲି ରହୁଛି। ଏଣୁ ନିଯୁକ୍ତି ସମୟରେ ପୂର୍ବପରି ୱେଟିଂ ଲିଷ୍ଟ ବ୍ୟବସ୍ଥା ଲାଗୁ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଏନେଇ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗ (ଏପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ର ନିଯୁକ୍ତି ପାଇଁ ୨୦୨୦ ପୂର୍ବରୁ ୱେଟିଂ ପ୍ରକ୍ରିୟା ଲାଗୁ ହେଉଥିଲା। ଫଳରେ ଫାଙ୍କା ରହି ଯାଉଥିବା ପଦରେ ୱେଟିଂ ତାଲିକାରେ ଥିବା ଆଶାୟୀମାନେ କ୍ରମାନ୍ୱୟରେ ନିଯୁକ୍ତି ପାଉଥିଲେ। ସମସ୍ତ ପଦ ପୂରଣ ହେବା ସହ ବହୁ ପିଲା ନିଯୁକ୍ତି ପାଉଥିଲେ। ଏହା ଉଚ୍ଛେଦ କରିବାରୁ ଅନେକ ପଦ ଖାଲି ରହୁଛି। ନିକଟରେ ବାଟାଲିଅନ୍ ଏବଂ ପୁଲିସ୍ ଡ୍ରାଇଭର୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଟାଲିଅନ୍‌ରେ ପାଇଥିବା ପ୍ରାୟ ୬୦ଜଣ ପିଲା ଡ୍ରାଇଭର୍ ମଧ୍ୟ ପାଇଥିବାରୁ କୌଣସି ଗୋଟିଏ ସ୍ଥାନରେ ଯୋଗଦେବେ। ଫଳରେ ଏ ସବୁ ପଦ ଫାଙ୍କା ରହିବ। ଏଣୁ ୱେଟିଂ ତାଲିକା ବ୍ୟବସ୍ଥା ପୁନଃ ଲାଗୁ କରିବା ପାଇଁ ଆଶାୟୀ ସୁନୀଲ କୁମାର ମିଶ୍ର, ଶୁଭ୍ରଜିତ୍ ସାହୁ, ଆଲୋକ ରଥ, ନିବାସ କୁଣ୍ଡୁ, ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ସମେତ ବହୁ ଆଶାୟୀ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉପର ପଡ଼ିଆରେ ହେବନି ବାଲିଯାତ୍ରା

# ସରକାରଙ୍କ ନିଷ୍ପତ୍ତିକୁ ଭର୍ତ୍ତୃହରିଙ୍କ ସମାଲୋଚନା

କଟକ,୨୧।୯(ସମିସ): ନଭେମ୍ବର ୫ରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା। ହେଲେ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବାଣିଜ୍ୟମେଳାକୁ ନୂଆ ଢ଼ାଞ୍ଚାରେ ଆୟୋଜନ କରିବାକୁ ଉଦ୍ୟମ କରି ବିରୋଧାଭାଷର ଶିକାର ହେଉଛି କଟକ ଜିଲ୍ଲା ପ୍ରଶାସନ। ଏଥର ଉପର ପଡ଼ିଆ ତଥା କିଲ୍ଲା ପଡ଼ିଆରେ ବାଲିଯାତ୍ରାର ଷ୍ଟଲ ପଡ଼ିବ ନାହିଁ। କେବଳ ତଳ ପଡ଼ିଆରେ ଯାତ୍ରା ଆୟୋଜନ ହେବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ସାଂସଦ ଭର୍ତ୍ତୃହରି ମହତାବ ପ୍ରଶାସନର ନିଷ୍ପତ୍ତି ଭୁଲ୍ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ଘଟଣା ବାବଦରେ ଗଣମାଧ୍ୟମକୁ ଅଧିକ ପ୍ରତିକ୍ରିୟା ଦେଇ ନଥିଲେ ସୁଦ୍ଧା ବାଲିଯାତ୍ରା ଉପର ପଡ଼ିଆରେ ମଧ୍ୟ ହେବା ଉଚିତ୍ ବୋଲି ଶ୍ରୀ ମହତାବ ମତ ଦେଇଛନ୍ତି।

ବାଲିଯାତ୍ରା ଆୟୋଜନର ତରିକା ବଦଳାଇବା କଟକ ଜିଲ୍ଲା ପ୍ରଶାସନ ପାଇଁ ମହଙ୍ଗା ପଡ଼ିଆରେ। ଦୁଇଟି ପଡ଼ିଆରେ ଲକ୍ଷଲକ୍ଷ ଜନସମାଗମ ହୁଏ। ମାତ୍ର ଏଥର ସମସ୍ତ ଷ୍ଟଲକୁ ଗୋଟିଏ ପଡ଼ିଆରେ ଏକଜୁଟ କରାଯିବ। ଯଦ୍ୱାରା ଭିଡ଼ ନିୟନ୍ତ୍ରଣରେ ପୁଲିସ ଓ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଉପର ପଡ଼ିଆରେ ମେଳା ଆୟୋଜନ ନକରି କେବଳ ତଳ ପଡ଼ିଆରେ ୧୬୫୪ ଷ୍ଟଲ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହା ଭିତରେ ରିଂରୋଡରୁ କିଛି ଗଛ କଟାଯିବାକୁ ଯୋଜନା ରହିଛି। ତେବେ ଗୋଟିଏ ପଡ଼ିଆରେ ବାଲିଯାତ୍ରା ଆୟୋଜନର ନିଷ୍ପତ୍ତିକୁ ନେଇ ପ୍ରଶାସନକୁ ଟାର୍ଗେଟ କରାଯାଉଛି। ଦୁଇ ଦିନ ପୂର୍ବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ପ୍ରଶାସନର ନିଷ୍ପତ୍ତି କଟକିଆଙ୍କ ଭାବାବେଗ ପ୍ରତି କୁଠାରଘାତ ବୋଲି କହିଥିଲେ।

**କାର୍ଯ୍ୟକାରୀ ହେଉନି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

# ୪ ମାସ ପରେ ବି ମିଳିନି କମ୍ବଳ, ମଶାରୀ ଭତ୍ତା

ଭୁବନେଶ୍ୱର,୨୧।୯(ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ମାନୁ ନାହାନ୍ତି ସରକାରୀ ଅଧିକାରୀ। ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ କିଛି ଦାବି ଅବଗତ କରାଇଥିଲା। ଏହି ଦାବି ସମୂହକୁ ଅନୁଧ୍ୟାନ କରି ଶୀଘ୍ର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଘଟଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏହା ପୂରଣ ହୋଇପାରି ନାହିଁ। ଏହାସହିତ ମୁଖ୍ୟମନ୍ତ୍ରୀ ଗତ ଜୁନ ୩ ତାରିଖରେ ଦେବଗଡରେ ଏକ ସମାବେଶରେ କେନ୍ଦୁପତ୍ର ତୋଳାଳି ମାନଙ୍କୁ ବିଭିନ୍ନ ସାମାଜିକ ନିରାପତ୍ତା ପାଇଁ ୪୬୦ ଓ ବନ୍ଧେଇ ଶ୍ରମିକମାନଙ୍କୁ କମ୍ବଳ ଓ ମଶାରୀ ପାଇଁ ୭୦୦ ଟଙ୍କା ସହାୟତା ଘୋଷଣା କରିଥିଲେ। ଏହି ଘୋଷଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ଏଭଳି ଘଟଣାକୁ ନେଇ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ଗଭୀର କ୍ଷୋଭ ପ୍ରକାଶ କରିବା ସହିତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ (ଅରଣ୍ୟ ଭବନ) ଘେରଉ କରିବାକୁ ନିଷ୍ପତ୍ତି ନେଇଛି।

ଏହା ପୂର୍ବରୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ଓ ଡିଭିଜନ ସ୍ତରୀୟ କର୍ମକର୍ତ୍ତାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ରାଜ୍ୟ ସଭାପତି



ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିଥିବା ବେଳେ ଏଥିରେ କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ଉପରୋକ୍ତ ସମସ୍ୟା ସହିତ ୨୦୨୪ ମସିହା ଜୁଲାଇ ୧୮ ତାରିଖରେ ନୂତନ ସର୍ବନିମ୍ନ ମଜୁରୀ ସରକାର ଘୋଷଣା କରିଥିଲେ ମଧ୍ୟ ବର୍ଦ୍ଧିତ ହାରରେ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ଏକ ବର୍ଷ ୩ ମାସ ହେବାକୁ ଯାଉଥିଲେ ମଧ୍ୟ ଏହା ସଂଶୋଧନ କିମ୍ବା ବୃଦ୍ଧି ହୋଇନାହିଁ। ଏଥିଯୋଗୁଁ ୧୭/୧୮ ହଜାର ସିଜିନାଲ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ମାନଙ୍କ ୨ ଟି କନ୍ୟାର ବିବାହ ପାଇଁ ୨୫୦୦୦ ଟଙ୍କା ସାମାଜିକ ଆର୍ଥିକ ସହାୟତା ନେଇ ପୂର୍ବ ସରକାର ଘୋଷଣା କରିଥିଲେ। କିନ୍ତୁ ଏହାକୁ ବାତିଲ କରିଦିଆଯାଇଛି। ଏହାସହିତ ୧୦୦ କୋଟିର ବଜେଟ୍ ମଞ୍ଜୁରୀ ଅର୍ଥ ମଧ୍ୟ ୫୦ କୋଟି ଟଙ୍କା କାଟି ଦିଆଯାଇଛି।

ଏ ସବୁ ବିଷୟରେ ବାରମ୍ବାର ଦାବି, ସ୍ମାରକ ପତ୍ର, ଉଚ୍ଚସ୍ତରୀୟ ସାକ୍ଷାତ ଆଲୋଚନା ସ୍ଥଳେ ଏବଂ

### ଅରଣ୍ୟ ଭବନ ଘେରିବ କେନ୍ଦୁପତ୍ର କର୍ମଚାରୀ ସଂଘ

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିରେ ଅବହେଳା କରୁଥିବା ସଂଘ କହିଛି। ତେଣୁ ଆସନ୍ତା ଅକ୍ଟୋବର ୧୪ ତାରିଖରେ ଏହି ସଂସ୍ଥାର ସର୍ବୋଚ୍ଚ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଏକ ବିଶାଳ ସମାବେଶ ଓ ଧାରଣା ଆନ୍ଦୋଳନ ହେବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଉକ୍ତ କର୍ମକର୍ତ୍ତା ବୈଠକରେ ଉପସଭାପତି ଗୋକୁଳ ମେହେର ରାଜ୍ୟ ସଂଗଠନ ସମ୍ପାଦକ ସଂଜିତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୭୯୧- ପ୍ରସିଦ୍ଧ ବୈଜ୍ଞାନିକ ମାଇକେଲ୍ ଫାରାଡେଙ୍କ ଜନ୍ମ।
- ୧୮୮୮- ନେସନ୍ୟାଲ୍ ଜିଓଗ୍ରାଫିକ୍ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହୋଇଥିଲା।
- ୧୯୫୫- ବ୍ରିଟେନରେ ପ୍ରଥମ ଥର ଟିଭିରେ ବିଜ୍ଞାପନ ପ୍ରସାରିତ ହେଲା।
- ୧୯୮୦- ଇରାକ୍, ଇରାନ୍ ଉପରେ ଆକ୍ରମଣ କଲା।
- ୨୦୧୩- ପାକିସ୍ତାନର ପେଶୱାରରେ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତିକମ୍‌ରେ ୧୨୭ ଜଣଙ୍କ ମୃତ୍ୟୁ।

## 'କଲ୍‌କୀ ୨'ରୁ ବାହାରିଲେ
# ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ କିଛି ଦିନ ପୂର୍ବରୁ 'ସ୍ପିରିଟ୍'ର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ। ଇତିମଧ୍ୟରେ ଦୀପିକାଙ୍କ ହାତରୁ ଆଉ ଏକ ବଡ଼ ପ୍ରୋଜେକ୍ଟ ମଧ୍ୟ ଚାଲି ଯାଇଛି। 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲ 'କଲ୍‌କୀ ୨'ରୁ ଏବେ ଦୀପିକା ବାଦ୍ ପଡ଼ିଛନ୍ତି। ନିକଟରେ ପ୍ରଯୋଜନା ସଂସ୍ଥା ବୈଜୟନ୍ତୀ ଫିଲ୍ମସ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏବିଷୟରେ ସୂଚନା ଦିଆଯାଇଛି। ତେବେ ଦୀପିକା 'କଲ୍‌କୀ ୨'ର ନିର୍ମାତାଙ୍କ ପାଖରେ କିଛି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ପାଇଁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି ଜଣାପଡ଼ିଛି। ଦୀପିକା ଏହାର ସିକ୍ୱେଲ ପାଇଁ ୨୫% ଅଧିକ ପାରିଶ୍ରମିକ ଦାବି କରିବା ସହ ସାତଘଣ୍ଟିଆ ସିଫ୍ଟରେ ସୁଟ୍ କରିବେ ବୋଲି କହିଥିଲେ। ତେବେ ଏହା ଏକ ଭିଏଫ୍ଏକ୍ସ ଫିଲ୍ମ ହୋଇଥିବାରୁ ଏତେ କମ୍ ସମୟରେ ସୁଟ୍ କରିବା ଦ୍ୱାରା ଫିଲ୍ମର ବଜେଟ୍ ବୃଦ୍ଧି ପାଇବ। ଏହାବାଦ୍ ସେ ତାଙ୍କ ସପୋର୍ଟ ଟିମ୍ ରହିବା ପାଇଁ ପଞ୍ଚ ତାରକା ହୋଟେଲ ଯୋଗାଇ ଦେବାକୁ କହିଥିଲେ। ଦିନକୁ ଦିନ ଦୀପିକାଙ୍କ ସର୍ତ୍ତ ବଢ଼ିବାରୁ ପ୍ରଡକ୍ସନ୍ ଟିମ୍ ତାଙ୍କୁ ବାଦ୍ ଦେବା ପାଇଁ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଫିଲ୍ମ ନିର୍ମାତା ଏହାର କାହାଣୀରେ ପରିବର୍ତ୍ତନ କରି ଦୀପିକାଙ୍କ ଭୂମିକାକୁ ଛୋଟ କରିଦେବାରୁ ସେ ଏହି ଫିଲ୍ମ ଛାଡ଼ି ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାପୂର୍ବରୁ 'ସ୍ପିରିଟ୍'ରୁ ମଧ୍ୟ ଦୀପିକାଙ୍କ ସର୍ତ୍ତ ପାଇଁ ତାଙ୍କୁ ବାଦ୍ ଦିଆଯାଇଥିଲା।



# ବିଶ୍ୱ ଗୋଲାପ ଦିବସ
## କର୍କଟ ରୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ଦିନଟିଏ

ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜୀବନ ପ୍ରତି ନୂତନ ଆଶା ସଞ୍ଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ। କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜୀଇଁବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଗୋଲାପ ଫୁଲକୁ ଦେଖିବା ମାତ୍ରେ ମନରେ ଏକ ସକାରାତ୍ମକ ଭାବନା ଆସିଥାଏ। ଏହି ଦିନ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ଏହି ସନ୍ଦେଶ ଦିଆଯାଏ ଯେ, କ୍ୟାନ୍ସର ଜୀବନର ଅନ୍ତ ନୁହେଁ, ଆରମ୍ଭ। ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା କ୍ୟାନ୍ସର ଯୁଦ୍ଧକୁ ଜିତିହେବ। ୱାର୍ଲଡ୍ ରୋଜ୍ ଡେ' ପାଳନର ଆରମ୍ଭ ୧୯୯୪ ମସିହାରୁ ହୋଇଥିଲା। କାନାଡ଼ାର ୧୨ ବର୍ଷୀୟା କ୍ୟାନ୍ସର ପୀଡ଼ିତା ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଏ। କୁନି ବୟସରୁ ମେଲିଣ୍ଡା ବ୍ଲଡ୍ କ୍ୟାନ୍ସରର ଏକ ବିରଳ ପ୍ରକାର ଆସ୍କିନ୍ସ ଟ୍ୟୁମରରେ ପୀଡ଼ିତ ଥିଲେ। ଅତି ସାହସର ସହ ସେ ଶେଷ ପର୍ଯ୍ୟନ୍ତ ଏହି ରୋଗ ସହ ଲଢ଼ିଥିଲେ। ମେଲିଣ୍ଡା କ୍ୟାନ୍ସରର ଲାଷ୍ଟ ଷ୍ଟେଜ୍‌ରେ ଥିଲେ। ସେ ଆଉ ଗୋଟିଏ କି ଦୁଇ ସପ୍ତାହ ବଞ୍ଚିବେ ବୋଲି ଡାକ୍ତର କହିଥିଲେ। ମେଲିଣ୍ଡା ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତରଙ୍କୁ ଭୁଲ୍ ସାବ୍ୟସ୍ତ କରି ଛଅମାସ ବଞ୍ଚିଥିଲେ। ଏହି ଛଅମାସ ମଧ୍ୟରେ ପ୍ରତି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସହ ଖୁସିର ବାର୍ତ୍ତା ବାଣ୍ଟୁଥିଲେ। ସେ ଅନ୍ୟ କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ କବିତା, ଇମେଲ୍ ଆଦି ଲେଖୁଥିଲେ। ୧୨ ବର୍ଷର ଏହି ଝିଅ ଜଣକ କ୍ୟାନ୍ସର ରୋଗୀଙ୍କ ପାଇଁ ଏକ ଉଦାହରଣ ହୋଇଗଲେ। ସେ କର୍କଟ ରୋଗ ସହ ଲଢୁଥିବା ରୋଗୀମାନଙ୍କ ପାଇଁ ଆଶାର କିରଣ ସାଜିଥିଲେ। ମେଲିଣ୍ଡାଙ୍କର ଏହି ଆକର୍ଷଣୀୟ ବ୍ୟକ୍ତିତ୍ୱ ତଥା ତାଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ ବିଶ୍ୱ ଗୋଲାପ ଦିବସ ବା ୱାର୍ଲଡ ରୋଜ୍ ଡେ' ଭାବେ ପାଳନ କରାଯାଏ। ଏହି ଦିନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲୋକେ କ୍ୟାନ୍ସର ରୋଗୀମାନଙ୍କୁ ଗୋଲାପ ଫୁଲ ଦେବା ସହ ସେମାନଙ୍କ ସହ ସମୟ ଅତିବାହିତ କରନ୍ତି।

# ସବୁଠୁ ଦାମୀ ଶାଢ଼ି 'ବିବାହ ପଟ୍ଟୁ'

ଶାଢ଼ି ଭାରତୀୟ ମହିଳାମାନଙ୍କର ଏକ ପାରମ୍ପରିକ ପରିଧାନ। ସାଧାରଣତଃ ଶାଢ଼ିର ଡିଜାଇନ୍ ଓ କପଡ଼ା ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ଏହି କ୍ରମରେ ବିଶ୍ୱର ସବୁଠୁ ଦାମୀ ଶାଢ଼ି ଭାବେ 'ବିବାହ ପଟ୍ଟୁ' ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହା ଏକ ଚେନ୍ନାଇ ସିଲ୍‌କ ଶାଢ଼ି। ଏହାର ଦାମ୍ ୩୯.୯୩ ଲକ୍ଷ। ଏଥିରେ ସୁନା, ରୁପା, ହୀରା ଆଦି ଖଚିତ ହେବା ସହ ପ୍ରସିଦ୍ଧ ଚିତ୍ରକର ରବି ବର୍ମାଙ୍କର ୧୧ଟି ପେଣ୍ଟିଂକୁ ବୁଣାଯାଇଛି। ତନ୍ମଧ୍ୟରୁ ସ୍ୱତନ୍ତ୍ର ହେଉଛି 'ଗାଲାକ୍ସି ଅଫ୍ ମ୍ୟୁଜିସିୟାନ୍ସ'। ଏଥିରେ ବିଭିନ୍ନ ରାଜ୍ୟର ମହିଳାମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଉଥିବାର ଦେଖାଯାଇଛନ୍ତି। ଏହି ଶାଢ଼ିରେ ୫୯.୭ ଗ୍ରାମ୍ ସୁନା, ୩.୯୧୩ କ୍ୟାରେଟ୍ ହୀରା, ୧୨୦ ମିଲିଗ୍ରାମ୍ ପ୍ଲାଟିନମ୍, ୫୫ ସେଟ୍ ପନ୍ନା, ୨.୯୮୫ କ୍ୟାରେଟ୍ ରୁବି, ନବରତ୍ନ ପଥର, ମୋତି, ମୁଗା ଆଦି ଦାମୀ ରତ୍ନର ମଧ୍ୟ ବ୍ୟବହାର କରାଯାଇଛି। ୮ କିଲୋ ଓଜନର ଏହି ଶାଢ଼ିରେ ୬୪ ପ୍ରକାରର ରଙ୍ଗ ଓ ୧୦ ଟି ନିଆରା ଡିଜାଇନ୍‌ର ବ୍ୟବହାର କରାଯାଇଛି। ଏହାର ଓଜନ ଅଧିକ ଥିବା ସତ୍ତ୍ୱେ, ଏହାକୁ ସାଧାରଣ ଶାଢ଼ି ଭଳି ପିନ୍ଧାଯାଇ ପାରିବ। ଏହାକୁ ଏପର୍ଯ୍ୟନ୍ତ ଦୁଇଥର କିଣାଯାଇ ସାରିଛି। ଏହି ଶାଢ଼ି ପ୍ରଥମେ ବେଙ୍ଗାଲୁରୁର ଜଣେ ବ୍ୟବସାୟୀ ୧୦ମ ବିବାହ ବାର୍ଷିକୀ ଅବସରରେ ପତ୍ନୀଙ୍କୁ ଉପହାର ଦେବା ପାଇଁ କିଣିଥିଲେ। ଏହାପରେ କୁଏତ୍‌ର ଜଣେ ଧନୀ ବ୍ୟବସାୟୀ ବି ଏହି ଶାଢ଼ି ତିଆରି କରିବା ଲାଗି ଅନୁରୋଧ କରିଥିଲେ। ତେବେ ଏହି ଶାଢ଼ି କେବଳ ପିନ୍ଧିବା ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଏକ ଅମୂଲ୍ୟ କଳାକୃତି, ଯାହା ଭାରତୀୟ ବୟନ କଳା ଗୌରବକୁ ବିଶ୍ୱରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛି।





# ଦୁର୍ଗା ଚାଳିଶା ପାଠର ନିୟମ

ନବରାତ୍ରୀରେ ମା' ଦୁର୍ଗା ନଅଟି ରୂପରେ ପୂଜା ପାଇଥାନ୍ତି। ଏହି ନଅଦିନ ମା' ଦୁର୍ଗା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି। ଏହି ନବଦିନାତ୍ମକ ପୂଜାରେ ମା'ଙ୍କ ପୂଜାର୍ଚ୍ଚନା ସହ ଦୁର୍ଗାସପ୍ତଶତୀ ଏବଂ ଦୁର୍ଗା ଚାଳିଶା ପାଠ କରାଯାଏ। ଦୁର୍ଗା ଚାଳିଶା ପାଠ ଦ୍ୱାରା ମାନସିକ ଶାନ୍ତି ପ୍ରାପ୍ତ ହୁଏ। ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ଆର୍ଥିକ ଲାଭ ହୁଏ। ତେବେ ଦୁର୍ଗା ଚାଳିଶା କିଭଳି ପାଠ କରିବେ, ସେ ସମ୍ପର୍କରେ ଜାଣିବା।

- ସକାଳୁ ସ୍ନାନ ସାରି ଭଲ ବସ୍ତ୍ର ପରିଧାନ କରନ୍ତୁ।
- ଏହାପରେ ଦେବୀ ମାତାଙ୍କ ପୂଜାର୍ଚ୍ଚନା କରନ୍ତୁ।
- ମା' ଦୁର୍ଗାଙ୍କୁ ଫୁଲ, ଧୂପ, ଦୀପ ଲାଗି କରିବା ସହ ପ୍ରସାଦ ଭୋଗ କରନ୍ତୁ।
- ଏହା ପରେ ଦୁର୍ଗା ଚାଳିଶା ପାଠ କରନ୍ତୁ।
- ଦୁର୍ଗା ଚାଳିଶା ପାଠ କରିସାରିବା ପରେ ମା'ଙ୍କ ଆରତୀ କରି ପ୍ରସାଦ ଗ୍ରହଣ କରନ୍ତୁ।

# ନବରାତ୍ରୀରେ ଦୀପ ପ୍ରଜ୍ୱଳନ

ନବରାତ୍ରୀର ନଅଦିନରେ ନିତିଦିନ ଦେବୀଙ୍କ ଅଲଗା ଅଲଗା ରୂପକୁ ପୂଜା କରାଯାଏ। ଏଥିରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। ଶାସ୍ତ୍ରରେ ଦୀପ ପ୍ରଜ୍ୱଳନର ବିଶେଷ ମହତ୍ତ୍ୱ ରହିଛି। ଏହି ନଅ ଦିନ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ଜୀବନର ଅନ୍ଧକାର ଦୂର ହୁଏ। ଘରେ ସୁଖ ଓ ସମୃଦ୍ଧିର ଆଗମନ ହୁଏ। ଏହି ଅବଧି ମଧ୍ୟରେ କେଉଁ କେଉଁ ସ୍ଥାନରେ ଦୀପ ଜାଳିବା ଦରକାର, ସେ ସମ୍ପର୍କରେ ଜାଣିବା।



**ମୁଖ୍ୟଦ୍ୱାର**

ଶାସ୍ତ୍ରରେ ମୁଖ୍ୟ ଦ୍ୱାରରେ ଦୀପ ଜାଳିବା ଶୁଭ। ଏହା ଦ୍ୱାରା ଘରକୁ ଦେବୀଦେବତାଙ୍କର ପ୍ରବେଶ ହୋଇଥାଏ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଏ।

**ପୂଜାଘର**

ପ୍ରଥମ ଦୀପ ଘରର ମନ୍ଦିର ଏବଂ ପୂଜା ସ୍ଥାନରେ ଜାଳିବା ଉଚିତ। ଏହା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ।

**ରୋଷେଇ ଘର**

ନବରାତ୍ରୀରେ ରୋଷେଇ ଘରେ ଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ଘରେ ଅନ୍ନର ଅଭାବ ଦେଖା ଦିଏ ନାହିଁ।

**ତୁଳସୀ ଚଉରା**

ହିନ୍ଦୁ ଧର୍ମରେ ତୁଳସୀ ଗଛକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଇଛି। ଏହି ନଅଦିନ ଯାକ ସନ୍ଧ୍ୟାରେ ଦୀପ ଜାଳିବା ଭଲ।

## ସ୍ୱସ୍ତି

# କନ୍ୟା ପୂଜା



ଖୁବ୍ ଶୀଘ୍ର ଆରମ୍ଭ ହେବ ଶାରଦୀୟ ନବରାତ୍ରୀ। ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରିର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷ୍ୟାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ ଦିଅନ୍ତୁ ନାହିଁ।
- ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।

# ସୂର୍ଯ୍ୟାସ୍ତ ପରେ ଝାଡୁ ଲଗାନ୍ତୁ ନାହିଁ

**ରାତିରେ ଝାଡୁ ନ କରିବାର ନିୟମ ପ୍ରାଚୀନ କାଳରୁ ରହି ଆସିଛି। ରାତିରେ ଝାଡୁ ନ କରିବାର ମାନ୍ୟତା ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ଉପରେ ଆଧାରିତ। ରାତିରେ ଝାଡୁ କରିବା ଦ୍ୱାରା ମା' ଲକ୍ଷ୍ମୀ କୋପ କରନ୍ତି ଏବଂ ଘରେ ଦାରିଦ୍ର୍ୟତା ଦେଖା ଦିଏ ବୋଲି କୁହାଯାଏ।**

ହିନ୍ଦୁ ମାନ୍ୟତାନୁସାରେ, ଝାଡୁକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଇଛି। ମାନ୍ୟତା ଅଛି ସନ୍ଧ୍ୟାରେ ଏବଂ ଦୀପ ଜଳିବା ପରେ ଦେବୀ ଲକ୍ଷ୍ମୀ ଘରେ ପ୍ରବେଶ କରନ୍ତି। ତେଣୁ ରାତିରେ ଝାଡୁ କରିବା ଦ୍ୱାରା ତାଙ୍କ ପ୍ରତି ଅପମାନିତ ହୁଏ। ଫଳରେ ସେ କୋପ କରି ଘର ଛାଡ଼ି ଚାଲିଯାଆନ୍ତି।

ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, କିଛି ଲୋକ ସନ୍ଧ୍ୟାରେ ଝାଡୁ କରି ଅଳିଆ ବାହାର କରନ୍ତି। ସୂର୍ଯ୍ୟାସ୍ତ ପରେ ଘରେ ଝାଡୁ କରିବା ଅନୁଚିତ। କୌଣସି କାରଣବଶତଃ ଝାଡୁ କରୁଥିଲେ, ଅଳିଆକୁ ଡଷ୍ଟବିନ୍‌ରେ ରଖନ୍ତୁ। ଏହାକୁ ତା'ପରଦିନ ସକାଳୁ ଫିଙ୍ଗିଦିଅନ୍ତୁ।

ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାହୁ ଓ କେତୁଙ୍କ ପ୍ରଭାବ ରାତିରେ ଥିବାରୁ ଏହି ସମୟରେ ଝାଡୁ କରିବା ମନା। ଏହାବାଦ୍ ଏହି ସମୟ ତାମସିକ ଶକ୍ତିର। ଏହି ସମୟରେ ଝାଡୁ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଇବା ଆଶଙ୍କା ଅଛି।



## ଏସିଆ କପ୍ ସୁପର-୪'ରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ

# ପାକିସ୍ତାନକୁ ପୁଣି ଧୂଳି ଚଟାଇଲା ଭାରତ

ଦୁବାଇ,୨୧।୯ (ଏଜେନ୍ସି)

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଶୁବମନ ଗିଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନକୁ ଧୂଳି ଚଟାଇଛି ଭାରତ। ଏହି ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବିଜୟୀ ହୋଇ ପୂରା ପଏଣ୍ଟ ସଂଗ୍ରହ କରିଛି। ପୂର୍ବରୁ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଆଜିର ମ୍ୟାଚ୍‌ରେ ସାହିବଜାଦା ଫରହାନଙ୍କ ଅର୍ଦ୍ଧଶତକ ଓ ଶେଷ ୩ ଓଭରରେ ୪୨ ଦ୍ରୁତ ରନ୍ ସଂଗ୍ରହ ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟରେ ୧୭୧ ରନ୍‌ର ଲଢୁଆ ସ୍କୋର ସଂଗ୍ରହ କରିଥିଲା। ପାକିସ୍ତାନ ପକ୍ଷରୁ ୦ ଓ ୩୨ ରନ୍‌ରେ ଦୁଇଟି ଜୀବନଦାନ ପାଇଥିବା ଫରହାନ ସର୍ବାଧିକ ୫୮ ରନ୍ କରିଥିଲେ। ଜବାବରେ ୧୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୮.୫ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୨୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ୩୯ ବଲ୍‌ରେ ୬ ଚୌକା ଓ ୫ ଛକା ସହ ସର୍ବାଧିକ ୭୪ ରନ୍ କରିଥିଲେ। ତାଙ୍କ ସହ ପ୍ରଥମ ୱିକେଟରୁ ପାକିସ୍ତାନ ବିପକ୍ଷରେ ସର୍ବାଧିକ ୧୦୫ ରନ୍ ଉଠାଇଥିବା ଶୁବମନ ଗିଲ୍ ୨୮ ବଲ୍‌ରେ ୮ ଚୌକା ସହ ୪୭ ରନ୍ କରିଥିଲେ। ଗିଲ୍‌ଙ୍କ ଆଉଟ ହେବାର ଗୋଟିଏ ରନ୍ ପରେ ସୂର୍ଯ୍ୟକୁମାର ଯାଦବ (୦) ଓ ଆଉ ୧୭ ରନ୍ ପରେ ଅଭିଷେକ ଆଉଟ ହୋଇଥିଲେ। ସଞ୍ଜୁ ସାମସନ ମଧ୍ୟ ୧୩ ରନ୍‌ରେ ବୋଲ୍ଡ ହୋଇଥିଲେ। ଶେଷ ୩ ଓଭରରେ ମ୍ୟାଚ୍ ଜିତିବାକୁ ୧୯ ରନ୍ ଆବଶ୍ୟକ ହେଉଥିଲା। ତିଳକ ବର୍ମା ୧୯ ବଲରୁ ୩୦ ଓ ହାର୍ଦ୍ଦିକ ପାଣ୍ଡ୍ୟା ୭ ବଲ୍‌ରୁ ୭ ରନ୍ କରି ଭାରତକୁ ମ୍ୟାଚ୍ ଜିତାଇଥିଲେ। ପାକିସ୍ତାନର ହାରିସ ରୌଫ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।

ସୁପର-୪'ର ପ୍ରଥମ ମ୍ୟାଚ୍‌ରେ ଗତକାଲି ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଆସନ୍ତାକାଲି ମ୍ୟାଚ୍‌ର ବିଶ୍ରାମ ଦିନ। ପରବର୍ତ୍ତୀ ମ୍ୟାଚ୍‌ରେ ମଙ୍ଗଳବାର ପାକିସ୍ତାନ ସହ ଶ୍ରୀଲଙ୍କା ଓ ବୁଧବାର ଭାରତ ସହ ବାଂଲାଦେଶର ମୁକାବିଲା ହେବ। ସୁପର-୪'ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ସେପ୍ଟେମ୍ବର ୨୮ରେ ଫାଇନାଲ ମୁକାବିଲା ହେବ।




### ଘଟଣାବହୁଳ ପାକିସ୍ତାନ ଇନିଂସ

ଟସ୍ ହାରି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବା ପରେ ଭାରତର ଦୁର୍ବଳତାକୁ ପାଥେୟ କରି ତିଷ୍ଠି ଯାଇଥିଲା। ଏହି ମ୍ୟାଚ୍‌ରେ ଦଳ ତାହାର ରଣନୀତି ବଦଳାଇ ଫଖର ଜମାନଙ୍କୁ ଇନିଂସ ଓପନ କରାଇଥିଲା। ପ୍ରଥମ ଓଭରରେ ସାହିବଜାଦା ଫରହାନ ୦ ଏବଂ ୩୨ରେ ଅଭିଷେକ ଶର୍ମାଙ୍କ ଦ୍ୱାରା କ୍ୟାଚ୍ ଡ୍ରପ୍ ହୋଇଥିଲେ। ଏହି ଜୀବନଦାନ ପାଇବା ପରେ ସେ ଅର୍ଦ୍ଧଶତକ ହାସଲ କରି ୪୫ ବଲ୍‌ରୁ ସର୍ବାଧିକ ୫୮ ରନ୍ କରିଥିଲେ। ୱିକେଟକିପର ସଞ୍ଜୁ ସାମସନ ନେଇଥିବା ଜମାନଙ୍କ କ୍ୟାଚ୍‌କୁ ନେଇ ବିତର୍କ ହୋଇଥିଲା। ପାକିସ୍ତାନ ପ୍ରଥମ ୧୦ ଓଭରରେ ୧ ୱିକେଟ ହରାଇ ୯୧ ରନ୍ କରିଥିଲା। କିନ୍ତୁ ଶିବମ ଦୁବେ ବୋଲିଂ କରିବାକୁ ଆସିବା ପରେ ପାକିସ୍ତାନର ରନ୍ ହାର କମିଯାଇଥିଲା। ଦଳ ଏହି ସମୟରେ ୬ ଓଭର ଖେଳି ୩ ୱିକେଟ ବିନିମୟରେ ମାତ୍ର ୩୦ ରନ୍ କରିଥିଲା। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଏହି ୬ ଓଭରରେ ପାକିସ୍ତାନ ଗୋଟିଏ ହେଲେ ବାଉଣ୍ଡାରୀ ମାରିବାରେ ସମର୍ଥ ହୋଇ ନ ଥିଲା। କିନ୍ତୁ ଶେଷ ୩ ବ୍ୟାଟର ଯଥା ମହମ୍ମଦ୍ ନୱାଜ ୧୯ ବଲ୍‌ରେ ୨୧, ଅଧିନାୟକ ସଲମାନ ଅଲି ଆଘା ୧୩ ବଲ୍‌ରେ ଅପରାଜିତ ୧୭ ଓ ଫହୀମ ଅଶ୍ରଫ ୮ ବଲ୍‌ରେ ଅପରାଜିତ ୨୦ ରନ୍ କରିବା ଫଳରେ ପାକିସ୍ତାନ ୫ ୱିକେଟରେ ୧୭୧ ରନ୍ କରିଥିଲା। ଦଳ ଯେପରି ଆରମ୍ଭ ପାଇଥିଲା ତାହାକୁ ବଡ଼ ସ୍କୋରରେ ପରିଣତ କରି ପାରି ନ ଥିଲା। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ମାତ୍ର ୨୫ ରନ୍ ଦେଇ ଚମତ୍କାର ବୋଲି କରିଥିଲେ। ଶିବମ ଦୁବେ ୩୩ ରନ୍‌ରେ ସର୍ବାଧିକ ୨ଟି ୱିକେଟ ପାଇଥିଲେ। କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ଫେରାଇଥିଲେ। କିନ୍ତୁ ଦଳର ପ୍ରମୁଖ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ୩ ଓଭରରେ ନିଜ କ୍ୟାରିୟରର ସର୍ବାଧିକ ୩୪ ରନ୍ ଓ ୪ ଓଭରରେ ୪୫ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।


### ଚହଲଙ୍କୁ ଟପିଲେ ପାଣ୍ଡ୍ୟା

ପାକିସ୍ତାନର ଫଖର ଜମାନଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ରେ ତାଙ୍କର ୯୭ତମ ୱିକେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ ଟି-୨୦ରେ ଭାରତୀୟ ଭାବେ ସର୍ବାଧିକ ୱିକେଟ୍ ନେବାରେ ଯୁଜବେନ୍ଦ୍ର ଚହଲଙ୍କୁ ପଛରେ ପକାଇଛନ୍ତି ପାଣ୍ଡ୍ୟା। ଏହି ତାଲିକାରେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ ସହ ଶୀର୍ଷରେ ରହିଛନ୍ତି। ସେହିଭଳି ୯୭ ୱିକେଟ୍ ସହ ପାଣ୍ଡ୍ୟା ଦ୍ୱିତୀୟ ଓ ୯୬ ୱିକେଟ୍ ସହ ଚହଲ ତୃତୀୟରେ ରହିଛନ୍ତି। ଯଶପ୍ରୀତ୍ ବୁମରା (୯୨ ୱିକେଟ) ଓ ଭୁବନେଶ୍ୱର କୁମାର (୯୦) ଯଥାକ୍ରମେ ପଛକୁ ରହିଛନ୍ତି।

#### ସଂକ୍ଷିପ୍ତ ସ୍କୋର

**ପାକିସ୍ତାନ** : ୧୭୧/୫, ୨୦ ଓଭର (ଶାହିବଜାଦା-୫୮, ଶିବମ- ୨/୩୩, ପାଣ୍ଡ୍ୟା- ୧/୨୯)
**ଭାରତ** : ୧୭୪/୪, ୧୮.୫ ଓଭର (ଅଭିଷେକ- ୭୪, ଗିଲ୍- ୪୭, ତିଳକ- ୩୦*, ସଞ୍ଜୁ- ୧୩, ରୌଫ- ୨/୨୬)

## ବିସିସିଆଇ ସଭାପତି ହେବେ ମିଥୁନ ମାନହାସ



ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦିଲ୍ଲୀ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମିଥୁନ ମାନହାସ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ସଭାପତି ପଦ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ଶକ୍ତିଶାଳୀ ଜୟଦେବ ଶାହ ଗ୍ରୁପ୍‌ର ହୋଇଥିବାରୁ ପରବର୍ତ୍ତୀ ସଭାପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି। ବର୍ତ୍ତମାନର ଭାରତୀୟ କ୍ରିକେଟ ପ୍ରଶାସନରେ ଜୟଦେବଙ୍କୁ ମୁକାବିଲା କରିବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ। ଏଣୁ ମାନହାସ ଯେ ପରବର୍ତ୍ତୀ ସଭାପତି ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ୧୫୭ଟି ମ୍ୟାଚ୍ ଖେଳିଥିବା ୪୫ ବର୍ଷୀୟ ମିଥୁନ ମାନହାସ ଜମ୍ମୁ-କାଶ୍ମୀର କ୍ରିକେଟ ପରିଚାଳନା ଲାଗି ଗଠିତ କମିଟିରେ ୨୦୨୧ରୁ ସଦସ୍ୟ ଓ ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ସହକାରୀ କୋଚ୍ ଅଛନ୍ତି। ମାନହାସ ଜଣେ ଖେଳାଳି ହୋଇଥିବାରୁ ସେ ବୋର୍ଡର ସଭାପତି ଦାୟିତ୍ୱ ନେବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଦ୍ୱିତୀୟଥର ଉପସଭାପତି ଲାଗି ପ୍ରାର୍ଥପତ୍ର ଦାଖଲ କରିଥିବା ରାଜୀବ ଶୁକ୍ଲା କହିଛନ୍ତି। ଏହି ଗ୍ରୁପ୍‌ର ଅନ୍ୟମାନଙ୍କ ମଧ୍ୟରେ ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ ଟେଷ୍ଟ କ୍ରିକେଟର କର୍ଣ୍ଣାଟକର ରଘୁରାମ ଭଟ୍ଟ କୋଷାଧ୍ୟକ୍ଷ, ପ୍ରଭତେଜ ସିଂହ ଭାଟିଆ ଯୁଗ୍ମ ସମ୍ପାଦକ, ଅରୁଣ ସିଂ ଧୂମାଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଚେୟାରମ୍ୟାନ୍ ଓ ଜୟଦେବ ଶାହ ଆପେକ୍ସ କାଉନ୍ସିଲ ସଦସ୍ୟ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁମ୍ବଇସ୍ଥିତ ବିସିସିଆଇ ମୁଖ୍ୟକାର୍ଯ୍ୟାଳୟରେ ସେପ୍ଟେମ୍ବର ୨୮ ତାରିଖରେ ଏଜିଏମ୍ ଓ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦିନ ମଧ୍ୟ ୟୁଏଇରେ ଚାଲିଥିବା ଏସିଆ କପ୍ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ଚାଇନା ମାଷ୍ଟର୍ସ

## ସାତ୍ୱିକ-ଚିରାଗ ପୁଣିଥରେ ଫାଇନାଲରେ ଝୁଣ୍ଟିଲେ

ବେଜିଂ, ୨୧।୯ (ଏଜେନ୍ସି): ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ କ୍ରମାଗତ ଦ୍ୱିତୀୟ ସପ୍ତାହରେ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରାଜୟବରଣ କରିଛନ୍ତି। ଗତ ସପ୍ତାହରେ ହଂକଂ ଓପନରେ ରନର୍ସଅପ୍ ହୋଇଥିବା ସାତ୍ୱିକ-ଚିରାଗ ରବିବାର ଚାଇନା ମାଷ୍ଟର୍ସରେ ମଧ୍ୟ ଫାଇନାଲରେ ଝୁଣ୍ଟିଛନ୍ତି। ଆଜି ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ ଟପ୍ ସିଡ୍ କୋରିଆର କିମ୍ ୱନ-ହୋ ଓ ସିଓ ସିଅଙ୍ଗ-ଜାଏ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମରେ ସାତ୍ୱିକ-ଚିରାଗ ଯୋଡ଼ିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ୨୦୨୩ ସଂସ୍କରଣରେ ମଧ୍ୟ ସାତ୍ୱିକ-ଚିରାଗ ଯୋଡ଼ି ଚାଇନା ମାଷ୍ଟର୍ସରେ ରନର୍ସଅପ୍ ରହିଥିଲେ।

## କୋରିଆ ଓପନ୍ ଟାଇଟଲ୍ ଜିତିଲେ ସ୍ୱିଆଟେକ୍




ସିଓଲ୍, ୨୧।୯ (ଏଜେନ୍ସି): ପୋଲାଣ୍ଡ ଯୁବ ଟେନିସ ଖେଳାଳି ଇଗା ସ୍ୱିଆଟେକ୍ ଏଠାରେ ଅନୁଷ୍ଠିତ ୯ କୋଟି ୩୭ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଆଟେକ ୧-୬, ୭-୬ (୩), ୭-୫ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ସ୍ୱିଆଟେକଙ୍କ ଚଳିତ ବର୍ଷର ଏହା ୩ୟ ଟ୍ରଫି ଥିଲା। ଏଥିପୂର୍ବରୁ ସେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଓ ସିନ୍‌ସିନ୍ନାଟି ଓପନ୍‌ରେ ଚାମ୍ପିଅନ ହୋଇଥିଲେ।

## ନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ
## ଜେଏମ୍ ଏକାଡେମୀକୁ ସଫଳତା

ଭୁବନେଶ୍ୱର,୨୧।୯ (ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ହୋଇଯାଇଛି ସିବିଏସ୍‌ଇ ନ୍ୟାସନାଲ ଜିମ୍ନାଷ୍ଟିକ୍ସ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜେଏମ୍ ସ୍ପୋର୍ଟ୍ସ ଏକାଡେମୀକୁ ୧ଟି ପଦକ ମିଳିଛି। ଏହା ମଧ୍ୟରୁ ୧୧ ବର୍ଷରୁ କମ୍ ବାଳକ ବିଭାଗରେ ବିଭାନ୍ୟାସ ପାଣିଗ୍ରାହୀ ପୋମେଲ ହର୍ଷରେ କାଂସ୍ୟ ପଦକ ବିଜୟୀ



ହୋଇଛନ୍ତି। ସେହିପରି ଏହି ବର୍ଗର ବାଳିକା ବିଭାଗରେ ଦିବ୍ୟାଞ୍ଜଳି ମହନ୍ତ ୫ମ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରରେ ସଫଳତା ମିଳିବା ପରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରଶିକ୍ଷାର୍ଥୀ ଆହୁରି ଆଗକୁ ବଢ଼ିବେ ବୋଲି ଏହାର ଅଧ୍ୟକ୍ଷା ମୀରାରାଣି ଦାସ ଆଶା ପ୍ରକାଶ କରିଛନ୍ତି।

## ଟାଇଟଲ୍ ଜିତିଲେ ଜ୍ଞାନରଞ୍ଜନ




ଭୁବନେଶ୍ୱର,୨୧।୯ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଶାନ୍ତିବାଳା ମହାନ୍ତି ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ସେଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସ ଅପ୍ ଓ ଆଦିତ୍ୟରଞ୍ଜନ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଗୋଟିଏ ଦିନରେ ୫ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସର ଡ. ଶୁଭ୍ରା ପଟ୍ଟନାୟକ, ପିପିଟିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ସୁନୀଲ ପଟ୍ଟନାୟକ ଓ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ।

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ୨ରୁ
## ୨୩ କିମ୍ବା ୨୪ରେ ଭାରତୀୟ ଦଳ ଚୟନ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଦଳ ଚଳିତ ମାସ ୨୪ ତାରିଖରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଅହମ୍ମଦାବାଦ୍ ଓ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ନୂଆଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଚଳିତମାସ ୨୩ କିମ୍ବା ୨୪ରେ ଚୟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ବିସିସିଆଇ ସିନିୟର ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଏବେ ଏସିଆ କପ୍ ଲାଗି ୟୁଏଇରେ ଅଛନ୍ତି। ଏଣୁ ଚୟନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବ ବୋଲି ସାଇକିଆ ସୂଚନା ଦେଇଛନ୍ତି। ରୋଷ୍ଟୋନ ଚେଜ୍‌ଙ୍କ ନେତୃତ୍ୱରେ ଘୋଷିତ ୱେଷ୍ଟଇଣ୍ଡିଜ୍ ଦଳରେ ଶିବନାରାୟଣ ଚନ୍ଦରପଲଙ୍କ ସୁପୁତ୍ର ଟାଗେନାରିନ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

### ପ୍ରଜ୍ଞାନ ଓଝା ନୂଆ ଚୟନକର୍ତ୍ତା



ହାଇଦ୍ରାବାଦ୍ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିବା ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ବିସିସିଆଇ ସିନିଅର ଚୟନ କମିଟିର ନୂଆ ସଦସ୍ୟ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏସ୍ ଶରତଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ସମ୍ଭାଳିବେ। ସେହିପରି କେନ୍ଦ୍ରାଞ୍ଚଳର ରୁଦ୍ରପ୍ରତାପ ସିଂ ମଧ୍ୟ ନୂଆ ଚୟନକର୍ତ୍ତା ହେବେ ବୋଲି ସ୍ଥିର ହୋଇଛି। ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଏଜିଏମ୍‌ରେ ଏହି ଦୁଇ ଚୟନକର୍ତ୍ତାଙ୍କ ନାମରେ ମୋହର ବାଜିବ। ଏସ୍ ଶରତ ଓ ସୁବ୍ରତ ବାନାର୍ଜୀଙ୍କ ଲାଗି ଏହା ଶେଷ ଭାରତୀୟ ଦଳ ଚୟନ ହେବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।

## ଓପିଟିଏଲ୍: କେନ୍ଦୁଝର ମାଇନର୍ସର ରୋମାଞ୍ଚକ ବିଜୟ

କଟକ, ୨୧।୯ (ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ରେ ରବିବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ କେନ୍ଦୁଝର ମାଇନର୍ସ ରୋମାଞ୍ଚକ ବିଜୟ ହାସଲ କରିଛି। ଏହି ମ୍ୟାଚରେ କେନ୍ଦୁଝର ଗୋଟିଏ ବଲ୍ ବଳକା ଥାଇ ୪ ୱିକେଟ୍‌ରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ବର୍ଷା ବାଧାପ୍ରାପ୍ତ ଯୋଗୁ ଏହି ମ୍ୟାଚକୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୧୫ ଓଭରରେ ୬ ୱିକେଟ୍ ହରାଇ ୧୨୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୬୫ ରନ କରିଥିଲେ। ଶାଶ୍ୱତ ମହାନ୍ତି ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ପପୁ ରାୟଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କେନ୍ଦୁଝର ମାଇନର୍ସ ୧୪.୫ ଓଭରରେ ୬ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଓପନର୍ ଓମ୍ ଟି ମୁଣ୍ଡେ ୪୦ ବଲରେ ୬୪ ରନର ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ଗୋବିନ୍ଦ ପୋଦ୍ଦାର ମଧ୍ୟ ୩୩ ରନ କରିଥିଲେ। ପୂର୍ବରୁ ରବିବାର ସମ୍ବଲପୁର ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ସିଡ୍‌ନୀ,୨୧।୯ (ଏଜେନ୍ସି): ଅଭିଜ୍ଞାନ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ ବଳରେ ଇଆନ ହିଲି ଓଭାଲରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁଁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୯ ୱିକେଟରେ ୨୨୫ ରନ୍ କରିଥିଲା। ଜବାବରେ ଭାରତୀୟ ଯୁବ ଦଳ ୧୧୭ଟି ବଲ୍ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଅଭିଜ୍ଞାନ କୁଣ୍ଡୁ ୮୭ ଓ ବେଦାନ୍ତ ତ୍ରିବେଦୀ ୬୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରୁ ୧୫୨ ରନ୍ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତଙ୍କ ନଜରରେ ଥିବା ବୈଭବ ସୂର୍ଯ୍ୟବଂଶୀ ୨୨ ବଲ୍‌ରୁ ୭ ଚୌକା ସହ ୩୮ ରନ୍ କରିଥିଲେ।

## ସ୍ୱର୍ଣ୍ଣ ବିଜୟ ସହ ଫେରିଲେ ପ୍ରମୋଦ

ଭୁବନେଶ୍ୱର,୨୧।୯ (ସମିସ)

ପୁଣିଥରେ ସଫଳତାର ସହ ବ୍ୟାଡମିଣ୍ଟନ ଜଗତକୁ ଫେରିଛନ୍ତି ପାରାଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ। ଏବେ ଅନୁଷ୍ଠିତ ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସଏଲ-୩ରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଦୀର୍ଘ ୧୮ ମାସର ବ୍ୟବଧାନ ପରେ ବ୍ୟାଡ୍‌ମିଣ୍ଟନ ଜଗତକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟପ୍ ଆଥ୍‌ଲେଟ ଯେଉଁଆଡେ ରହିଲେ ମଧ୍ୟ ସେମାନେ ନାଡା ଓ ସେମାନଙ୍କ ସଂଗଠନକୁ ଜଣାଇବା ଜରୁରୀ। କିନ୍ତୁ ପ୍ରମୋଦ ତାହା ଏକାଧିକ ଥର କରି ନ ଥିବାରୁ ହ୍ୱେୟାର ଆବାଉଟ୍ କ୍ଲଜ୍ ଅନୁଯାୟୀ ବାସନ୍ଦ ହୋଇଥିଲେ।



ଯାହାଫଳରେ ପ୍ୟାରିସ ପାରା ଅଲିମ୍ପିକ୍ସରେ ସେ ଭାଗନେଇ ପାରି ନ ଥିଲେ। ସାମାନ୍ୟ ତ୍ରୁଟି ଯୋଗୁଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ନ ପାରିବା କେବଳ ପ୍ରମୋଦ ନୁହେଁ ବରଂ ସମଗ୍ର ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ କଷ୍ଟ ଦେଇଥିଲା। ସେ ଯାହା ହେଉ ଏବେ ସେ ପୁଣିଥରେ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ଦୌଡ଼କୁ ଫେରିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଆଶା କରାଯାଉଛି।

ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ-୩ ଫାଇନାଲରେ ଇଣ୍ଡୋନେସିଆର ମୁହ ଅଲ ଇମ୍ରାନଙ୍କୁ ୨୧-୧୯, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ପାର୍ଟନର କରି ସେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ଜାପାନରୁ ଆରମ୍ଭ ଓ ଶେଷ
## ଅବସର ନେଲେ ଧାବିକା ସେଲୀ

ଟୋକିଓ, ୨୧।୯ (ଏଜେନ୍ସି): ଜାମାଇକାର ମହାନ ଧାବିକା ସେଲୀ-ଆନ୍ନ ଫ୍ରେଜର-ପ୍ରେସି ୧୮ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ରବିବାର ଅବସର ନେଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ୩୮ ବର୍ଷୀୟା ସେଲୀ ଯେଉଁଠୁ କ୍ୟାରିୟର ଆରମ୍ଭ କରିଥିଲେ ସେହି ଦେଶରେ ବିଦାୟୀ ରେସରେ ମଧ୍ୟ ଦୌଡ଼ିଛନ୍ତି। ୧୮ ବର୍ଷ ତଳେ ୨୦୦୭ରେ ଜାପାନର ଓସାକା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଜରିଆରେ ସେଲୀ ଅନ୍ତର୍ଜାତୀୟ ଦୌଡ଼କୁଦରେ ପାଦ ଥାପିଥିଲେ।




ରବିବାର ସେହି ଜାପାନର ଟୋକିଓରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସେଲୀ ନିଜର ବିଦାୟୀ ରେସରେ ଦୌଡ଼ିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରେସରେ ଜାମାଇକା ଦଳ ରୌପ୍ୟ ପଦକ ଜିତିଥିଲା। ଏହି ଦଳରେ ସଦସ୍ୟା ଥିବା ସେଲୀ ରୌପ୍ୟ ପଦକ ସହ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରର ଅନ୍ତ ଘଟାଇଛନ୍ତି। ନିକଟରେ ସେଲୀ ଘୋଷଣା କରିଥିଲେ ଯେ, ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ପରେ ସେ ଅବସର ନେବେ। ସେଲୀ ତାଙ୍କ କ୍ୟାରିୟରରେ ୩ଥର ଅଲିମ୍ପିକ ଓ ୧୦ଥର ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ମୋଟ୍ ଉପରେ ୨୫ ପଦକ ଜିତି ବିଶ୍ୱ ଆଥ୍‌ଲେଟିକ୍ସରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS